

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୧ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 01 August 2024
Vol.No. 35 ■ No.206 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ହୀରାକୁଦର ଆଉ ୪ଟି ଗେଟ୍ ବନ୍ଦ

ସମ୍ବଲପୁର/ଭୁବନେଶ୍ୱର, ୩୧/୭ (ନି.ପ୍ର): ହୀରାକୁଦ ଡ୍ୟାମ୍‌ର ଆଉ ୪ ଗେଟ୍ ବନ୍ଦ ହୋଇଛି। ବର୍ତ୍ତମାନ ୧୪ଟି ଗେଟ୍ ଦେଇ ଡ୍ୟାମ୍‌ରୁ ଜଳ ନିଷ୍କାସନ ଜାରି ରହିଛି। ବାମପାର୍ଶ୍ୱରେ ୧୦ଟି ଏବଂ ଡାହାଣ ପାର୍ଶ୍ୱରେ ୪ଟି ଗେଟ୍ ଖୋଲା ରହିଛି। ଏବେ ହୀରାକୁଦର ଜଳସ୍ତର ୬୧୧.୮୫ ଫୁଟ୍ ରହିଛି। ୧ ଲକ୍ଷ ୫୭ ହଜାର ୨୭୨ କ୍ୟୁସେକ ଜଳ ବର୍ତ୍ତମାନ ଡ୍ୟାମ୍ ମଧ୍ୟକୁ ପ୍ରବେଶ କରୁଥିବାବେଳେ ୩ ଲକ୍ଷ ୯ ହଜାର ୭୪୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବା ସୂଚନା ମିଳିଛି। ଗତ ରବିବାର ଦିନ ପର୍ଯ୍ୟାୟକ୍ରମେ ୨୦ଟି ଗେଟ୍ ଖୋଲା ଯାଇଥିଲା।

# ବିଜେଡି ଛାଡ଼ିଲେ: ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଲେ ମମତା



ଭୁବନେଶ୍ୱର, ୩୧/୭ (ନି.ପ୍ର): ନିର୍ବାଚନ ପରେ ବିଜୁ ଜନତା ଦଳକୁ ବଡ଼ ଧକ୍କା । ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଲେ ବିଜେଡି ସାଂସଦ ମମତା ମହାନ୍ତ । ରାଜ୍ୟସଭା ସାଂସଦ ପଦ ସହ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ସେ ଇସ୍ତଫା ଦେଇଛନ୍ତି । ଏ ନେଇ ସୋସିଆଲ ମିଡିଆ 'ଏକ୍ସ' ହ୍ୟାଣ୍ଡେଲରେ ନିଜେ ସୂଚନା ଦେଇଛନ୍ତି ମମତା ମହାନ୍ତ । ଇସ୍ତଫାର କାରଣ ସମ୍ପର୍କରେ ମମତା ଦର୍ଶାଇଛନ୍ତି ଯେ, ବିଜେଡିରେ ସେ ଅଲୋଡ଼ା ହୋଇପଡ଼ିଥିଲେ ଏବଂ ଦଳ ତାଙ୍କ ସେବାର ଆବଶ୍ୟକତା ଅନୁଭବ କରୁନଥିଲା । ସେ ଲୋକଙ୍କ ନେତା ଏବଂ ଲୋକଙ୍କ ସେବା ହିଁ ତାଙ୍କର ମୁଖ୍ୟ ଧ୍ୟେୟ ବୋଲି ସେ ଉଲ୍ଲେଖ କରିଛନ୍ତି । ଏହି କାରଣରୁ ସେ ଆଉ ସେହି ଦଳରେ ରହିବାର ଆବଶ୍ୟକତା ଅନୁଭବ କରୁନାହାନ୍ତି ବୋଲି ଉଲ୍ଲେଖ କରିଛନ୍ତି ମମତା । ମୟୂରଭଞ୍ଜ ଜିଲ୍ଲାର କୁଡୁମୀ ସଂପ୍ରଦାୟର ଟାଣୁଆ ନେତ୍ରୀ ମମତା ମହାନ୍ତ ୨୦୨୦ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୬ ଏପ୍ରିଲରେ ତାଙ୍କ କାର୍ଯ୍ୟକାଳ ସରିବାର ଥିଲା । ତେବେ ଏହାର ପ୍ରାୟ ୨୧ ମାସ ପୂର୍ବରୁ ସେ ରାଜ୍ୟସଭା ସଭ୍ୟ ପଦ ସହ ବିଜେଡି ମଧ୍ୟ ଛାଡ଼ିଛନ୍ତି। ସେପଟେ ମମତା ସାଂସଦ ପଦରୁ ଇସ୍ତଫା ଦେଇଥିବା ନେଇ ରାଜ୍ୟସଭାର ଅଧ୍ୟକ୍ଷ ଜଗଦୀପ ଧନକଡ ସୂଚନା ଦେଇଛନ୍ତି। ମମତାଙ୍କ ଇସ୍ତଫା ପରେ ବିଜେଡିର ରାଜ୍ୟସଭା ସାଂସଦଙ୍କ ସଂଖ୍ୟା ୯ରୁ ୮କୁ ଖସିଛି । ମୋତେ ଜିଲ୍ଲା ପରିଷଦର ସଦସ୍ୟ ଓ ରାଜ୍ୟସଭାର ସଦସ୍ୟ ଭାବେ ସେ ମନୋନୀତ କରି ମୋର ଜିଲ୍ଲା ମୟୂରଭଞ୍ଜ ଏବଂ ରାଜ୍ୟର ସେବା କରିବା ପାଇଁ ସୁଯୋଗ ଦେଇଥିଲେ ବୋଲି ମମତା ଲେଖିଛନ୍ତି। ଆଉ ଏକ ପୋଷ୍ଟରେ ସେ ଲେଖିଛନ୍ତି, ଆଜି ମୋର ସେବାର ଆବଶ୍ୟକତା ସେ ଦଳ ଅନୁଭବ କରୁନାହିଁ। ମୁଁ ଯେହେତୁ ଲୋକଙ୍କ ନେତା। ତେଣୁ ସେମାନଙ୍କ ସେବା ହିଁ ମୋର ମୁଖ୍ୟ ଧ୍ୟେୟ। ସେଥିପାଇଁ ମୁଁ ସେ ଦଳରେ ରହିବାର ଆବଶ୍ୟକତା ଅନୁଭବ କଲିନାହିଁ। ସେଥିପାଇଁ ମୁଁ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟତା ଓ ରାଜ୍ୟସଭା ସଭ୍ୟ ପଦରୁ ଇସ୍ତଫା ଦେଲି ବୋଲି ମମତା ଲେଖିଛନ୍ତି। କୁଡୁମୀ ସଂପ୍ରଦାୟର ଜଣେ ଟାଣୁଆ ନେତ୍ରୀ ଭାବେ ବେଶ୍ ପରିଚିତ ଥିଲେ ମମତା ମହାନ୍ତ। ନିଜ ସମ୍ପ୍ରଦାୟ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ଏହି ସମ୍ପ୍ରଦାୟରେ ମୟୂରଭଞ୍ଜ ଓ ପଡ଼ୋଶୀ କେନ୍ଦୁଝରରେ ବହୁ ଲୋକ ଅଛନ୍ତି। ଆଗାମୀ ଦିନରେ ଏହା ବିଜେଡି ପାଇଁ ମହଙ୍ଗା ପଡ଼ିପାରେ ବୋଲି ଚର୍ଚ୍ଚା ହେଉଛି।

# ଆଇଏଏସ ପଦ ହରାଇଲେ ପୂଜା



ନୂଆଦିଲ୍ଲୀ, ୩୧/୭ : ବିବାଦରେ ଥିବା ଟ୍ରେନି ଆଇଏଏସ୍ ପୂଜା ଖେଡ଼କରଙ୍କୁ ଶକ୍ତ ଝଟକା ଲାଗିଛି। ସେ ତାଙ୍କ ଆଇଏଏସ୍ ପଦ ହରାଇଛନ୍ତି। ପୂଜା ଏଣିକି ଆଉ ଆଇଏଏସ ନୁହନ୍ତି। ଆଜି ୟୁପିଏସ୍‌ସି ତରଫରୁ ତାଙ୍କର ପ୍ରୋଭିଜନାଲ ପ୍ରାର୍ଥିତ୍ୱ ବା ଆଇଏଏସ୍ ମନୋନୟନକୁ ବାତିଲ କରି ଦିଆଯାଇଛି। ଏଥିସହ ତାଙ୍କୁ ଭବିଷ୍ୟତରେ କମିଶନ ପକ୍ଷରୁ ଆୟୋଜିତ ସମସ୍ତ ପରୀକ୍ଷାରୁ ବଞ୍ଚିତ କରାଯାଇଛି। ଏହାର ଅର୍ଥ ସେ ଆଉ ୟୁପିଏସ୍‌ସି ପରୀକ୍ଷା ଦେଇ ପାରିବେ ନାହିଁ। ନକଲି ପରିଚୟପତ୍ର ସହ ସେ ଏକାଧିକ ଥର ପରୀକ୍ଷାରେ ଅଂଶଗ୍ରହଣ କରିଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁଣେରେ ଟ୍ରେନି ଆଇଏଏସ୍ ଭାବେ ଯୋଗ ଦେଇଥିବା ପୂଜା ନିଜ କ୍ଷମତାର ଅପବ୍ୟବହାର କରିଥିଲେ। ଏଥିସହ ସେ ତାଙ୍କ ଦିବ୍ୟାଙ୍ଗ ଓ ପଛୁଆ ବର୍ଗର ସଂରକ୍ଷଣ ବ୍ୟବସ୍ଥାରେ ମଧ୍ୟ ହେରଫେର କରିଥିବା ଅଭିଯୋଗ ହୋଇଛି। ପ୍ରମାଣପତ୍ରରେ ହେରଫେର କରି ସେ ୟୁପିଏସ୍‌ସି ପରୀକ୍ଷାରେ କୃର୍ତ୍ତକାର୍ଯ୍ୟ ହୋଇଥିଲେ ବୋଲି ଅଭିଯୋଗ ଆସିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ▶▶ପୃଷ୍ଠା ୭

# ହଜିଯିବ ବିଏସକେୱାଇ : ଆସିବ ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ସ୍କିମ୍



ଭୁବନେଶ୍ୱର, ୩୧/୭ (ନି.ପ୍ର): ୬ବର୍ଷ ଚାଲିବା ପରେ ଏବେ ହଜିଯିବ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ଲାଗୁହେବ ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଏଥିପାଇଁ ନିଜ ସରକାରର ପ୍ରଥମ ବଜେଟରେ ୩ ହଜାର ୫୫୬ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ- ଜନ ଆରୋଗ୍ୟ ଯୋଜନା ପାଇଁ ୫୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ରାଜ୍ୟର ନିଜସ୍ୱ ପାଣ୍ଠିରେ ଚାଲିବାକୁ ଥିବା ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ପାଇଁ ୩ ହଜାର ୫୬ କୋଟି ଟଙ୍କା ରଖାଯାଇଛି। ବଡ଼ ପ୍ରଶ୍ନ, ନବୀନ ସରକାରରେ ୨୦୧୮ ଅଗଷ୍ଟ ୧୫ରେ ଆରମ୍ଭ ହୋଇଥିବା ବିଏସକେୱାଇ ବଦଳରେ କିଭଳି ଲାଗୁହେବ ଦୁଇ ଦୁଇଟି ଯୋଜନା ? କେଉଁ ହିତାଧିକାରୀ କେଉଁ ଯୋଜନାରେ ଅନ୍ତର୍ଭୁକ୍ତ ହେବେ? ▶▶ପୃଷ୍ଠା ୭

# କେରଳ ଜଳପ୍ରଳୟ ମୃତ୍ୟୁସଂଖ୍ୟା ୨୦୦ ଡେଇଁଲା: ଜୁଡୁ ବର୍ଷାରେ ଚାଲିଛି ଜୀବନ ଖୋଜା



ନୂଆଦିଲ୍ଲୀ, ୩୧/୭ : କେରଳର ୱାୟନାଡରେ ହୋଇଥିବା ଭୟଙ୍କର ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୨୦୦ ପାର କରିଛି। ୱାୟନାଡର ମୁଣ୍ଡାକ୍କାଇ ଓ ଚୋରାରମାଲାରେ ଭୂସ୍ଖଳନ ପରେ ନଦୀ ଜଳ ଗାଁ ଭିତରେ ପଶି ମୃତ୍ୟୁର ତାଣ୍ଡବ ରଚିଛି। ବର୍ତ୍ତମାନ ସୁଦ୍ଧା ୱାୟନାଡରେ ସୃଷ୍ଟି ହୋଇଥିବା ଜଳ ପ୍ରଳୟରେ ମୃତ୍ୟୁସଂଖ୍ୟା ୨୦୫ ଛୁଇଁଥିବା ରିପୋର୍ଟ ପ୍ରକାଶ ପାଇଛି। ଏବେ ବି ୨୦୦ରୁ ଅଧିକ ଲୋକ ମାଟି ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟରେ ସେନା ବାହିନୀର ଯବାନଙ୍କ ଠାରୁ ଆରମ୍ଭ କରି ସନ୍ଧାନୀ କୁକୁର ନିୟୋଜିତ ହୋଇଛନ୍ତ। ସମସ୍ତେ ମାଟି ଓ ପଙ୍କ ତଳୁ ଜୀବନ ସନ୍ଧାନରେ ଲାଗିଛନ୍ତି। ଜୁଡୁ ବର୍ଷାରେ ବି ଉଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରାଯାଉଛି। କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ ଗୋଟିଏ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ଭୂସ୍ଖଳନରେ ପ୍ରଭାବିତ ହୋଇଥିବା ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୪୪ଟି ମୃତଦେହ ମିଳିଛି। ଏମାନଙ୍କ ମଧ୍ୟରେ ୭୯ ଜଣ ପୁରୁଷ ଓ ୬୪ ଜଣ ମହିଳା ରହିଛନ୍ତି। ସେହିପରି ୧୯୧ ଜଣ ନିଖୋଜ ଥିବା ରିପୋର୍ଟରୁ ଜଣାପଡ଼ିଛି। ଦୁଇ ଦିନ ଭିତରେ ମାଟି ତଳୁ ଓ ଭଗ୍ନସ୍ତୂପ ତଳୁ ୧୫୯୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଆହୁରି ଅନେକ ଲୋକ ଉଦ୍ଧାର ଅପେକ୍ଷାରେ ରହିଛନ୍ତି। ସେହିପରି ଭୂସ୍ଖଳନ ପରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ସାରିଥିବା ଗାଁ ଗୁଡ଼ିକରୁ ଅତିରିକ୍ତ ୧୩୮୬ ଜଣଙ୍କୁ ଉଦ୍ଧାର କରାଯାଇ ୭ଟି କ୍ୟାମ୍ପରେ ରଖାଯାଇଛି। ୨୦୧ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୯୧ ଜଣ ଏବେ ବି ଚିକିତ୍ସିତ ହେଉଛନ୍ତି। ମୋଟ ଉପରେ ୮୦୧୭ ଜଣ ଲୋକ ଏବେ ୮୨ଟି ରିଲିଫ କ୍ୟାମ୍ପରେ ରହିଛନ୍ତି। ଆଦିବାସୀ ସଂପ୍ରଦାୟର ଲୋକଙ୍କୁ ଠାବ କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ସରକାରଙ୍କ ପକ୍ଷରୁ ଖାଦ୍ୟ ଓ ମେଡିକାଲ ସୁବିଧା ଯୋଗାଇ ଦିଆଯାଇଛି। ▶▶ପୃଷ୍ଠା ୭

# 'ସରକାର ଚିଠି କଲେ ବେଆଇନ ଆପାର୍ଟମେଣ୍ଟ ଭାଙ୍ଗିବୁ'



ଭୁବନେଶ୍ୱର, ୩୧/୭ (ନି.ପ୍ର): ରାଜ୍ୟର ବିଭିନ୍ନ ସହରରେ ବେଆଇନ୍ ଭାବେ ଗଢି ଉଠିଛି ଶତାଧିକ ଆପାର୍ଟମେଣ୍ଟ । ସେଭିତରୁ କେବଳ ରାଜଧାନୀର ଛାତି ଉପରେ ଆଇନ ଉଲ୍ଲଂଘନ କରି ତିଆରି ହୋଇଥିବା ଆପାର୍ଟମେଣ୍ଟ ଓ କୋଠାବାଡ଼ି ବିରୋଧରେ ୬୮୯ଟି ମାମଲା ରୁଜୁ ହୋଇଛି । ଗତକାଲି ଏଭଳି ଆଖି ଖୋସିଦେଲା ଭଳି ତଥ୍ୟ ବିଧାନସଭାରେ ରଖିଥିଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ । ତେବେ ସ୍ମାର୍ଟ ସିଟିରେ ବେଆଇନ ଆପାର୍ଟମେଣ୍ଟ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଏମ୍‌ସି ମେୟର ସୁଲୋଚନା ଦାସ । ସେ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ଯାହା ରହିବ ବିଏମ୍‌ସି ତାକୁ ମାନିବ । ଆପାର୍ଟମେଣ୍ଟକୁ ଭାଙ୍ଗିଲେ ସେହି ଅନୁଯାୟୀ କ୍ଷତିପୂରଣ ଦେବାକୁ ପଡ଼ିବ। ବିଏମ୍‌ସି ପାଖରେ କ୍ଷତିପୂରଣ ଦେବାକୁ ପଇସା ନାହିଁ। ସରକାର ଯଦି କ୍ଷତିପୂରଣ ଦେବେ, ଆମକୁ ଅନୁମତି ଦେଲେ ▶▶ପୃଷ୍ଠା ୭

# ସରକାରଙ୍କ ସ୍କାନରରେ ଭୂତ ରାସନକାର୍ଡଧାରୀ: ବାଦ୍ ପଡ଼ିବେ ୧୬ ଲକ୍ଷ



ଭୁବନେଶ୍ୱର, ୩୧/୭ (ନି.ପ୍ର): ରାଜ୍ୟରେ ମାଳ ମାଳ ଭୂତ ରାସନ କାର୍ଡ ହିତାଧିକାରୀ। ବର୍ଷ ବର୍ଷ ଧରି ଗଳା ବାଟରେ ଅଯୋଗ୍ୟ ହିତାଧିକାରୀ ନେଉଛନ୍ତି ଫାଇଦା। ନୂଆ ସରକାର ସ୍କାନରରେ ଏବେ ସେଇ ଭୂତ ହିତାଧିକାରୀ । ବିଧାନସଭା ପ୍ରଶ୍ନକାଳରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରଖିଥିବା ଉତ୍ତର ଆଖି ଖୋସିଲା ଭଳି । ରାଜ୍ୟରେ ଭୂତ ରାସନ କାର୍ଡ ଧାରୀ ସଂଖ୍ୟା ହେଲା ୧୬ ଲକ୍ଷ ୨୭ ହଜାର ୯୩୨ । ଏବେ ସୁଦ୍ଧା ଏମାନେ ଚିହ୍ନଟ ହୋଇଛନ୍ତି। ସରକାର ରଳଚ୍ଛମ ଲାଗୁ କରିବାକୁ ଯାଉଛନ୍ତି । ଯାହା ଫଳରେ ଅଯୋଗ୍ୟ ହିତାଧିକାରୀଙ୍କ ନାଁ ତାଲିକାରୁ ଆପେ ଆପେ କଟିଯିବ। ମୃତକଙ୍କ ନାଁ କୁ ମଧ୍ୟ ତାଲିକାରୁ ବାଦ ଦିଆଯାଉଛି। ଏପରିକି ଅନେକ ଧନୀ ଲୋକ ବିଜେଡି ନେତାଙ୍କ ଜରିଆରେ ରାସନ କାର୍ଡ ହାତେଇଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ତତ୍କାଳୀନ ବିଜେଡି ସରକାର ବିରୁଦ୍ଧରେ ଗୃହରେ ସାଙ୍ଘାତିକ ଅଭିଯୋଗ ଆଣି ମନ୍ତ୍ରୀ କହିଥିଲେ, ବିଜେଡି ସରକାର ସମୟରେ ରାସନ ଡିଲର୍ ସବୁ ଖାଇ ଖୋଳ କରିଦେଇଛନ୍ତି । ▶▶ପୃଷ୍ଠା ୭

## କେରଳ ଭୂସ୍ଖଳନରେ ନିଖୋଜ ଓଡିଆ ଡାକ୍ତରଙ୍କ ମୃତଦେହ ମିଳିଲା

ଭୁବନେଶ୍ୱର, ୩୧/୭ (ନି.ପ୍ର): କେରଳ ଭୂସ୍ଖଳନରେ ଓଡ଼ିଆ ଡାକ୍ତର ବିଷ୍ଣୁ ପ୍ରସାଦ ଚିନାରାଙ୍କ ମୃତ୍ୟୁ ହୋଇଛି । ଡାକ୍ତର ବିଷ୍ଣୁ ପ୍ରସାଦଙ୍କ ମୃତଦେହ ମିଳିଥିବା ନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଏବେ ବି ବିଷ୍ଣୁ ପ୍ରସାଦଙ୍କ ବନ୍ଧୁ ସ୍ୱାଧୀନ ପଣ୍ଡାଙ୍କର ସନ୍ଧାନ ମିଳିନାହିଁ। ଏହା ପରେ ଓଡ଼ିଶା ଅଧିକାରୀଙ୍କ ଏକ ଟିମ୍ କେରଳ ଅଭିମୁଖେ ଯାଇଛି।

## ନକଲି ବିହନ ଯୋଗାଣକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ: କୃଷି ମନ୍ତ୍ରୀ

ଭୁବନେଶ୍ୱର, ୩୧/୭ (ନି.ପ୍ର): ସରକାରୀ ସ୍ତରରେ ଚାଷୀଙ୍କୁ ଦିଆଯାଉଥିବା ବିହନ ଯଦି ଗଜା ନହୁଏ କିମ୍ବା ଠିକ୍ ଭାବେ ଫସଲ ନଫଳେ ତେବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ । ଆଜି ପ୍ରଶ୍ନକାଳରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏ ସମ୍ପର୍କିତ ପ୍ରଶ୍ନ ଉପରେ ଆଲୋଚନା ବେଳେ ଏହି ପ୍ରଶ୍ନ ଉଠାଇଥିଲେ । ଏହାର ଉତରରେ କୃଷି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏଭଳି ଘଟଣା ସାମନାକୁ ଆସିଲେ ନକଲୀ ବିହନ ଯୋଗାଣକାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଗ୍ରାହକ ସାଜି ୭ ହାତୀ ଦାନ୍ତ ତସ୍କରଙ୍କୁ ମାଡ଼ି ବସିଲା ବନ ବିଭାଗ



ମୟୂରଭଞ୍ଜ, ୩୧/୭ (ନି.ପ୍ର): ଗ୍ରାହକ ସାଜି ୭ ହାତୀ ଦାନ୍ତ ତସ୍କରଙ୍କୁ ମାଡ଼ି ବସିଲା ବନ ବିଭାଗ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ରେଞ୍ଜ ବିଦ୍ୟାଧରପୁର ଗାଁରୁ ସମସ୍ତ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଛି। ଏଥିସହ ହାତୀ ଦାନ୍ତ ମଧ୍ୟ ଜବତ କରିଛି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ବାରିପଦା ବନଖଣ୍ଡ ଅଧିନ କପ୍ତିପଦା ରେଞ୍ଜରେ ହାତୀ ଦାନ୍ତ କାରବାର ହେଉଥିଲା। ଏ ସମ୍ପର୍କରେ ବନ ବିଭାଗ ପାଖରେ ଖବର ଥିଲା। ଯୋଜନା ମୁତାବକ ବନ ବିଭାଗର ଜଣେ ବ୍ୟକ୍ତି ଗ୍ରାହକ ହୋଇ ହାତୀ ▶▶ପୃଷ୍ଠା ୭

# ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲା କଂଗ୍ରେସ



ନୂଆଦିଲ୍ଲୀ, ୩୧/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଗୋଟିଏ ସ୍ୱାଧିକାର ଭଙ୍ଗ ନୋଟିସ ଲୋକସଭାରେ ଆଗତ କରାଯାଇଛି। କଂଗ୍ରେସ ସାଂସଦ ଚରଣଜିତ ସିଂହ ଚନ୍ନି ଏପରି ନୋଟିସ ଦେଇଛନ୍ତି। ବିଜେପି ସାଂସଦ ଅନୁରାଗ ଠାକୁର ମଙ୍ଗଳବାର ଲୋକସଭାରେ କଂଗ୍ରେସ ସାଂସଦଙ୍କ ରାହୁଲ ଗାନ୍ଧିଙ୍କ ପ୍ରତି ଜାତିକୁ ନେଇ ଅପଶବ୍ଦ ପ୍ରୟୋଗ କରିଥିଲେ। ଅନୁରାଗ ଠାକୁରଙ୍କ ଉକ୍ତ ଜାତି ଭିତ୍ତିକ ବୟାନକୁ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଏକ୍ସରେ ସମର୍ଥନ କରି ଶେୟାରି କରିଥିଲେ। ଏହାକୁ ବିରୋଧ କରି କଂଗ୍ରେସ ପକ୍ଷରୁ ମୋଦିଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଅଣାଯାଇଛି। ଚନ୍ନି ନିଜର ଅଭିଯୋଗରେ ଦର୍ଶାଇଛନ୍ତି ଯେ ଲୋକସଭାରେ ବିଜେପି ସାଂସଦଙ୍କ ପକ୍ଷରୁ ଅନେକ ପ୍ରକାରର ଆପତ୍ତିଜନକ ବୟାନ ଦିଆଯାଇଥିଲା। ଏହା ମଧ୍ୟରୁ ତାଙ୍କର କିଛି ମନ୍ତବ୍ୟକୁ ଗୃହ କାର୍ଯ୍ୟରୁ ହଟାଇ ଦିଆଯାଇଥିଲା। ତଥାପି ପ୍ରଧାନମନ୍ତ୍ରୀ ବିଜେପି ସାଂସଦଙ୍କ ପୂରା ଭାଷଣକୁ ନିଜର ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ ନିଶ୍ଚିତ ଶୁଣନ୍ତୁ ଓ ଏହା ତଥ୍ୟର ମିଳନ ଓ ହ୍ୟୁମର। ଏହା ଇଣ୍ଡି ମେଣ୍ଟ(ଇଣ୍ଡିଆ ବ୍ଲକ) ଡାର୍ଟି ରାଜନୀତିର ପର୍ଦ୍ଦାଫାସ କରିଛି। ପ୍ରଧାନମନ୍ତ୍ରୀ ମୋଦି ଏପରି ପୋଷ୍ଟ କରି ସଂସଦର ସ୍ୱାଧିକାରକୁ ଭାଙ୍ଗିବା ଭଳି ପ୍ରସଙ୍ଗକୁ ଆହୁରି ଉତ୍ସାହିତ କରୁଛନ୍ତି ବୋଲି କଂଗ୍ରେସ କହିଛି। ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଅନୁରାଗ ଠାକୁରଙ୍କ ବୟାନ ଅତ୍ୟନ୍ତ ଅଭଦ୍ର ଓ ଅସାମ୍ବିଧାନିକ। ମଙ୍ଗଳବାର ବଜେଟ ଉପରେ ଆଲୋଚନା ଚାଲିଥିବା ବେଳେ ଅନୁରାଗ ଠାକୁର କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଗାନ୍ଧି ଓ ବିରୋଧୀ ▶▶ପୃଷ୍ଠା ୭

# ଏମ୍ସ ଭୁବନେଶ୍ୱରରେ ବାର୍ଷିକ ହେଉଛି ୪ ହଜାରରୁ ଉର୍ଦ୍ଧ୍ୱ କର୍କଟ ରୋଗୀଙ୍କ ଅସ୍ତ୍ରୋପଚାର

ଭୁବନେଶ୍ୱର, ୩୧/୦୭ (ନି.ପ୍ର): ବର୍ଷକୁ ବର୍ଷ ମୁଣ୍ଡ ଏବଂ ଗଳା କର୍କଟ ରୋଗୀଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟୁଛି । ଯାହାକି ନିହାତି ଚିନ୍ତାଜନକ । ଏମ୍ସ ଭୁବନେଶ୍ୱର ଇଏନ୍‌ଟି ଏବଂ ରେଡିଓଥେରାପି ବିଭାଗକୁ କେବଳ ବାର୍ଷିକ ୧୦ ହଜାରରୁ ଅଧିକ ରୋଗୀ ଚିକିତ୍ସା ନିମନ୍ତେ ଆସୁଛନ୍ତି । ଏଥିମଧ୍ୟରୁ ସାଢ଼େ ତିନି ହଜାରରୁ ୪ ହଜାର ରୋଗୀ କେବଳ ମୁଣ୍ଡ ଏବଂ ଗଳା କର୍କଟ ଭାବେ ଚିହ୍ନଟ ହେଉଛନ୍ତି । ଏମାନଙ୍କର ଅସ୍ତ୍ରୋପଚାର କରାଯାଉଥିବା ବେଳେ ପ୍ରାୟ ୧୨ଶହରୁ ଅଧିକ ରୋଗୀ ରେଡିଓଥେରାପି ଏବଂ କେମୋଥେରାପି ଗ୍ରହଣ କରନ୍ତି । ମଦ୍ୟପାନ ଏବଂ ତମାଖୁ ସେବନ ହେତୁ ମୁଣ୍ଡ ଏବଂ ଗଳା କର୍କଟ ରୋଗର ଭୟାବହତା ବୃଦ୍ଧି ଘଟୁଥିବା ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି । ତମାଖୁ ସେବନ, ଧୂମପାନ ଏବଂ ମଦ୍ୟପାନ ପରି କୁଅଭ୍ୟାସ କାରଣରୁ ଏହା କ୍ରମଶଃ ଭୟଙ୍କର ରୂପ ଧାରଣ କରୁଛି । ତେବେ ଉପରୋକ୍ତ ମାଦକ ଦ୍ରବ୍ୟକୁ ପରିତ୍ୟାଗ ଦ୍ୱାରା ଏହି ପ୍ରାଣଘାତୀ ରୋଗର ପ୍ରତିରୋଧକୁ ସେ ଗୁରୁତ୍ୱାରୋପ କରିଥିଲେ । ଥରେ ଚିହ୍ନଟ ହେବା ପରେ ଅସ୍ତ୍ରୋପଚାର, ରେଡିଓଥେରାପି ଏବଂ କେମୋଥେରାପି ଦ୍ୱାରା ଏହି କର୍କଟ ରୋଗର ଚିକିତ୍ସା କରାଯାଇ ଆରୋଗ୍ୟ କରାଯାଇପାରିବ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି । ଏମ୍ସ ଭୁବନେଶ୍ୱରରେ ସମସ୍ତ ଚିକିତ୍ସା ସୁବିଧା ମାଗଣାରେ ଯୋଗାଇ ଦିଆଯାଉଥିବା ପ୍ରକାଶ । ମୁଣ୍ଡ ଏବଂ ଗଳା କର୍କଟ, ବିଶେଷତଃ ମୁଖ ଗହ୍ୱରକୁ ପ୍ରଭାବିତ କରିଥାଏ । ଭାରତୀୟଙ୍କ ମଧ୍ୟରେ ଏହା ସର୍ବାଧିକ କର୍କଟ ଅଟେ । ମହିଳାଙ୍କ ତୁଳନାରେ ଏହି ରୋଗରେ ପୁରୁଷମାନେ ଅଧିକ ଆକ୍ରାନ୍ତ ହୁଅନ୍ତି । ପାଟି ଖୋଲିବାରେ ଅସୁବିଧା ହେବା ସହିତ ପାଟି କ୍ରମଶଃ ସଙ୍କୁଚିତ ହୋଇଯିବା, ତୁଣ୍ଡ ଘା’, ଦାନ୍ତ ଓ ବେକ ଫୁଲିଯିବା ଭଳି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବାକୁ ଏମ୍ସ ଇଏନ୍‌ଟି ଏବଂ ମୁଣ୍ଡ ଏବଂ ଗଳା ସର୍ଜରୀ ବିଭାଗର ମୁଖ୍ୟ ଡ. ପ୍ରଦୀପ କୁମାର ପରିଡ଼ା ପରାମର୍ଶ ଦେଇଛନ୍ତି । ଏନେଇ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏମ୍ସ ଭୁବନେଶ୍ୱର ଇଏନ୍‌ଟି ଏବଂ ରେଡିଏସନ୍ ଅଙ୍କୋଲୋଜି ବିଭାଗ ସହଯୋଗରେ ବିଶ୍ୱ ମୁଣ୍ଡ ଏବଂ ଗଳା କର୍କଟ ଦିବସ ଅବସରରେ ଶନିବାର ଦିନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡିନ୍ ଡ. ପ୍ରଶାନ୍ତ ଆର ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ଅଶୋକ କୁମାର ଜେନାଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକ, ଛାତ୍ରଛାତ୍ରୀ ଏବଂ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଉପସ୍ଥିତ ଥିଲେ । ମଦ୍ୟପାନ, ତମ୍ବାଖୁଜାତୀୟ ନିଶାଦ୍ରବ୍ୟ ସେବନ ପରିତ୍ୟାଗ ସହିତ କର୍କଟ ଚିହ୍ନଟ ଏବଂ ଚିକିତ୍ସା ସମ୍ପର୍କରେ ସଚେତନତା ପ୍ରସାର କରାଯାଇଥିଲା ।

ପ୍ରତି ସୋମବାର ଦିନ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏକ ମୁଣ୍ଡ ଏବଂ ଗଳା କର୍କଟ କ୍ଲିନିକ୍ କାର୍ଯ୍ୟକାରୀ ହେଉଥିବା ଇଏନ୍‌ଟି ବିଭାଗର ସହଯୋଗୀ ପ୍ରଫେସର ଡ. ଦିଲ୍ଲୀପ କୁମାର ସାମଲ ସୂଚନା ଦେଇଛନ୍ତି । ସଚେତନତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ମୁଖ କର୍କଟ ଏବଂ ମୁଣ୍ଡ ଏବଂ ଗଳା କର୍କଟ ପାଇଁ ମାଗଣା ସ୍କ୍ରିନିଂ କରାଯାଇଥିଲା । ଏମ୍ସ ଭୁବନେଶ୍ୱରରେ ଗୋଟିଏ ଛାତତଳେ ଅସ୍ତ୍ରୋପଚାର, ରେଡିଓଥେରାପି ଏବଂ କେମୋଥେରାପି ଭଳି ସେବା ପ୍ରଦାନ କରାଯାଏ ।

# ବ୍ରଜନଗର ନଗର ତୃତୀୟ ଲାଇନରେ ଦୁଇ ଥାକିଆ ରୋଡ ନିର୍ମାଣ ଅମୂଳକ

ଗଂଜାମ, ୩୧/୦୭ (ନି.ପ୍ର): ବ୍ରହ୍ମପୁର ଉପକଣ୍ଠରେ ଥିବା ବ୍ରଜନଗର ତୃତୀୟ ଲେନ୍ ଲୋଚାପଡା ପଂଚାୟତ ଅଧିନରେ ରହିଛି । ରାଧାକୃଷ୍ଣ ମନ୍ଦିର ଉତରପାଖ ଠାରୁ ନୂଆ ବସଷ୍ଟେଣ୍ଡ ଯାଏ ଦେଢ କିଲୋମିଟର ବ୍ୟାପି ପକ୍କା ସଡକ ରହିଛି । ବର୍ତମାନ କେତେକ ବ୍ୟକ୍ତି ନିଜର ଫାଇଦା ଓ ରାଜନୈତିକ ଦୃଷ୍ଟି ଭଂଗୀ ନେଇ ବିଇଏମସିଓ ପୂର୍ବତନ ଗୋପାଳ ପୁର ବିଧାୟକଙ୍କ ଉପରେ ସହରତଳି କିୟାନୁଷ୍ଠାନ କମିଟି ନାମରେ ଚାପ ପକାଇ ପୁଣି ବ୍ରଜନଗର ତୃତୀୟ ଲେନ୍ ଦକ୍ଷିଣ ଧାଡିରେ ପୂର୍ବ ରୋଡକୁ ଲଗାଇ ଆଉଏକ ରୋଡ ନିର୍ମାଣ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଗତ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ବିଧାୟକଙ୍କ ଦ୍ୱାରା ରୋଡ ନିର୍ମାଣ ପାଇଁ ଶୁଭ ଦେଇଛନ୍ତି । ତେବେ ବିଇଏମସି ପଂଚାୟତ ଅଂଚଳରେ କିପରି ଅର୍ଥ ଖର୍ଚ୍ଚ କରିରୋଡ ନିର୍ମାଣ ଅଯଥାରେ କରିବ, ଏହାସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ବିଭାଗୀୟ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଅବକାରି ଗୋଇନ୍ଦା ବିଭାଗର ଚଢାଉ: ଜଣେ ଗିରଫ

ଜୟପୁର, ୩୧/୦୭ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଗୋଇନ୍ଦା ବିଭାଗ ଆଜି ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ମୁଳାସର ଗ୍ରାମର ଭଗବାନ ହରିଜନ । ଅବକାରି ବିଭାଗ ସୁଚନା ଅନୁଯାଇ ଦେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ଅବକାରି କମିଶନର ନରସିଂହ ଭୋଳ ଏବଂ ଡେପୁଟି କମିଶନର ଡମ୍ବୁରୁ ଧର ଖଣ୍ଡାଙ୍କ ନିର୍ଦ୍ଦେଷକ୍ରମେ ଜୟପୁର ଗୋଇନ୍ଦା ବିଭାଗର ଓଆଇସି ରଶ୍ମି ରଞ୍ଜନ ନାୟକଙ୍କ ଦ୍ୱାରା ଏକ ଟିମ ଚଢାଉ କରିଥିଲା । ମୁଳାସର ଗ୍ରାମ ରାସ୍ତାରେ ଚଢାଉ କରି ୩୦ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଗୋଇନ୍ଦା ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ରାଜ୍ୟର ୪ଟି ସ୍ଥାନରେ ଷ୍ଟ୍ରିଟ୍ ଫୁଡ୍ ହବ୍: ଭୁବନେଶ୍ୱରରେ ୨, କଟକ ଓ ରାଉରକେଲାରେ ଗୋଟିଏ ଲେଖାଏଁ

ଭୁବନେଶ୍ୱର: ରାଜ୍ୟର ୪ଟି ସ୍ଥାନରେ ଷ୍ଟ୍ରିଟ୍ ଫୁଡ୍ ହବ୍ ପ୍ରତିଷ୍ଠା ହେବ । ଏଥିପାଇଁ ଜାଗା ଚିହ୍ନଟ ହେବା ସହିତ କାର୍ଯ୍ୟ ଆରମ୍ଭ ହୋଇଛି । ଲୋକମାନଙ୍କୁ ସୁସ୍ଥ ଓ ନିରାପଦ ଷ୍ଟ୍ରିଟ୍ ଫୁଡ୍ ପ୍ରଦାନ କରିବା ପାଇଁ ଏଫ୍‌ଏସ୍‌ଏସ୍‌ଏଆଇ(ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ) ପକ୍ଷରୁ ଏଭଳି ନୂଆ ପଦକ୍ଷେପ ନିଆଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିସନ୍(ଏନ୍‌ଏଚ୍‌ଏମ୍) ଜରିଆରେ ଷ୍ଟ୍ରିଟ୍ ଫୁଡ୍ ପ୍ରତିଷ୍ଠା ପାଇଁ ଅର୍ଥ ଯୋଗାଇ ଦିଆଯିବ । ଦେଶରେ ପ୍ରତିବର୍ଷ ୧୦ କୋଟି ଲୋକ ବିଷାକ୍ତ ଖାଦ୍ୟ ଜନିତ ରୋଗର ଶିକାର ହେଉଛନ୍ତି । ଆସନ୍ତା ୨୦୩୦ ମସିହା ବେଳକୁ ଏହି ସଂଖ୍ୟା ୧୭କୋଟି ଛୁଇଁବ ବୋଲି ଅନୁମାନ କରାଯାଉଛି । ଫଳରେ ଦେଶର ପ୍ରତି ୯ଜଣରେ ଜଣେ ବ୍ୟକ୍ତି ବିଷାକ୍ତ ଖାଦ୍ୟର ଶିକାର ହେବେ । ଏହା ଯୋଗୁଁ ଚିକିତ୍ସା ଖର୍ଚ୍ଚ ମଧ୍ୟ ବଢ଼ିବ । ବିଷାକ୍ତ ଖାଦ୍ୟ ଯୋଗୁଁ ଲୋକମାନେ ଅସୁସ୍ଥ ହେବା ପଛର ପ୍ରମୁଖ କାରଣ ହେଉଛି ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଖାଦ୍ୟାନୁଷ୍ଠାନ । ଏମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରି କରୁଥିବାରୁ ଲୋକମାନଙ୍କୁ ବିଭିନ୍ନ ରୋଗର ଶିକାର ହେବାକୁ ପଡୁଛି । ତେଣୁ ଷ୍ଟ୍ରିଟ୍ ଫୁଡ୍ ବିକ୍ରି କରୁଥିବା ଲୋକମାନଙ୍କ ଭିତରେ ସ୍ୱଚ୍ଛତା ଆଣିବା ସହ ଲୋକମାନଙ୍କୁ ନିରାପଦ ଖାଦ୍ୟ ମିଳିବା ଏକ ପ୍ରମୁଖ ଆହ୍ୱାନ ପାଲଟିଛି । ଏଥିପାଇଁ ଦେଶବ୍ୟାପୀ ୧୦୦ଟି ଷ୍ଟ୍ରିଟ୍ ଫୁଡ୍ ହବ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ସିଙ୍ଗାପୁର, ଥାଇଲାଣ୍ଡ, ଜାପାନ, ହଂକଂ ଭଳି ଦେଶରେ ଷ୍ଟ୍ରିଟ୍ ଫୁଡ୍ ସଂସ୍କୃତି ଲୋକମାନଙ୍କ ଭିତରେ ବେଶ୍ ଗ୍ରହଣୀୟ ହୋଇପାରିଛି । ଦେଶର ଖାଦ୍ୟ ଇକୋସିଷ୍ଟମ୍‌କୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଇଟ୍ ରାଇଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, କଟକର ବାରବାଟୀ ଷ୍ଟାଡିୟମ୍ ନିକଟରେ ହେବାକୁ ଥିବା ଷ୍ଟ୍ରିଟ୍ ଫୁଡ୍ ହବ୍ ପାଇଁ ୩କୋଟି ୮୬ଲକ୍ଷ ୪୨ହଜାର ଟଙ୍କା ଖର୍ଚ୍ଚ ହେବ । ଭୁବନେଶ୍ୱରରେ ନାଲ୍‌କୋ ଛକସ୍ଥିତ ପ୍ରୟାସ ଓ ଶୈଳଶ୍ରୀ ବିହାର ମଙ୍ଗଳା ମନ୍ଦିର ନିକଟରେ ଆଉ ଏକ ହବ୍ ପ୍ରତିଷ୍ଠା ହେବ । ପ୍ରୟାସ ନିକଟ ଷ୍ଟ୍ରିଟ୍ ଫୁଡ୍ ହବ୍ ପାଇଁ ୧.୬୫ କୋଟି ଓ ଶୈଳଶ୍ରୀ ବିହାର ପାଇଁ ୯୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଏସବୁ ସ୍ଥାନରେ ନିରାପଦ ପାନୀୟ ଜଳ, ହାତ ଧୋଇବା, ଶୌଚାଳୟ, ସାଧାରଣ ଅଞ୍ଚଳରେ ଟାଇଲ ଚଟାଣ, ତରଳ ଓ କଠିକ ବର୍ଜ୍ୟବସ୍ତୁ ନିଷ୍କାସନ ବ୍ୟବସ୍ଥା, ଡଷ୍ଟବିନ୍, ବିଲ୍‌ବୋର୍ଡ ଓ ସାଇନେଜ୍ ପାଇଁ ଏହି ଅର୍ଥ ଯୋଗାଇ ଦିଆଯିବ । ଏନ୍‌ଏଚ୍‌ଏମ୍ ଜରିଆରେ ୬୦:୪୦ ଅନୁପାତରେ ଅର୍ଥ ମିଳିବ । ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ମତରେ ଓଡ଼ିଶା ସମେତ ଦେଶ ଓ ଅନ୍ତର୍ଜାତୀୟ ଖାଦ୍ୟକୁ ଲୋକମାନଙ୍କୁ ଯୋଗାଇଦେବା ହେଉଛି ଏହି ହବ୍ ପ୍ରତିଷ୍ଠାର ପ୍ରମୁଖ ଉଦ୍ଦେଶ୍ୟ । କେବଳ ଷ୍ଟ୍ରିଟ୍ ଫୁଡ୍ ଭେଣ୍ଡରମାନେ ହିଁ ଏଥିରେ ସାମିଲ ହେବେ । ଚଳିତବର୍ଷ ଶେଷ କିମ୍ବା ୨୦୨୫ ମସିହା ବେଳକୁ ଏହି ୪ଟି ଷ୍ଟ୍ରିଟ୍ ଫୁଡ୍ ହବ୍‌ର ଉଦ୍‌ଘାଟନ କରାଯିବ । ଏହାପରେ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଅନ୍ୟ ସ୍ଥାନରେ ଏହି ହବ୍ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି ।

# ରାଜ୍ୟର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଆମର ଲକ୍ଷ୍ୟ: ମନ୍ତ୍ରୀ

ଭୁବନେଶ୍ୱର, ୩୧/୦୭ (ନି.ପ୍ର): ବିଶୁଦ୍ଧ ପାନୀୟ ଜଳ ହେଉଛି ପ୍ରତିଟି ମଣିଷର ମୌଳିକ ଆବଶ୍ୟକତା । ତେଣୁ ରାଜ୍ୟର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ହେଉଛି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଲକ୍ଷ୍ୟ । ବିକଶିତ ଓଡ଼ିଶା ଗଠନ ଦିଗରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକ୍ରିୟା ଏକ ପ୍ରାଥମିକ ପ୍ରୟାସ ବୋଲି ମେଗା ପାଇପ ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ମତପ୍ରକାଶ କରିଛନ୍ତି । ଭୁବନେଶ୍ୱର ଏସ୍‌ଆଇଆରଡି କ୍ୟାମ୍ପସ୍ ସ୍ଥିତ ଏମ୍‌ଜିଏନ୍ ଆରଇଜିଏ ସମ୍ମିଳନୀ କକ୍ଷରେ ଆୟୋଜିତ ମେଗା ପାଇପ ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ପଞ୍ଚାୟତିରାଜ ଓ ପାନୀୟ ଜଳ ରବିନାରାୟଣ ନାଏକ ଅଧକ୍ଷତା କରିଛନ୍ତି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଲିଥିବା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରି ମାନ୍ୟବର ମନ୍ତ୍ରୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେସବୁ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସବିଶେଷ ସମୀକ୍ଷା କରି ମନ୍ତ୍ରୀ ନିର୍ମାଣାଧିନ ସମସ୍ତ ପ୍ରକଳ୍ପଗୁଡ଼ିକର ନିର୍ମାଣ ପାଇଁ ଧାର୍ଯ୍ୟ ସମୟ, ନିର୍ମାଣ କାର୍ଯ୍ୟର ମାନ ଆଦି ବିଷୟରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ ବର୍ତମାନ ରାଜ୍ୟରେ ୩୫, ୧୯୩ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୭ଟି ପ୍ରକଳ୍ପ ନିର୍ମାଣାଧିନ ଅଛି । ଏହା ମଧ୍ୟରୁ ନିର୍ମାଣ ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ୭୧ଟି ନିର୍ମାଣାଧିନ ପ୍ରକଳ୍ପର ପ୍ରାଥମିକତା ଭିତିରେ ସମୀକ୍ଷା ହୋଇଥିଲା । ଜନସାଧାରଣଙ୍କ ସମସ୍ୟାଗୁଡ଼ିକୁ ପ୍ରାଥମିକତା ଭିତିରେ ସମାଧାନ କରିବା ପାଇଁ ମନ୍ତ୍ରୀ ବିଭାଗର ସମସ୍ତ ଅଧିକାରୀ, ଯନ୍ତ୍ରୀ ଓ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ମାଣ କାର୍ଯ୍ୟର ମାନକୁ ବିଶେଷ ଗୁରୁତ୍ୱ ଦେବା ସହ ରାଜ୍ୟର ଅନ୍ତିମ ପରିବାରକୁ ମଧ୍ୟ ଉତ୍ସର୍ଗୀକୃତ ଭାବରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ସଂକଳ୍ପବଦ୍ଧ ହେବା ପାଇଁ ଶ୍ରୀ ନାଏକ କହିଥିଲେ ।

ଏହି ଅବସରରେ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ସମ୍ବୋଧନ କରି ମନ୍ତ୍ରୀ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ବିକଶିତ ଓଡ଼ିଶାର ମୂଳଦୁଆ ବୋଲି ପ୍ରକାଶ କରିବା ସହ ବିଭାଗୀୟ ପ୍ରଦର୍ଶନ ଓଡ଼ିଆ ଅସ୍ମିତାର ଏକ ସର୍ବୋତ୍କୃଷ୍ଟ ମାଧ୍ୟମ ହୋଇପାରିବ ବୋଲି ସୂଚିତ କରିଥିଲେ । ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ବିଭିନ୍ନ ଜିଲ୍ଲାରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜ ବିଭିନ୍ନ ପ୍ରକଳ୍ପର ନିର୍ମାଣ ସମୟସୀମା ବିଷୟରେ ଆଲୋକପାତ କରିଥିଲେ । ଏହି ସମୀକ୍ଷା ବୈଠକରେ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ ଗ୍ରାମ୍ୟ ପାନୀୟ ଜଳଯୋଗାଣ ଓ ପରିମଳ ଯନ୍ତ୍ରୀମାନେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ସମ୍ବଲପୁର, ୩୧/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏସ୍ ଏସ୍ ଏ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି, ସମ୍ବଲପୁର ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଘଟିଥିବା ଦୁର୍ଘଟଣା ସମ୍ପର୍କରେ ମିଳିତ ପ୍ରବର୍ତନ ରିପୋର୍ଟ, ଜାତୀୟ ରାଜପଥ/ରାଜ୍ୟ ରାଜପଥର ନିର୍ମାଣ ଓ ମରାମତି, ନକ୍ସାପାଲ୍ଲୀରୁ ସିନ୍ଦୁରପଙ୍କ ଅଂଚଳ, ପଡିଆବାହାଲରୁ ଗୋଶାଳା, ରେମେଡରୁ ଅଇଁଠାପାଲି ଛକ ଆଦି ଅଂଚଳରେ ଥିବା ରାସ୍ତା ଜନିତ ସମସ୍ୟା, ସର୍ଭିସ ରୋଡରେ ପାର୍କିଂ ସମସ୍ୟା, ବୁଲା ଗାଇ ସମସ୍ୟା, ଟ୍ରାଫିକ୍ ଲାଇଟ୍ ସମସ୍ୟା, ଗୁଡ୍ ସମରିଟାନ୍ ଆୱାର୍ଡ ବିଷୟରେ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ସମ୍ବଲପୁର ସମସ୍ତ ସରକାରୀ ଅଧିକାରୀ, ବିଭିନ୍ନ ଶିଳ୍ପର ଅଧିକାରୀ, ନାଗରିକ ସମାଜର ଲୋକମାନଙ୍କୁ ସମସ୍ୟାର ବ୍ୟବହାରିକ ସମାଧାନ କରିବା, ଲୋକଙ୍କ ଜୀବନ ବଂଚାଇବା ପାଇଁ କର୍ତବ୍ୟ ପରିସର ବାହାରେ ଯିବା, ଏନଫୋର୍ସମେଂଟ ଟିମକୁ ସୁଦୃଢ଼ କରିବା ପାଇଁ ଉଦବୋଧନ ଦେଇଥିଲେ । ଆରଟିଓ ଓ ପୁଲିସର ମିଳିତ ସପ୍ରାଇଜ ଭିଜିଟ, ଦୁର୍ଘଟଣା ପ୍ରବଣ ଅଂଚଳ ନିକଟରେ ଏକ ସିଗ୍ନାଲ୍ ବୋର୍ଡ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଲବିନିୟସ କେରକେଟା, ଆଂଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ଓ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ କାହ୍ନୁଚରଣ ବନରା ପ୍ରମୂଖ ଉପସ୍ଥିତ ଥିଲେ ।

# ଏରସମା, ପାରାଦୀପରେ କୂଳ ଲଙ୍ଘୁଛି ସମୁଦ୍ର: ଭୁଶୁଡ଼ିବ ଶିଆଳି ବେଳାଭୂମି ଭ୍ୟୁଟାବାର

ଜଗତସିଂହପୁର/ଏରସମା, ୩୧/୦୭ (ନି.ପ୍ର): ପାରାଦୀପ ଓ ଏରସମାରେ ସମୁଦ୍ର କୂଳ ଲଙ୍ଘିବା ସହ ହଠାତ୍ ଅଶାନ୍ତ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି । ଶିଆଳି ବେଳାଭୂମିରେ ଥିବା ଭ୍ୟୁଟ୍ୱାର ସମୁଦ୍ର ଲହଡ଼ି ମାଡ଼ରେ ଖାଇ ଖାଇ ଯାଉଛି । ଆଜି ସମୁଦ୍ର ସୀମା ଡେଇଁ ଭ୍ୟୁ ଟ୍ୱାର ନିକଟରେ ପିଟି ହେଉଥିବା ଦେଖିବାକୁ ମିଳିଛି । ମୂଳଦୁଆ ଖାଇ ଖାଇ ଚାଲିଥିବା ବେଳେ ଖୁବଶୀଘ୍ର ଭୁଶୁଡ଼ି ପଡ଼ିବା ଆଶଙ୍କା କରାଯାଉଛି । ବିପଦପୂର୍ଣ୍ଣ ଅବସ୍ଥାରେ ଭ୍ୟୁଟାବାର ରହିଥିବା ବେଳେ ସେଠାକୁ ପର୍ଯ୍ୟଟକମାନଙ୍କୁ ନ ଛାଡ଼ିବା ଲାଗି ପ୍ରଶାସନ ପକ୍ଷରୁ ବାଉଁଶ ବାଡ଼ ବୁଲାଯାଇ ବନ୍ଦ କରାଯାଇଛି । ଗତ ଦୁଇ ବର୍ଷ ମଧ୍ୟରେ ସମୁଦ୍ର ୨୦୦ରୁ ୩୦୦ ମିଟର କୂଳକୁ ମାଡ଼ି ଆସିଲାଣି । ସବୁଦ୍ର ଧିରେ ଧିରେ ଜନବସତି ଅଭିମୁଖେ ବଢୁଥିବା ଜଣାପଡ଼ିଛି । ଯାହାକୁ ନେଇ ୭ଟି ଗାଁ ପ୍ରତି ବିପଦ ସୃଷ୍ଟି ହୋଇଛି । ଜୁଆର ସମୟରେ ଜନବସତିକୁ ପାଣି ମାଡ଼ି ଆସୁଥିବା ବେଳେ ସମୁଦ୍ର କୂଳ ଲଙ୍ଘୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି । ଏପରିକି ଜୁଆରରୁ ରକ୍ଷା ପାଇବା ପାଇଁ ବେଳାଭୂମିରେ ଲାଗିଥିବା ଝାଉଁ ଗଛ ମଧ୍ୟ ପାଣି ମାଡ଼ରେ ଲୋଟି ପଡ଼ିଲାଣି । ଆଖି ଆଗରେ ସମୁଦ୍ର କୂଳ ଲଙ୍ଘୁଥିବା ବେଳେ ଏଥିପାଇଁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହୋଇଛି । ପଥର ବନ୍ଧ ତିଆରି କରାଯାଇ ଜୁଆର ଅଟକାଇବା ପାଇଁ ସେମିତି କୌଣସି ପଦକ୍ଷେପ ନିଆଯାଉ ନାହିଁ । ଶିଆଳି ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ହଜାର ହଜାର ଲୋକ ଏଠାକୁ ଆସନ୍ତି । ଭ୍ୟୁ ଟ୍ୱାର ଏହାର ଅନ୍ୟତମ ଆକର୍ଷଣ ହୋଇଥିବା ବେଳେ ଏବେ ଏହା ନିଶ୍ଚିହ୍ନ ହେବାକୁ ଯାଉଛି । ଶିଆଳି ବେଳାଭୂମିରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ଉତ୍ସବ ପରିଚାଳନା କମିଟି କୋଷାଧକ୍ଷ ଚନ୍ଦନ ପରିଡ଼ା କହିଛନ୍ତି ଯେ ଗତ ଦୁଇ ତିନି ବର୍ଷ ହେଲା ସମୁଦ୍ର ଜନବସତି ଆଡ଼କୁ ମାଡ଼ି ମାଡ଼ି ଆସୁଛି । ପ୍ରାୟ ୨୦୦ରୁ ୩୦୦ ମିଟର ପର୍ଯ୍ୟନ୍ତ ସମୁଦ୍ର ମାଡ଼ି ଆସିଲାଣି । ନିକଟସ୍ଥ ଶିଆଳି, କଳାବେଦୀ, ସରୋବନ୍ତ, ନୋଳିଆ ସାହି, ରାମତରା, ଆମ୍ବିକି, ଗଡ଼ହରିଶପୁରକୁ ବିପଦ ଦେଖା ଦେଇଛି ।

## ଚମ୍ପୁଆ ବଜାରରେ ଉଚ୍ଛେଦ ଅଭିଯାନ ଆରମ୍ଭ

ଚମ୍ପୁଆ, ୩୧/୦୭ (ନି.ପ୍ର): ଚମ୍ପୁଆ ବଜାର ମଧ୍ୟରେ ଉଠା ଦୋକାନୀଙ୍କୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି । ଚମ୍ପୁଆ ଏନଏସି ତରଫରୁ ଏହି ଉଚ୍ଛେଦ ପ୍ରକିୟା ଆରମ୍ଭ କରାଯାଇଛି । ଜବରଦଖଲ ପାଇଁ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ଆଜି ଚମ୍ପୁଆ ଅତିରିକ୍ତ ତହସିଲଦାର ଓ ଚମ୍ପୁଆ ଏନଏସି ନିର୍ବାହୀ ଅଧିକାରୀଙ୍କ ତତ୍ୱାବଧାନରେ ଚମ୍ପୁଆ ବଜାରରେ ବେଆଇନ ଭାବେ ଦୋକାନ ଓ ଉଠାଦୋକାନ କରି ବ୍ୟବସାୟ କରୁଥିବା କେବିନ ସହ ଦୋକାନ ଗୁଡ଼ିକୁ ଉଚ୍ଛେଦ କରାଯାଇଛି । ଉଠା ଦୋକାନୀଙ୍କ ପାଇଁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଥିବା ଯୋଗୁଁ ଏହି ପଦକ୍ଷେପ ନିଆଯାଇଛି ।

# କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୩୧/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକର ଭାଗବତପୁର ପଂଚାୟତ ଅନ୍ତର୍ଗତ ଆ ଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ଓ ବରିଷ୍ଠ ନାଗରିକ ମଂଚ, ବାଲିଆ ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ୬ଟି ଉଚ୍ଚ ବିଦ୍ୟାଳୟର ୮ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଭାପତି ପୁରୁଷୋତମ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧାପକ ଡ. ମୁରଲୀଧର ରଥ, ଅତିଥି ଭାବେ ଡା. ବିଶ୍ୱପ୍ରକାଶ କାନୁନଗୋ, କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶିଲ କୁମାର ସାମଲ, ନାରାୟଣ ସ୍ୱାଇଁ, ଦାମୋଦର ତ୍ରିପାଠୀ, ନିରଞ୍ଜନ ସ୍ୱାଇଁ, ପ୍ରମୋଦ କୁମାର ସାହୁ, ସମିତି ସଭ୍ୟା ପ୍ରମିଳା ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଲିପ୍ସାରାଣୀ ରାଉତ, ଡାଳିଜୀ ବିଦ୍ୟାପୀଠର ଛାତ୍ର ଭକ୍ତରଞ୍ଜନ ପାତ୍ର, ବାଲିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ୍ ସ୍ୱାଇଁ, ବଡଗାଁ ରାଧାଗୋବିନ୍ଦଜୀଉ ବୈଷୟିକ ଉଚ୍ଚ ବିଦ୍ୟାଳୟର ସ୍ମୃତିରେଖା ନାୟକ, ପ ାୟତ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ହଂସିକା ଦାସ, ରତ୍ନାକର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ମୃତିଶ୍ରୀ ସିଂହ, ପ୍ରିୟଦର୍ଶିନୀ ଦାସ ଓ ମୃତ୍ୟୁଞ୍ଜୟ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କର୍ମଚାରୀ ସଙ୍ଘର ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅଚ୍ୟୁତାନନ୍ଦ ସାମଲ, ଶରତ ଚନ୍ଦ୍ର ବରାଳ, ପ୍ରାଣକୃଷ୍ଣ ସାମଲ, ରମେଶ ଚନ୍ଦ୍ର ଭଦ୍ର, ଶରତ ଚନ୍ଦ୍ର ସ୍ୱାଇଁ, ନଟବର ଭଦ୍ର, ବସନ୍ତ କୁମାର ଜେନା, ନିଗମଶେଖର ମହାନ୍ତି, ନଗେନ୍ଦ୍ର ରାଉତ, ରାଜକିଶୋର ବେହେରା, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ କୃତି ଛାତ୍ରଛାତ୍ରୀମାନଙ୍କୁ ମୂଲ୍ୟବାନ ଉପଦେଶ ପ୍ରଦାନ କରି ଜୀବନରେ ଭଲ ମଣିଷ ହୋଇ ସମାଜ କଲ୍ୟାଣରେ ବ୍ରତୀ ହେବା ପାଇଁ ଅର୍ଶୀର୍ବଚନ ପ୍ରଦାନ କରିଥିଲେ । ସଙ୍ଘର ସମ୍ପାଦକ ମଦନମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ନାଟ୍ୟଗୁରୁ ଶରତ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ଡା. ବିଶ୍ୱପ୍ରକାଶ କାନୁନଗୋଙ୍କ ଅଧ୍ୟକ୍ଷତାରେ ମଧୁସାଗର ମହୋତ୍ସବର ଆୟବ୍ୟୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମାମାନେ ସହଯୋଗ କରିଥିଲେ ।

# ଗଛ ଲଗାଉଛନ୍ତି, ବଞ୍ଚାଇପାରୁ ନାହାନ୍ତି: କୌଣସି ବର୍ଷ ଶତ ପ୍ରତିଶତ ସଫଳତା ମିଳିନି



ଭୁବନେଶ୍ୱର, ୩୧/୦୭ (ନି.ପ୍ର): ୨୦୧୪-୧୫ରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ସାରା ରାଜ୍ୟରେ ୨୦ ଲକ୍ଷ ହେକ୍ଟର ଜମିରେ ବୃକ୍ଷରୋପଣ କରାଯାଇଛି । ଏହି ୧୦ ବର୍ଷ ମଧ୍ୟରେ ୩୯ କୋଟି ଚାରା ରୋପଣ ହୋଇଥିବା ବେଳେ ୩୨ କୋଟି ଚାରା ବଣ୍ଟନ ହୋଇଛି । ୨୦୧୬-୧୭ରେ ସର୍ବାଧିକ ୪ଲକ୍ଷ ହେକ୍ଟର ଜମିରେ ଚାରା ଲଗାଯାଇଥିଲା । ଯେତେବେଳେ କି ୨୦୧୭-୧୮ରେ ୩ ଲକ୍ଷ ୮୨ ହେକ୍ଟର, ୨୦୧୫-୧୬ରେ ୩ ଲକ୍ଷ ୫୭ ହେକ୍ଟର, ୨୦୧୮-୧୯ରେ ୨ ଲକ୍ଷ ୪୮ ହେକ୍ଟର ଜମିରେ ଚାରା ରୋପଣ ହୋଇଥିଲା । ତେବେ ଯେଉଁ ସବୁ ଚାରା ରୋପଣ ହୋଇଥିଲା ତାହା ବଞ୍ଚିପାରି ନାହିଁ । କୌଣସି ଗୋଟିଏ ବି ସ୍ଥାନରେ ଶତ ପ୍ରତିଶତ ଚାରା ବଞ୍ଚିଥିବା ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପାଖରେ ଖବର ନାହିଁ । ୨୦୧୪-୧୫ରୁ ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ ରୋପଣ କରାଯାଇଥିବା ଚାରା ମଧ୍ୟରୁ ହାରାହାରି ୭୦ରୁ ୮୫% ବଞ୍ଚିଛି । ଅର୍ଥାତ୍ ସରକାରୀ ଭାବେ ପ୍ରାୟ ୩୦% ଗଛ ନଷ୍ଟ ହୋଇଛି । ତେବେ ପରବର୍ତ୍ତୀ ୫ ବର୍ଷରେ ଚାରା ରୋପଣ ସଂଖ୍ୟା କମିଛି । ଯେତିକି ଚାରା ଲଗାଯାଇଥିଲା ସେଗୁଡ଼ିକର ସୁରକ୍ଷା ଦିଗରେ ପଦକ୍ଷେପ ନିଆଯାଇଥିବାରୁ ପ୍ରାୟ ୮୫ରୁ ୯୯% ଚାରା ବିଭିନ୍ନ ସ୍ଥାନରେ ବଞ୍ଚିବାରେ ସକ୍ଷମ ହୋଇଥିବା ସରକାରୀ ଭାବେ କୁହାଯାଉଛି । ୨୦୨୩-୨୪ ଆର୍ଥିକ ବର୍ଷରେ ବନ ବିଭାଗ ଅଢ଼େଇ କୋଟି ଚାରା ରୋପଣ କରିଥିଲା । ଯେତେବେଳେ ପ୍ରାୟ ୫ କୋଟି ଚାରା ବଣ୍ଟନ ହୋଇଛି । ରାଜ୍ୟ ଯୋଜନାରେ ବର୍ଦ୍ଧିତ ସବୁଜ ବଳୟ(ଆଇଜିସି), ସବୁଜ ମହାନଦୀ ମିସନ (ଜିଏମ୍‌ଏମ୍), ଆମ ଜଙ୍ଗଲ ଯୋଜନା(ଏଜେୱାଇ), କାମ୍ପା ଏବଂ କେନ୍ଦ୍ର ସରକାରଙ୍କ ପ୍ରଯୋଜିତ ଯୋଜନାରେ ସବୁଜ ଭାରତ ମିସନ(ଜିଆଇଏମ୍), ଜାତୀୟ ବନୀକରଣ ଯୋଜନା (ଏନ୍‌ଏପି), ଜାତୀୟ ବାଉଁଶ ମିସନ (ଏନ୍‌ବିଏମ୍), ମନରେଗା ଯୋଜନା ମାଧ୍ୟମରେ ବୃକ୍ଷରୋପଣ ହେଉଛି । ଏଥିସହ ୨୦୧୫-୧୬ ଆର୍ଥିକ ବର୍ଷରୁ ସାମାଜିକ ଦାୟିତ୍ୱବୋଧ ଯୋଜନାରେ ଓଡ଼ିଶା ଖଣି ନିଗମ ଦ୍ୱାରା ଖଣି ଅଞ୍ଚଳରେ ବନୀକରଣ କରାଯାଉଥିବା ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଆଜି ବିଧାନସଭାରେ ଏଭଳି ଉତ୍ତର ରଖିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ସ୍ୱତନ୍ତ୍ର ରିଲିଫ୍ ପାଣ୍ଠି ସହାୟତାରେ ପୁରୀ(ବନ୍ୟପ୍ରାଣୀ) ଓ ଚିଲିକା(ବନ୍ୟପ୍ରାଣୀ) ବନଖଣ୍ଡରେ ଜୁଆର ପ୍ରତିରୋଧକ ଓ ମୃର୍ତ୍ତିକା ସଂରକ୍ଷଣ କରିବାକୁ ସ୍ୱତନ୍ତ୍ର ଭାବେ ବନୀକରଣ କରାଯାଇଛି । ଡେରାଡୁନ୍‌ସ୍ଥିତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା(ଏଫ୍‌ଏସ୍‌ଆଇ) ତଥ୍ୟ ଅନୁଯାୟୀ ୨୦୧୫ରେ ଓଡ଼ିଶାରେ ୫୮ହଜାର ୧୩୬ ବର୍ଗ କିମି ଜଙ୍ଗଲ ରହିଥିଲା । ୨୦୨୧ ବେଳକୁ ଜଙ୍ଗଲ ପରିସୀମା ୬୧ହଜାର ୨୦୪.୧୭ ବର୍ଗ କିମିରେ ପହଞ୍ଚିଥିଲା ।

# ବଲାଙ୍ଗିର ସାଂସଦଙ୍କ ନୋମିନି ହେଲେ ଦିନେଶ ଶର୍ମା

ବଲାଙ୍ଗିର, ୩୧/୦୭ (ନି.ପ୍ର): ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂଦେଓଙ୍କ ନୋମିନି ହେଲେ ଦିନେଶ ଶର୍ମା । ଗତ ତା.୧୭.୦୭.୨୦୨୪ ଦିନ ଦିନେଶ ଶର୍ମାଙ୍କୁ ଦାୟିତ୍ୱ ଦେଇଥିଲେ ସାଂସଦ । ଆଜି ବଲାଙ୍ଗିର ଜିଲ୍ଲାପାଳ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କୁ ଲିଖିତ ପତ୍ର ପ୍ରଦାନ କରିଥିଲେ । ୨୦୨୪ ନିର୍ବାଚନ ଲୋକସଭା ସଂଯୋଜକ ଭାବେ ସେ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ବଲାଙ୍ଗିର ଲୋକସଭା ସାଂସଦ ଜିଲ୍ଲାର ବିଭିନ୍ନ ବିଭାଗର ନୋମିନି କରିଛନ୍ତି । ଆଗରୁ ସେ ମେକ୍ ଇନ୍ ଇଣ୍ଡିଆର ସଂଯୋଜକ ଥିଲେ । ପୂର୍ବରୁ ରାଜ୍ୟ ବିଜେପି ପକ୍ଷରୁ ଅନେକ ଦାୟିତ୍ୱ ମିଳିଥିବା ବେଳେ ସେ ଏହି ନୋମିନି ଦାୟିତ୍ୱ ପାଇଥିବାରୁ ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂଦେଓଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଶ୍ରୀ ଶର୍ମା ରାଜନୀତି ଜୀବନରେ ଏବିଭିପି ପ୍ରମୁଖ ପ୍ରଭାରି, ରାଜେନ୍ଦ୍ର କଲେଜର ଛାତ୍ର ସଂସଦର ସଂପାଦକ, ଟାଉନ ଯୁବ ମୋର୍ଚ୍ଚା ସଭାପତି ଓ ଜିଲ୍ଲା ସଂପାଦକ ଥିଲେ । ମାହେଶ୍ୱରୀ ସଂଗଠନର ଉପଦେଷ୍ଟା, ସୋନପୁର ଜିଲ୍ଲା ପ୍ରଭାରି ହୋଇଥିବା ବେଳେ ପୂର୍ବରୁ ୨୦୧୯ ରେ ମେଡିକାଲ କଲେଜର ଏମପି ଙ୍କ ନୋମିନି ଓ ମିଡିଆ ସେଲରେ ଦାୟିତ୍ୱ ତୁଲାଇଥିଲେ । ଏ ବିଷୟରେ ସୋସିଆଲ ମିଡିଆରେ ପ୍ରଚାରିତ ହେବା ପରେ ଶୁଭେଚ୍ଛାର ସୁଅ ଛୁଟୁଛି ଦିନେଶଙ୍କ ନିକଟକୁ ।

## ଧାରାବାହିକ:

ଭାଗ-୧୬

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

୪ର୍ଥ ଅଧ୍ୟାୟ

।। ସତୀଦେବୀଙ୍କର ଆତ୍ମବଳିଦାନ ।।

ଭଗବାନ ଶଙ୍କର ବଡ ଦ୍ୱନ୍ଦ୍ୱରେ ପଡିଲେ । ଯଦି ସତୀ ପିତ୍ରାଳୟ ଯାଉଛନ୍ତି ସେଠାରେ ମୋ ଅପମାନ ଶୁଣି ଦେହ ଧରିବେ ନାହିଁ ; ଯଦି ନଯାଏ ତାହାଲେ ଚିତ୍ତ ଶାନ୍ତ ହେବନାହିଁ । ତେଣୁ ମୁଁ ନିଜେ ରୁଦ୍ରଗଣଙ୍କ ସହ ତାର ଅନୁଗାମୀ ହୋଇ ଅଦୂରରେ ରହିବି । ସେୟା ହିଁ ହେଲା, ସତୀ ନିଜ ପିତ୍ରାଳୟକୁ ମହାନନ୍ଦରେ ଗମନ କରି ପହଞ୍ଚିଲେ । ସେଠାରେ ତାଙ୍କର ସ୍ୱାଗତ ମାତା ଓ ଭଗିନୀମାନେ କରିଥିଲେ ହେଁ ଦକ୍ଷ ଉଦାସୀନ ରହିଲେ ପୁଣି ଯଜ୍ଞରେ ମହାଦେବଙ୍କ ଭାଗନାହିଁ ଦେଖି ସତୀ ଅତ୍ୟନ୍ତ ଦୁଃଖ ଓ କ୍ରୋଧରେ ପିତା ଦକ୍ଷଙ୍କୁ କହିଲେ, ଯେଉଁ ରୁଦ୍ର ସର୍ବାତ୍ମା, ସର୍ବପୂଜ୍ୟ, ସର୍ବଗୁରୁ, ଭେଦରହିତ ମହାଯୋଗେଶ୍ୱର, ତୁମେ ଗର୍ବରେ ମତିହୋଇ ତାଙ୍କର ଅବଜ୍ଞା କରୁଛ । ଶିବହୀନ ଯଜ୍ଞାର କଳ୍ପନା ମଧ୍ୟ କରାଯାଇପାରେନା । ଶିବହୀନ ବସ୍ତୁ ଶବ ସହ ତୁଳନୀୟ । ତୁମର କନ୍ୟା ବୋଲି ସେ ମୋତେ ସର୍ବଦା ଦାକ୍ଷାୟଣୀ ବୋଲି ଡାକନ୍ତି କିନ୍ତୁ ତୁମେ ତାଙ୍କ ପ୍ରତି ଅନ୍ୟାୟ କରିଛ । ତୁମ ରକ୍ତ ଏ ଶରୀରରେ ଥିବାରୁ ମୁଁ ନିଜକୁ ଅପମାନିତ ମନେ କରୁଛି ଏଣୁ ମୁଁ ଏ ଶରୀର ରଖିବି ନାହିଁ କହି ପୀତବସନ ପରିଧାନ ପୂର୍ବକ ଯୋଗାସନରେ ବସି ସ୍ୱାମୀଙ୍କୁ ଧ୍ୟାନ କରି ତାଙ୍କର ଦିବ୍ୟ ରୂପକୁ ଦର୍ଶନ କରୁକରୁ ଦେହ ବିସର୍ଜନ କଲେ । ଉପସ୍ଥିତ ସମସ୍ତ ଦେବଗଣ ହା ହା କାର କଲେ, ରୁଦ୍ରଗଣ କ୍ରୋଧାନ୍ଧ ହୋଇ ଦକ୍ଷକୁ ସଂହାର କରିବାକୁ ଧାଇଁଲେ । ଭୃଗୁମୁନି ମନ୍ତୋଚ୍ଚାରଣ ସହ ଯଜ୍ଞକୁଣ୍ଡରେ ଆହୂତି ଦେବାରୁ ରୁଦ୍ରହା ନାମକ ରକ୍ଷଗଣର ଉତ୍ପତ୍ତି ହୋଇ ଯଜ୍ଞକାଷ୍ଠକୁ ଧରି ସମସ୍ତଙ୍କୁ ପ୍ରହାର କରିବାକୁ ବାହାରନ୍ତେ ସବୁ ଯଜ୍ଞସ୍ଥାନ ଛାଡି ପଳାଇବାକୁ ଲାଗିଲେ ।

୫ମ ଅଧ୍ୟାୟ

।। ବୀରଭଦ୍ରଙ୍କ ଦ୍ୱାରା ଦକ୍ଷଯଜ୍ଞ ଧ୍ୱଂସ ଓ ଦକ୍ଷ ବଧ ।।

ଦେବର୍ଷି ନାରଦଙ୍କଠାରୁ ଖବର ପାଇ ଭଗବାନ ଶଙ୍କର ମହାକ୍ରୋଧରେ ସେଠାରେ ଉପସ୍ଥିତ ହୋଇ ନିଜ ଜଟାରୁ ଏକ ଅଦ୍ଭୂତ ପୁରୁଷ ସୃଷ୍ଟିକରି ଦକ୍ଷ ଓ ତାଙ୍କର ଯଜ୍ଞ ଧ୍ୱଂସ କରିବାକୁ ପ୍ରେରଣ କଲେ । ଅଚିରେ ଯଜ୍ଞସ୍ଥାନ ଶ୍ମାଶାନ ଭଳି ଲାଗିଲା । ନିଜେ ବିଶ୍ୱନାଥ ଭୃଗୁମୁନିଙ୍କର ଦାଢିକୁ ଉପାଡି ପକାଇଲେ । ପରେ ତାଙ୍କର ଚକ୍ଷୁ ଉପାଡିବା ସହ ଦାନ୍ତ ଭାଙ୍ଗିଦେଲେ । କାରଣ ସେ ସେହି ଚକ୍ଷୁରେ ଦକ୍ଷକୁ ଇସାରା ଦେବା ସହ ଦାନ୍ତ ଦେଖାଇ ହସୁଥିଲେ । ଶିବ ଦକ୍ଷଙ୍କ ଛାତି ଉପରେ ବସି ଏକ ତୀକ୍ଷଣ ଖଡ୍ଗରେ ତାଙ୍କର ଶିର ଛେଦନ କଲେ । ମାତ୍ର ଅକ୍ଷୟ ଶରୀର ହୋଇଥିବାରୁ ତାଙ୍କର ମୃତ୍ୟୁ ନହେବାରୁ ଶିବ ତାଙ୍କ ମୁଣ୍ଡକୁ ଯଜ୍ଞକୁଣ୍ଡରେ ପକାଇ ଶିବଗଣଙ୍କ ସହ ତାଣ୍ଡବ ନୃତ୍ୟକଲେ ।

୬ଷ୍ଠ ଅଧ୍ୟାୟ

।। ମହାଦେବଙ୍କର ଶାନ୍ତି ପାଇଁ ବ୍ରହ୍ମାଦି ଦେବଙ୍କ କୈଳାସ ଗମନ ।।

ଦକ୍ଷର ନିଧନ ଦେଖି ଦେବଗଣ ଭୟଭୀତ ହୋଇ ଯାଇ ବ୍ରହ୍ମାଙ୍କୁ ସବୁ କହିଲେ । ବ୍ରହ୍ମା ଓ ବିଷ୍ଣୁ ଏଭଳି ହେବାର ଆଶଙ୍କା କରିଥିବାରୁ ସେ ସ୍ଥାନକୁ ଆସିନଥିଲେ । ବ୍ରହ୍ମା କହିଲେ, ବଳିଷ୍ଠ ପୁରୁଷଙ୍କ ପ୍ରତି ଅପରାଧ କଲେ ଏ ଭଳି ଘଟେ । ଶିବଙ୍କୁ ଯଜ୍ଞରେ ଭାଗ ନଦେଇ ତୁମେମାନେ ଅପରାଧ କରିଛ, ଚାଲ ସେଠାକୁ ଯାଇ ତାଙ୍କୁ ପ୍ରସନ୍ନ କରାଇବା । ସେ ଆଶୁତୋଷ ହେତୁ ଶୀଘ୍ର ତୋଷ ହେବେ । ଯିଏ ସ୍ୱୟଂ ପ୍ରଳୟର ଦେବତା ତାଙ୍କ ସହ ଦ୍ରୋହ କରିବା ନିଶ୍ଚିତ ଅମଙ୍ଗଳ ହେବ । ଏହାପରେ ବ୍ରହ୍ମା ସମସ୍ତ ଦେବଗଣଙ୍କ ସହ କପିଳାସରେ ପହଞ୍ଚି ଦେଖନ୍ତି ତ ସ୍ୱୟଂ ନାରାୟଣ ଆଗେ ଆଗେ ଚାଲିଛନ୍ତି । ଈଶ୍ୱର ନିବାସ କପିଳାସର ମହିମା ଅବର୍ଣ୍ଣନୀୟ । ସେଠାକାର ସିଦ୍ଧବନରେ ସିଦ୍ଧମୁନିମାନେ ତପସ୍ୟା କରୁଛନ୍ତି । ସେଠି ନାନା ପ୍ରକାର ଫଳ, ଔଷଧୀୟ ବୃକ୍ଷରୁ ସୁବାସ ହକୁଛି । ନିର୍ମଳ ଜଳପୂର୍ଣ୍ଣ ନିର୍ଝରିଣୀମାନ ପ୍ରବାହିତ ହେଉଛନ୍ତି । ଏହି ସ୍ଥାନରେ ପହଞ୍ଚି ଦେବତାମାନଙ୍କ ଦେହମନ ଉଲ୍ଲସିତ ହେଲା । ସେମାନେ ଉତ୍ତର ଦିଗସ୍ଥ ସୁଗନ୍ଧବନ ମଧ୍ୟରେ ପ୍ରବେଶ କରି ପରମ ରମଣୀୟ ଅଳକାପୁରୀ ଆଡକୁ ଦୃଷ୍ଟି ପକାଇଲେ । ସେଠାକାର ସରୋବରରେ ପଦ୍ମ ପ୍ରସ୍ଫୁଟିତ ହୋଇଥିଲା । ତାର ସୌରଭରେ ଭ୍ରମରମାନେ ଗୁଞ୍ଜରଣ କରିବା ସହ ସମସ୍ତ ଅଞ୍ଚଳକୁ ସୁରଭିତ କରୁଥାଏ । ସେହି ବନର ଦୁଇ ପାର୍ଶ୍ୱରେ ଅଳକାନନ୍ଦା ପ୍ରବାହିତ ହେଉଥାଏ । ସତୀଦେବୀଙ୍କର ନିତ୍ୟ ସ୍ନାନ ଫଳରେ ସେ ଜଳ ଅତ୍ୟନ୍ତ ପବିତ୍ର ଓ ସୁଗନ୍ଧିତ । ସେଥିରେ ସୁରନାରୀମାନେ ଜଳକ୍ରୀଡା କରି ସ୍ନାନ କରୁଥିବାରୁ ତାଙ୍କ ଉପଜରେ ଲେପିତ କୁଙ୍କୁମ ଜଳ ସହ ମିଶି ତାହାକୁ ରଙ୍ଗ କରିଦିଏ। ସେହି ଜଳକୁ ହସ୍ତୀମାନେ ସୁଗନ୍ଧ ଲୋଭରେ ପାନ କରନ୍ତି । ସେଠାକାର ସୁଗନ୍ଧିତ ହରିଚନ୍ଦନ ବୃକ୍ଷମାନଙ୍କରେ ହସ୍ତୀମାନେ ଘଷି ହେଉଥିବା କାରଣରୁ ସୁଗନ୍ଧ ପ୍ରବାହିତ ହୋଇ ବନଭୂମିକୁ ଆମୋଦିତ କରିପକାଉଥାଏ । ସେହି ବନରେ ଶତ ଯୋଜନ ବ୍ୟାପୀ ଥିବା ବଟବୃକ୍ଷ ତଳେ ସନକାଦି ସପ୍ତମୁନି, ସିଦ୍ଧ, ସାଧକ, ଯକ୍ଷ ରକ୍ଷ ପରିବେଷ୍ଟିତ ହୋଇ ଭଗବାନ ଶିବଶଙ୍କର ବିରାଜମାନ ଥାନ୍ତି । ବିଦ୍ୟା, ତପସ୍ୟା ଓ ଯୋଗ ଆଦି ତାଙ୍କ ପାଦତଳେ ଖଟିଥାନ୍ତି ।ତାଙ୍କର ଜଟା ଓ ଭସ୍ମ ବିମଣ୍ଡିତ ହୋଇ ତୁଷାର-ଶୁଭ୍ର ଶରୀର ଚନ୍ଦ୍ରମା ସଦୃଶ ସ୍ନିଗ୍ଧ ଶୋଭା ଧାରଣ କରିଥାଏ । ବାମ ଚରଣକୁ ଦକ୍ଷିଣ ଜାନୁ ଉପରେ ସ୍ଥାପନ କରି ସ୍ୱୟଂ ମହାଦେବ ନିଶ୍ଚଳ ସମାଧିସ୍ଥ ଥାଇ କ୍ରୋଧହୀନ କାଳ ସଦୃଶ ପ୍ରତିଭାତ ହେଉଥାନ୍ତି । ସର୍ବ ଦେବଗଣ ରୁଦ୍ରଙ୍କ ଚରଣରେ ପ୍ରଣିପାତ କଲେ । ମହାଦେବ ମଧ୍ୟ ବ୍ରହ୍ମା ଓ ବିଷ୍ଣୁଙ୍କୁ ଦେଖି ପ୍ରତ୍ୟଭିବାଦନ କଲେ । ବ୍ରହ୍ମା କହିଲେ ହେ ଭୋଳାନାଥ ! ତୁମେ ଜଗତ ଈଶ୍ୱର, ସଂସାର ତୁମର ଖେଳଘର, ତୁମଠାରୁ ଜଗତ ସୃଷ୍ଟି ତ ପୁଣି ସଂହାରକର୍ତ୍ତା ତୁମେ । ହେ ଧର୍ମଧାରୀ, ମଙ୍ଗଳମୟ ସଦାଶିବ ତୁମେ ହିଁ ହେଉଛ କର୍ମଫଳଦାତା । ଯେଉଁମାନେ ଅଜ୍ଞାନ ବଶତଃ ପଶୁପ୍ରବୃତ୍ତି ଘେନି ଲୋଭ ହେତୁ କର୍ମଫଳ ନିଜେ ଭୁଞ୍ଜିବାକୁ ଚାହାନ୍ତି ତାଙ୍କର ଦଶା ଦକ୍ଷ ଭଳି ହୁଏ । ଧର୍ମ ଓ ବେଦ ରକ୍ଷା ନିମନ୍ତେ ତୁମେ ହିଁ ଦକ୍ଷକୁ ନିମିତ୍ତ କରି ଯଜ୍ଞ ପ୍ରକଟ କରିଥିଲ । ମାତ୍ର ସେ ଦୁର୍ମତି ତାହା ବୁଝିନପାରି ଏହି ଦୁର୍ଗତିକୁ ପ୍ରାପ୍ତ ହେଲା । ଏବେ ତୁମେ ଦୟାପରବଶ ହୋଇ ଅପୂର୍ଣ୍ଣ ଯଜ୍ଞର ପୁନରୁଦ୍ଧାର କରିବା ସହ ଯଜମାନ ଦକ୍ଷକୁ ପୁନର୍ଜୀବନ ଦାନ କର ତା ସହ ଭୃଗୁମୁନିଙ୍କ ଚକ୍ଷୁ, ଦାଢି ଓ ଦନ୍ତଯୁକ୍ତ କର । ଆହତ ଦେବତା ଓ ଋତ୍ୱିଜମାନଙ୍କୁ ସୁସ୍ଥକରି ନିଜେ ଯଜ୍ଞରେ ଭାଗ ଗ୍ରହଣ କରି ସନ୍ତୋଷ ଲାଭ କର ।

୭ମ ଅଧ୍ୟାୟ

।। ଦକ୍ଷଯଜ୍ଞ ସଂପୂର୍ଣ୍ଣ ।।

ବ୍ରହ୍ମାଙ୍କ ନିବେଦନ ଶୁଣି ଭଗବାନ ଭୋଳାନାଥ ମୃଦୁ ହାସ ପୂର୍ବକ କହିଲେ, ହେ ବେଦବର ! ତୁମର ପୁତ୍ର ଦକ୍ଷ ଦୁଷ୍ଟ ବାଳକ ପରି ଯେପରି ଉଦଭ୍ରାନ୍ତ କାର୍ଯ୍ୟ କଲେ ତା ନିମନ୍ତେ ତାଙ୍କୁ ଉଚିତ୍ ଶାସ୍ତି ମିଳିଛି । ତଥାପି ତୁମମାନଙ୍କ ଅନୁରୋଧରୁ ମୁଁ ତାଙ୍କୁ କ୍ଷମା କଲି, କିନ୍ତୁ ତାଙ୍କର ମୁଣ୍ଡଟି ଯଜ୍ଞକୁଣ୍ଡରେ ଭସ୍ମ ହୋଇଯାଇଥିବାରୁ ସେ ଛେଳିମୁଣ୍ଡ ଧାରଣ କରନ୍ତୁ । ଭୃଗୁ ଦୁଇଚକ୍ଷୁ ବଦଳରେ ଗୋଟିଏ ଚକ୍ଷୁ ରହୁ ଓ ଏକ ପାଟିରେ ଦାନ୍ତ ରହୁ । ଦେବତାମାନେ ନିଜର ସ୍ୱରୂପ ପ୍ରାପ୍ତ ହୁଅନ୍ତୁ । ଯେଉଁମାନଙ୍କ ବାହୁ ନଷ୍ଟ ହୋଇଛି ସେମାନେ ଅଶ୍ୱିନୀକୁମାରଙ୍କ ବାହୁ ପ୍ରାପ୍ତ ହୁଅନ୍ତୁ । ସମସ୍ତେ ସାଧୁ ସାଧୁ କହିବା ସହ ମହାଦେବଙ୍କ ସହ ଯଜ୍ଞସ୍ଥଳକୁ ଯାଇ ବିଧିବିଧାନରେ ଯଜ୍ଞ ସଂପୂର୍ଣ୍ଣ କରିଲେ । ଛାଗଳ ମୁଣ୍ଡଧାରୀ ଦକ୍ଷ ଶିବଙ୍କୁ ଦେଖି ଅପମାନ ବୋଧ କରିବା ସହ ସ୍ତୁତି କରିବାକୁ ଯିବାବେଳେ ନିଜ କନ୍ୟା ସତୀଙ୍କ ବିଷୟ ମନେ ପକାଇ ଅଶ୍ରୁ ବିସର୍ଜନ କଲେ ଫଳରେ ତାଙ୍କ ମୁହଁରୁ କଥା ବାହାରିଲା ନାହିଁ । କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ଶିବଙ୍କୁ ନିଜର କର୍ମ ନିମନ୍ତେ କ୍ଷମା ପ୍ରାର୍ଥନା କଲେ । ଶିବ ସନ୍ତୁଷ୍ଟ ହେବାପରେ ସମସ୍ତେ ମିଶି ବିଷ୍ଣୁଙ୍କୁ ଆବାହନ କରିବା ଫଳରେ ସୂର୍ଯ୍ୟ ଓ ଅନଳଠୁ ଅଧିକ ତେଜବାନ ଡଭଗବାନ ବିଷ୍ଣୁ ଗରୁଡ ପୃଷ୍ଠରେ ବିଜେ ହେଲେ । ସମସ୍ତ ଦେବ ପ୍ରଣିପାତ କରି ସ୍ତୁତି ଆରମ୍ଭ କଲେ । ଦେବତାଙ୍କ ସ୍ତୁତି ଶୁଣି ଭଗବାନ କହିଲେ, ହେ ଦେବଗଣ, ସୃଷ୍ଟିର ପ୍ରତ୍ୟେକ ଅଂଶ ମୋଠାରୁ ସମ୍ଭୂତ, ପ୍ରତ୍ୟେକ କର୍ମରେ ମୋରି ଇଚ୍ଛା ନିହିତ । ମୁଁ ହିଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ରୂପରେ ସର୍ଜନା, ପାଳନ ଓ ସଂହାର କରିଥାଏ । ମୁଁ ନିର୍ଗୁଣ ନିରଞ୍ଜନ, ସର୍ବଭୂତରେ ମୋର ବାସ । ସକଳ କର୍ମ ମୋର ଅଧୀନ । ଶରୀର ଯେପରି ବିଭିନ୍ନ ଅଙ୍ଗର ସମଷ୍ଟିରେ ସୃଷ୍ଟି ସେହିପରି ପ୍ରତ୍ୟେକ ଜୀବ, ବସ୍ତୁ, ଅଣୁପରମାଣୁ ଭିତରେ ମଧ୍ୟ ମୁଁ , ଜ୍ଞାନୀ ଭକ୍ତ ତାହା ଜାଣି ଭେଦାଭାବ ରଖୁନଥିବା ବେଳେ ଅଜ୍ଞାନୀ କିନ୍ତୁ ଭେଦ କରିଥାଏ । ବିଷ୍ଣୁଙ୍କ ଅମୃତବାଣୀ ଶୁଣି ସର୍ବଦେବତା ଯଥାବିଧି ଯଜ୍ଞଭାଗ ଗ୍ରହଣ କଲେ ଓ ଯଜ୍ଞ ସମାପନ ହେଲା । ଦେବତାମାନେ ଦକ୍ଷଙ୍କୁ ଆଶୀର୍ବାଦ କରି ନିଜ ପୁରକୁ ପ୍ରତ୍ୟାବର୍ତ୍ତନ କଲେ । ସତୀ ଦେବୀ ପୁନର୍ବାର ନଗାଧିରାଜ ହିମାଳୟଙ୍କ ପତ୍ନୀ ମେନେକାଙ୍କ ଗର୍ଭରୁ ପାର୍ବତୀ ରୂପରେ ଜନ୍ମ ଗ୍ରହଣ କରି ଶିବଙ୍କୁ ପୁନର୍ବାର ପତି ରୂପରେ ପ୍ରାପ୍ତ ହେଲେ ।

(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ଦୀର୍ଘଜୀବୀ ହେବାକୁ ବଢ଼ାନ୍ତୁ ସାଙ୍ଗସାଥୀ



ସାଧାରଣତଃ ଦୀର୍ଘଜୀବୀ ହେବା ପଛରେ ସୁଷମ ଖାଦ୍ୟ, ବ୍ୟାୟାମ ଓ ସୁସ୍ଥ ଜୀବନଶୈଳୀ ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତଙ୍କର ଏକ ବଦ୍ଧମୂଳ ଧାରଣା ରହିଆସିଛି । ମାତ୍ର ଏକ ନୂତନ ଅନୁଧ୍ୟାନ ଅନୁଯାୟୀ, ଏଥିପାଇଁ ଜଣଙ୍କର ସାମାଜିକ ସମ୍ପର୍କର ମଧ୍ୟ ପ୍ରମୁଖ ଭୂମିକା ରହିଛି । ନିୟମିତ ବ୍ୟାୟାମ ଜଣକୁ ଯେତିକି ସୁସ୍ଥ ରଖିପାରିବ, ସାଙ୍ଗସାଥୀ ବା ବନ୍ଧୁବାନ୍ଧବମାନଙ୍କ ଗହଣରେ ଅଧିକ ସମୟ ବିତାଉଥିବା ବ୍ୟକ୍ତି ମଧ୍ୟ ସେତିକି ସୁସ୍ଥ, ନିରାମୟ ଓ ଦୀର୍ଘଜୀବୀ ହୋଇପାରିବେ । ଲେଖକ ତଥା ବିବିସି ସାମ୍ବାଦିକ ଡେଭିଡ୍ ରବ୍‌ସନ୍ ତାଙ୍କର ନୂତନ ପୁସ୍ତକ ''ଦି ଲ'ଜ୍ ଅଫ୍ କନେକ୍ସନ୍''ରେ ଏ ବାବଦରେ ପ୍ରମାଣ ସହ ଦର୍ଶାଇଛନ୍ତି ଯେ, ନିଜକୁ ନିଃସଙ୍ଗ ମନେ କରୁଥିବା ଲୋକଙ୍କ ତୁଳନାରେ ସାମାଜିକ ସମ୍ପର୍କରେ ରହୁଥିବା ବ୍ୟକ୍ତି ଅଧିକ ସୁସ୍ଥ ଓ ଦୀର୍ଘ ଜୀବନଯାପନ କରିଥା'ନ୍ତି । ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏପରି ଜୈବ-ମନସ୍ତାତ୍ତ୍ୱିକ-ସାମାଜିକ ପ୍ରଭାବ ସଂପର୍କରେ ତର୍ଜମା କରି ରବ୍‌ସନ୍ ସ୍ପଷ୍ଟ କରିଛନ୍ତି ଯେ, ବନ୍ଧୁତା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାଠାରୁ ଆରମ୍ଭ କରି ହୃଦ୍‌ରୋଗରେ ମୃତ୍ୟୁ ହେବା ଆଶଙ୍କାକୁ ମଧ୍ୟ ଦୂର କରିଥାଏ । ତେଣୁ ଦୀର୍ଘଦିନ ବଞ୍ଚିବାର ଅଭିଳାଷ ଥିଲେ, ଲୋକଙ୍କ ସହ ସମ୍ପର୍କକୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଦୀର୍ଘଜୀବୀ ହେବା ପଛର କାରଣ ଖୋଜିବାକୁ ଯାଇ ୧୯୬୦ ଦଶକରେ ଆମେରିକାର ପ୍ରସିଦ୍ଧ ଚିକିତ୍ସକ ଲେଷ୍ଟର ବ୍ରିସ୍ଲୋ 'ଆଲମେଡା ୭' ନାମରେ ଏକ ସୂତ୍ର ବାହାର କରିଥିଲେ । ସେହି ସାତଟି ଉପାଦାନ ହେଲା: ଧୂମପାନ ବର୍ଜନ, ମଦ୍ୟପାନ ତ୍ୟାଗ, ରାତିରେ ୭ରୁ ୮ ଘଣ୍ଟା ଶୟନ, ନିୟମିତ ବ୍ୟାୟାମ, କାମଚଳା ଆହାର ବାରଣ, ମଧ୍ୟମ ଧରଣର ଓଜନ ଓ ନିଶ୍ଚିତ ପ୍ରାତଃଭୋଜନ । ତେବେ ୧୯୭୯ ମସିହାରେ ଲେଷ୍ଟରଙ୍କ ସହଯୋଗୀମାନେ ଏଥିରେ ଅଷ୍ଟମ ଉପାଦାନଟି ଯୋଡ଼ିଥିଲେ, ତାହା ହେଲା ସାମାଜିକ ସଂଯୋଗ । ବିଭିନ୍ନ ଅଧ୍ୟୟନରୁ ଏକଥା ପ୍ରମାଣିତ ଯେ ଖୁବ୍ କମ୍ ସାମାଜିକ ସମ୍ପର୍କ ରଖୁଥିବା ଲୋକଙ୍କ ତୁଳନାରେ ଅଧିକ ଯୋଗାଯୋଗରେ ଥିବା ଲୋକଙ୍କର ମୃତ୍ୟୁ ହାର ପ୍ରାୟ ଅଧା । ସୁତରାଂ ଘନିଷ୍ଠ ବନ୍ଧୁତା ପରି ସାମାଜିକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିବା ଦୀର୍ଘଜୀବୀ ହେବାର ଏକ ସରଳ କିନ୍ତୁ ପ୍ରଭାବଶାଳୀ ଉପାୟ କହିବା ଭୁଲ୍ ହେବ ନାହିଁ ।

## ଗ୍ରେ ଡିଭୋର୍ସ କଣ ଜାଣିଛନ୍ତି କି?



ବିବାହ ହେଉଛି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମ୍ପର୍କର ଏକ ପବିତ୍ର ବନ୍ଧନ । ଦମ୍ପତିଙ୍କ ମଧ୍ୟରେ ପ୍ରେମ, ଥଟ୍ଟା ଏବଂ ଝଗଡା ତ ଏକ ସାଧାରଣ କଥା, କିନ୍ତୁ ଏହି ଛୋଟ ଝଗଡା ବେଳେବେଳେ ବଡ ହୋଇଯାଏ ଏବଂ ମାମଲା ଛାଡପତ୍ରରେ ପହଁଚିଯାଇଥାଏ । ଏପରି ପରିସ୍ଥିତିରେ, ସ୍ୱାମୀ-ସ୍ତ୍ରୀଙ୍କୁ ଛାଡପତ୍ର ନେବାକୁ ପଡିଥାଏ । ବାସ୍ତବରେ ବଲିଉଡ ଅଭିନେତା ଅଭିଷେକ ବଚ୍ଚନ ଏକ ପୋଷ୍ଟକୁ ପସନ୍ଦ କରିଥିଲେ, ଯାହା ଗ୍ରେ ଛାଡପତ୍ର ସହିତ ଜଡିତ ଥିଲା । ଏହା ପରେ ଗ୍ରେ ଡିଭୋର୍ସକୁ ନେଇ ଆଲୋଚନା ଜୋର ଧରିଛି । ତେବେ ଗ୍ରେ ଛାଡପତ୍ରର ଅର୍ଥ କଣ ଆପଣ ଜାଣନ୍ତି କି ? ଗ୍ରେ ଛାଡପତ୍ର ଅର୍ଥ ଯେତେବେଳେ ଦୁଇ ଜଣ ବ୍ୟକ୍ତି ୫୦ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ଧରି ଏକ ବିବାହିତ ଜୀବନ ଅତିବାହିତ କରନ୍ତି ଏବଂ ହଠାତ୍ ଛାଡପତ୍ର ନିଅନ୍ତି, ତେବେ ଏହାକୁ ଗ୍ରେ ଡିଭୋର୍ସ କୁହାଯାଏ । ଏହି ଶବ୍ଦ ଗତ କିଛି ବର୍ଷ ମଧ୍ୟରେ ଲୋକପ୍ରିୟ ହୋଇଛି । ତେବେ, ବିବାହର ୧୫-୨୦ ବର୍ଷ ପରେ ହଠାତ୍ ଅଲଗା ହୋଇଯିବା ମାମଲାକୁ ମଧ୍ୟ ଗ୍ରେ ଡିଭୋର୍ସ କୁହାଯାଏ । ଏହାର ସିଧାସଳଖ ଅର୍ଥ ହେଉଛି ଛାଡପତ୍ର ଯାହା କେଶ ଧୂସର ହେବା ବୟସରେ ନିଆଯାଏ । ବଲିଉଡରେ ଅନେକ ବଡ ସେଲିବ୍ରିଟି ଅଛନ୍ତି ଯେଉଁମାନେ ଗ୍ରେ ଡିଭୋର୍ସ ନେଇଛନ୍ତି । ସେମାନଙ୍କ ମଧ୍ୟରେ ଅରବାଜ ଖାନ ଏବଂ ମଲାଇକା ଆରୋରାଙ୍କ ଛାଡପତ୍ରକୁ ଗ୍ରେ ଡିଭୋର୍ସ ମଧ୍ୟ କୁହାଯାଏ, କାରଣ ସେମାନଙ୍କର ବୈବାହିକ ଜୀବନ ୧୯ ବର୍ଷ ପରେ ଭାଙ୍ଗିଯାଇଥିଲା । ଏହା ବ୍ୟତୀତ କିରଣ ରାଓ ଏବଂ ଆମୀର ଖାନ, ଫରହାନ ଅଖତର ଏବଂ ଅଦୁନା ଅଖତର, ଅର୍ଜୁନ ରାମପାଲ ଏବଂ ମେହେର ଜେସିଆଙ୍କ ବିବାହ ମଧ୍ୟ ଏହି ବର୍ଗରେ ରଖାଯାଇଛି । ବିବାହର ୧୫ ବର୍ଷ ପରେ ଆମୀର ଛାଡପତ୍ର ନେଇଥିଲେ, ଫରହାନ ୧୬ ବର୍ଷ ପରେ ଛାଡପତ୍ର ନେଇଥିଲେ ଏବଂ ଅର୍ଜୁନ ରାମପାଲ ୨୧ ବର୍ଷ ପରେ ଛାଡପତ୍ର ନେଇଥିଲେ । ପାଶ୍ଚାତ୍ୟ ଦେଶର ଲୋକଙ୍କ ମଧ୍ୟରେ ଗ୍ରେ ଡିଭୋର୍ସ ମାମଲା ବହୁତ ଜଣଙ୍କ କ୍ଷେତ୍ରରେ ଦେଖାଯାଏ ।

# ଦୂର ହେଲା ଭ୍ରାନ୍ତି: ଅଳ୍ପ ମଦ୍ୟପାନ ବି ହାନିକାରକ !




ଦଶନ୍ଧି ଦଶନ୍ଧି ଧରି ଏକ ଧାରଣା ରହି ଆସିଥିଲା ଯେ ମଧ୍ୟମ ଧରଣର ମଦ୍ୟପାନ ଲୋକଙ୍କୁ ସୁସ୍ଥ ତଥା ଦୀର୍ଘଜୀବୀ କରିଥାଏ । ଏପରିକି ଫ୍ରାନ୍‌ସରେ 'ଫ୍ରେଞ୍ଚ ପାରାଡକ୍ସ' ନାମକ ଏକ ଦୃଢ଼ ଧାରଣା ରହିଛି କି, ରେଡ୍ ୱାଇନ୍ ସେବନ କରୁଥିବା ଲୋକଙ୍କର ହୃଦ୍‌ରୋଗ ହାର କମ୍ ରହିଥାଏ । ମାତ୍ର ଏକ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ଯେକୌଣସି ପରିମାଣର ହେଉ ପଛେ, ମଦ୍ୟପାନ ଆଦୌ ସ୍ୱାସ୍ଥ୍ୟପ୍ରଦ ନୁହେଁ । ଏପରିକି ଅଳ୍ପରୁ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କର ବହୁବିଧ କର୍କଟ ହେବାର ଆଶଙ୍କା ରହିଛି । ସେଥିପାଇଁ ମଦ୍ୟପାନ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ କଦାପି ନିରାପଦ ନୁହେଁ ବୋଲି ଗତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବଲ୍ୟୁଏଚ୍ଓ) ପକ୍ଷରୁ ଘୋଷଣା କରାଯାଇଛି । ମଧ୍ୟମ ଧରଣର ମଦ୍ୟପାନ ସ୍ୱାସ୍ଥ୍ୟପ୍ରଦ ବୋଲି ରହିଥିବା ଭ୍ରାନ୍ତ ଧାରଣାର ଆଧାର ହେଉଛି ଅତୀତରେ ହୋଇଥିବା କେତେକ ବୈଜ୍ଞାନିକ ଅଧ୍ୟୟନ । କିନ୍ତୁ ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ 'କାଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ସବ୍‌ଷ୍ଟାନ୍‌ସ ୟୁଜ୍ ରିସର୍ଚ୍ଚ'ର ଗବେଷକମାନେ ପୂର୍ବରୁ ପ୍ରକାଶିତ ୧୦୭ ପ୍ରକାର ତଥ୍ୟଭିତ୍ତିକ ଅନୁସନ୍ଧାନକୁ ତର୍ଜମା କରି ଉକ୍ତ ଗବେଷଣାଗୁଡ଼ିକ ତ୍ରୁଟିକୁ ଠାବ କରି ସେଗୁଡ଼ିକର ନିଷ୍କର୍ଷ ଭ୍ରମାତ୍ମକ ବୋଲି ପ୍ରମାଣିତ କରିଛନ୍ତି । ମଦ ପିଉଥିବା ଲୋକଙ୍କ କ୍ଷେତ୍ରରେ ମୁଖଗହ୍ୱର କର୍କଟ, ଗଳା କର୍କଟ, ସ୍ତନ କର୍କଟ ଓ ଅନ୍ତ୍ରାଶୟ କର୍କଟ ପରି ସାତ ପ୍ରକାରର କର୍କଟ ରୋଗ ଆଶଙ୍କା ଅଧିକ ମଦ୍ୟପାନଠାରୁ ସଂପୂର୍ଣ୍ଣ ଦୂରେଇ ରହିଥିବା ଲୋକଙ୍କ ତୁଳନାରେ ଦିନକୁ ଦୁଇଥର ଅଥବା ସପ୍ତାହକୁ ଥରେ ମଦ୍ୟପାନ କରୁଥିବା ଲୋକଙ୍କର ମୃତ୍ୟୁ ଆଶଙ୍କା ୧୪ ପ୍ରତିଶତ କମ୍ ବୋଲି ପୂର୍ବ ଗବେଷଣାରୁ ନିଷ୍କର୍ଷ ମିଳିଥିଲା । ମାତ୍ର ସେସବୁ ତଥ୍ୟଭିତ୍ତିକ ଅନୁଧ୍ୟାନ କେବଳ ବୟସ୍କ ଲୋକଙ୍କ ମଧ୍ୟରେ ସୀମିତ ରହିଥିଲା । ସେଥିରେ ଜୀବନ ତମାମ ମଦ ପିଉଥିବା ଲୋକଙ୍କୁ ସାମିଲ କରାଯାଇ ନଥିଲା । ଅର୍ଥାତ୍ ସେଥିରେ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କ ସହିତ ମଦଠାରୁ ସଂପୂର୍ଣ୍ଣ ଦୂରେଇ ରହିଥିବା ଓ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପରେ ମଦ୍ୟପାନ କମାଇ ଦେଇଥିବା ଅଥବା ତ୍ୟାଗ କରିଥିବା ଲୋକଙ୍କ ସହ ତୁଳନା କରାଯାଇଥିଲା । ସୁତରାଂ ତୁଳନାତ୍ମକ ଭାବେ ମଦ୍ୟପାନ ଜାରି ରଖିଥିବା ଲୋକେ ଅଧିକ ସୁସ୍ଥ ବୋଲି ସେଥିରୁ ନିଷ୍କର୍ଷ ବାହାରିଥିଲା । ମାତ୍ର ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟର ଏହି ଗବେଷକମାନଙ୍କ ସଦ୍ୟତମ ଅନୁଧ୍ୟାନରେ ୫୫ ବର୍ଷରୁ କମ୍ ବୟସ୍କ ଲୋକଙ୍କୁ ସାମିଲ କରାଯାଇଥିଲା । ଏଥି ସହିତ ପୂର୍ବରୁ ମଦ ପିଇ ଏବେ ଛାଡ଼ିଦେଇଥିବା ଏବଂ ବେଳେ ବେଳେ ମଦ ପିଉଥିବା ଲୋକଙ୍କୁ ମଦ୍ୟନିବୃତ୍ତ ଶ୍ରେଣୀରେ ରଖାଯାଇନଥିଲା । ଏଥିରୁ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କର ଜୀବନଧାରଣ କ୍ଷମତା ଉନ୍ନତ ଥିବା କଥା ଆଦୌ ନିରୂପିତ ହୋଇନଥିଲା । ସେହିପରି ରେଡ୍ ୱାଇନ୍‌ରେ 'ରେସଭେରାଟ୍ରଲ୍' ନାମକ ଏକ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ ରହିଛି ଯାହା ରକ୍ତରେ କୋଲେଷ୍ଟ୍ରୋଲ୍ ସ୍ତର ଓ ରକ୍ତଚାପ କମାଇବାରେ ସହାୟକ ହୋଇଥାଏ । ତେଣୁ ରେଡ୍ ୱାଇନ୍ ହୃଦ୍‌ରୋଗ କମାଇଥାଏ ବୋଲି ବିଶ୍ୱାସ ରହିଛି । ମାତ୍ର କେତେ ପରିମାଣର 'ରେସଭେରାଟ୍ରଲ୍' ଆମ ପାଇଁ ନିରାପଦ, ସେ ସମ୍ପର୍କରେ କିଛି ସୂଚନା ମିଳିପାରିନାହିଁ । ଅପରପକ୍ଷେ, ମଦ ପିଉଥିବା ଲୋକଙ୍କ କ୍ଷେତ୍ରରେ ମୁଖଗହ୍ୱର କର୍କଟ, ଗଳା କର୍କଟ, ସ୍ତନ କର୍କଟ ଓ ଅନ୍ତ୍ରାଶୟ କର୍କଟ ପରି ସାତ ପ୍ରକାରର କର୍କଟ ରୋଗର ଆଶଙ୍କା ଅଧିକ ବୋଲି ଜଣାଯାଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚେଇଁ ଶୋଇଥିବ ଯିଏ...

ଭାରତ ହେଉଛି ଏକ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର। ଏହାର ସ୍ୱାତନ୍ତ୍ର୍ୟତା ସାରା ବିଶ୍ୱରେ ସମସ୍ତଙ୍କ ମୁଖରେ ଗାନ କରାଯାଏ। ଦେଶ ସ୍ୱାଧୀନ ହେବା ପରଠାରୁ ଏ ଯାଏଁ ଅନେକ ଲୋକପ୍ରତିନିଧିଙ୍କ ହାତରେ ଜନତାଙ୍କ ଭାଗ୍ୟ ନିର୍ଦ୍ଧାରଣ ହୋଇଚାଲିଛି। ପ୍ରତ୍ୟେକଥର ନିର୍ବାଚନ ଆସେ ଏବଂ ଚାଲିଯାଏ। ଲୋକମାନେ କେବଳ ଭୋଟ୍ ଦେବା ପାଇଁ କଷ୍ଟ କରି ବୁଥ୍‌କୁ ଯାଆନ୍ତି। ଅବଶ୍ୟ ସ୍ଥାନ ବିଶେଷରେ ଓ ବେଳେବେଳେ ସେମାନଙ୍କୁ ନେବା ପାଇଁ ମଧ୍ୟ ସୁବିଧା କରାଯାଇ ଥାଏ। ଛୋଟ ଛୁଆଟିଏ ନିର୍ବୋଧ ଭାବେ ଚାଲିଚାଲି ବିଦ୍ୟାଳୟକୁ ଯାଇ ଛୁଟି ହେବା ପରେ ଘରକୁ ଫେରି ବହିବସ୍ତାନୀ ଫୋପାଡ଼ି ଦେବା ପରି ଭୋଟରମାନେ ଭୋଟକେନ୍ଦ୍ରକୁ ଯାଇ ଭୋଟ୍ ଦେଇ ଆସିଥା'ନ୍ତି। ଭୋଟ୍ ସରି ଫଳାଫଳ ଆସିବା ପରେ ଆଉ କାହାର କୌଣସି ଚିନ୍ତା ନ ଥାଏ ସେଥିପାଇଁ। କେବଳ ନିର୍ବାଚନ ପରେ ଦରବୃଦ୍ଧି ହେବ ବୋଲି ଆଗରୁ ମନକୁ ବୁଝାଇ ଦେଇଥା'ନ୍ତି ଭୋଟରମାନେ। ତା'ର କାରଣ ନିରାକରଣ ବିଷୟରେ ଭାବିବା ପାଇଁ ଇଚ୍ଛା ଶକ୍ତି, ଦୃଢ଼ତା, ସର୍ବୋପରି ଦାୟିତ୍ୱବୋଧ ଆମମାନଙ୍କର ନ ଥାଏ। କାହିଁକିନା ଆମେ ପ୍ରତିନିଧି ବାଛିଦେଇଛୁ ଯେତେବେଳେ ସେଇଟା ତ ସେମାନଙ୍କର ଦାୟିତ୍ୱ। ତେଣିକି ସେମାନେ କଲେ କରିବେ ନ କଲେ ନାହିଁ – ଏହି ମାନସିକତା ଆମର ରହିଆସିଛି। ତା'ଛଡ଼ା ଦେଶରେ ଅନେକ ସମସ୍ୟା ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ବେକାରୀ ସମସ୍ୟା ଏସବୁ ତ ସାଧାରଣ କଥା। ପରିବର୍ତ୍ତନ ତ ସଂସାରର ନିୟମ। ଯିଏ ଗାଦିରେ ବସିବ ସିଏ ସିନା ବୁଝିବ ଆମେ ଅବା କ'ଣ କରିବୁ? ଏଇଠି ପ୍ରଶ୍ନ ଉଠେ, ଯଦି ବା ଜଣେ ବ୍ୟକ୍ତି ଆସନରେ ବସିଲା, ତେବେ ସମସ୍ତ କର୍ତ୍ତବ୍ୟ କ'ଣ କେବଳ ବ୍ୟକ୍ତିଗତ ଭାବରେ ସିଏ କରିବ? ଆମକୁ କେବଳ ଲାଭଦାୟକ ଯୋଜନା ଦରକାର, ଯେଉଁଥିରେ କିଛି କାମ ନକରି ଘରେ ବସି ମାଗଣାରେ ଖାଇହେବ। ଆଉସବୁ କଥା ତ ପାଠକେ ଭଲ ଭାବେ ବୁଝି ପାରୁଥିବେ। ଦୁର୍ଘଟଣା ହେଲା କ୍ଷତିପୂରଣ ଦିଆଯିବ, କିନ୍ତୁ ଦୁର୍ଘଟଣାକୁ ରୋକି ପାରିବାର ସତର୍କତାକୁ ଆମକୁ ହିଁ ଅବଲମ୍ବନ କରିବାକୁ ପଡ଼ିବ। ଯେକୌଣସି ଛୋଟରୁ ଛୋଟ ଅସୁବିଧା ହେଲେ କେନ୍ଦ୍ର ବା ରାଜ୍ୟ ସରକାର ଦାୟୀ ଭଳି ମନ୍ତବ୍ୟ ଦେଇଦେଲେ ଲୋକମାନଙ୍କର ଦାୟିତ୍ୱବୋଧ ଶେଷ ହୋଇଯାଏ। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କର କର୍ତ୍ତବ୍ୟବୋଧ କ'ଣ ଏତିକିରେ ସୀମିତ? ଦେଶର ଲୋକମାନେ ଶିକ୍ଷିତ ହୋଇ ଜୀବନ ଜୀବିକା ନିର୍ବାହ କରିବା ଯେତିକି ଆବଶ୍ୟକ, ଲୋକପ୍ରତିନିଧି ନିର୍ବାଚିତ କରିବା ପାଇଁ ନିଜର ବୁଦ୍ଧି ଓ ବିବେକ ଖଟାଇବା ସେତିକି ଜରୁରୀ। ଜନସମାଜ ଯଦି ଭାବୁଥିବେ, ସାଧାରଣ ଭାବେ ଭୋଟ୍ ଖଣ୍ଡେ ଦେଇଦେଲେ ଗଣତାନ୍ତ୍ରିକ କର୍ତ୍ତବ୍ୟ ସମାପିତ ହୋଇଗଲା, ତେବେ ତାହା ହିଁ ସବୁଠାରୁ ବିପଜ୍ଜନକ। ଦାୟିତ୍ୱବାନ ଶାସନ ବିନା ଦେଶର ଅର୍ଥନୈତିକ ଉନ୍ନତି ସମ୍ଭବ ନୁହେଁ। ସାମାଜିକ ସ୍ଥିତି ଓ ନିରାପତ୍ତା ମଧ୍ୟ ବିପନ୍ନ, ପ୍ରଗତି ସୁଦୂର ପରାହତ। କିନ୍ତୁ ଏଥିରେ ସର୍ବାଧିକ, ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ନାଗରିକ ବା ଭୋଟରଙ୍କର। ସୁସ୍ଥ ଗଣତନ୍ତ୍ର ପାଇଁ ଅନେକ କିଛି ସଂସ୍କାରର ଆବଶ୍ୟକତା ରହିଛି। ନିର୍ବାଚନରେ ପ୍ରାର୍ଥୀ ହେବାକୁ ଚାହୁଁଥିବା ବ୍ୟକ୍ତିଙ୍କ ସକାଶେ ପ୍ରାଥମିକ ରାଜନୀତିବିଜ୍ଞାନର ଏକ ପାଠ୍ୟକ୍ରମ ଚାଲୁହେବା ସହ ଦେଶ ପ୍ରତି ସେମାନଙ୍କ କର୍ତ୍ତବ୍ୟ, ସମ୍ବିଧାନର ମର୍ମ, ସମସାମୟିକ ସମସ୍ୟା ଇତ୍ୟାଦି ବାବଦରେ ସେମାନଙ୍କୁ ଅବଗତ କରାଇ ଘନଘନ ଦଳବଦଳ ନୀତିରୁ ଅବ୍ୟାହତି ପାଇଁ ଚେତାବନୀ ଦେବା ଆବଶ୍ୟକ। ଏସବୁ ବାଧ୍ୟତାମୂଳକ ହେବା ଜରୁରୀ। ତା'ଛଡ଼ା ଦେଶବ୍ୟାପୀ ପ୍ରତ୍ୟେକ ଭୋଟରଙ୍କୁ ମଧ୍ୟ ଗଣତାନ୍ତ୍ରିକ ଶିକ୍ଷା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ଆବଶ୍ୟକ। ସମାଜସେବୀ ଅନୁଷ୍ଠାନ ହେଉ କିମ୍ବା କୌଣସି ବ୍ୟକ୍ତି ଗଣତନ୍ତ୍ରର ମୌଳିକ ଦାୟିତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଶିକ୍ଷା ଦେବାର କାର୍ଯ୍ୟକ୍ରମକୁ ଦୃଢ଼ ଭାବରେ ଜାରି ରଖିଲେ ଦେଶର ପ୍ରକୃତ ହିତ ସାଧନ ହୋଇପାରନ୍ତା। ଉପହାର ନେଇ ଭୋଟ ଦେବା, ପ୍ରଚାରର ଆଡ଼ମ୍ବରରେ ପ୍ରତାରିତ ହେବା ଭଳି ଭୁଲ୍ ରାସ୍ତାରେ ପରିଚାଳିତ ଜନସମାଜ କଦାପି ଜଣେ ଉପଯୁକ୍ତ ଲୋକସେବକ ବାଛି ପାରିବେ ନାହିଁ – ଏ ଦିଗରେ ମଧ୍ୟ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଆମ ଦେଶର ଜନତା ଅତ୍ୟଧିକ ଭାବପ୍ରବଣ। ତେଣୁ ସେମାନେ ସହାନୁଭୂତିମୂଳକ ଭୋଟ୍ ଦେଇ ପାଞ୍ଚବର୍ଷରେ ହୋଇଥିବା ସମସ୍ତ ଭୁଲ୍ ?କୁ ଅନାୟାସରେ କ୍ଷମା କରିଦେଇ ପାରିବେ। ଏଭଳି ଗତାନୁଗତିକ ଧାରାରେ ଚାଲିଥିବା ଗଣତନ୍ତ୍ରରେ ଜନସାଧାରଣ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବା ସହ ଉପଯୁକ୍ତ ନେତା ମଧ୍ୟ ସୃଷ୍ଟି ହୋଇପାରିବେ ନାହିଁ। କ୍ଷମତା ଯେ ମନୁଷ୍ୟକୁ ବିପଥଗାମୀ କରାଏ, ତାହା ଯୁଗେ ଯୁଗେ ପ୍ରମାଣିତ। ଭାରତର ଗଣତନ୍ତ୍ର ସେତେବେଳେ ବିଶ୍ୱର ସର୍ବଶ୍ରେଷ୍ଠ ବିବେଚିତ ହେବ, ଯେବେ ଦେଶବାସୀଙ୍କ ମଧ୍ୟରେ ଥିବା ଆଦର୍ଶ ଓ ସଦିଚ୍ଛାକୁ ଉଚିତ୍ ମାର୍ଗରେ ପରିଚାଳିତ କରାଯିବ। ସେଥିନିମନ୍ତେ ଆବଶ୍ୟକ ଶିକ୍ଷା ଓ ଦିଗ୍‌ଦର୍ଶନ। ଗଣତନ୍ତ୍ରର ଭାଗ୍ୟ ନିରୂପଣ ଆମ ହାତରେ ରହିଛି। ଏହାକୁ ଆମେ ଆମର ବିବେକର ପ୍ରୟୋଗ ଦ୍ୱାରା କରିପାରିବା। କିନ୍ତୁ ଏକଥା ବି ସତ ଯେ ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ?

## ରହସ୍ୟମୟ ବାଇଶିପାହାଚ



### ପଣ୍ଡିତ ଦୈତ୍ୟାରି ମହାପାତ୍ର

ବଡଦାଣ୍ଡରୁ ପୂର୍ବଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରାଯାଏ। ଯାହାର ଅନ୍ୟନାମ ସିଂହଦ୍ୱାର। ଏହି ସିଂହଦ୍ୱାର ସମ୍ମୁଖରେ ଅରୁଣସ୍ତମ୍ଭ ବିରାଜିତ। ଏହାର ଉଭୟ ପାର୍ଶ୍ୱରେ ଜୟ ବିଜୟ ନାମକ ଦୁଇଟି ପ୍ରକାଣ୍ଡକାୟ ସିଂହ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି। ତେଣୁ ଏହାର ନାମକରଣ କରାଯାଇଛି 'ସିଂହଦ୍ୱାର'। ଏହି ଦ୍ୱାରକୁ ପାରିହୋଇ ମନ୍ଦିରକୁ ପ୍ରବେଶ କରିବା ମାତ୍ରେ ପଡ଼ିବ ସୋପାନ। ଯାହାକୁ କୁହାଯାଏ 'ବାଇଶିପାହାଚ'। ପୁରୀ ଗେଜେଟିୟର ପାହାଚ ଗୁଡ଼ିକର ସଂଖ୍ୟା ବାଇଶ ବୋଲି ପ୍ରକାଶ କରିଛନ୍ତି। ସେମାନେ ଲେଖିଛନ୍ତି, **"Inside the outer enclosure is the inner enclosure, spproached by 22 flights of steps (Baishi Pahacha) from the eastern gateway of the outer enclosure."** ଗେଜେଟ୍ ଅନୁସାରେ ମଧ୍ୟବର୍ତ୍ତୀ ୧୫ଟି ପାହାଚର ପ୍ରସ୍ଥ ୫ଫୁଟ ସାଢ଼େ ୧୦ ଇଞ୍ଚିରୁ ୬ ଫୁଟ ୩ ଇଞ୍ଚ ପର୍ଯ୍ୟନ୍ତ ଏବଂ ପାହାଚ ଗୁଡ଼ିକ ୬ରୁ ୭ ଇଞ୍ଚି ଉଚ୍ଚତା ବିଶିଷ୍ଟ ହୋଇଥିବା ବେଳେ ଅବଶିଷ୍ଟ ପାହାଚର ଦୈର୍ଘ୍ୟ ଓ ପ୍ରସ୍ତରେ କ୍ଷୁଦ୍ରକାୟ।

ବାସ୍ତବରେ ବାଇଶି ପାହାଚର ପାହାଚ ସଂଖ୍ୟା ହେଉଛି ଅଷ୍ଟାଦଶ। ଆନନ୍ଦବଜାରକୁ ପ୍ରବେଶ ପଥରେ ଥିବା ପାହାଚ ଦୁଇଟିକୁ ମିଶାଇଲେ ତାହା ହେବ କୋଡ଼ିଏ। ଏହାର ପ୍ରସ୍ଥ ୧୫ ଫୁଟ। ଆନନ୍ଦବଜାରର ପ୍ରବେଶ ପଥର ପାହାଚ ଗୁଡିକ ଅର୍ଦ୍ଧବୃତ୍ତାକାର। ଯାହାର ପ୍ରସ୍ଥ ପ୍ରାୟ ୬ ଫୁଟ। ଏହି ପଥର ଗୁଡ଼ିକ ବଉଳମାଳ ବା ସାଣ ପଥରରେ ନିର୍ମିତ ହୋଇଅଛି। ଆରମ୍ଭ ଓ ଶେଷ ମିଶିଲା ପରେ ପାହାଚ ସଂଖ୍ୟା ବାଇଶି। ତେଣୁ ମନ୍ଦିରର ପ୍ରବେଶ ଦ୍ୱାରରେ ପାହାଚ ସଂଖ୍ୟା ବାଇଶି ନାମରେ ନାମିତ।

ଶ୍ରୀମନ୍ଦିର ଭଳି ବାଇଶି ପାହାଚର ମାହାତ୍ମ୍ୟ ସ୍ୱତନ୍ତ୍ର। ଏହା ଅତିବ ପବିତ୍ର। ଏହି ପାହାଚ ଦେଇ ଶ୍ରୀଜୀଉମାନେ ପହଣ୍ଡି ହୋଇ ରଥାରୁଢ଼ ହୋଇଥାଆନ୍ତି। ଚତୁର୍ଦ୍ଧା ମୂର୍ତ୍ତି ବ୍ୟତୀତ ଭୂଦେବୀ, ଶ୍ରୀଦେବୀ, ଦୋଳଗୋବିନ୍ଦ, ଅମାବାସ୍ୟା ନାରାୟଣ, ମଦନମୋହନ, ରାମକୃଷ୍ଣ, ନୃସିଂହ, ହନୁମାନ, ଶ୍ରୀରାମ, ଲକ୍ଷ୍ମଣ, ମାଧବ, ବାଡ଼ିନୃସିଂହ ଏବଂ ପଞ୍ଚ ମହାଦେବ ପ୍ରଭୃତିର ବିଜେ ପତିମାମାନ ବିଭିନ୍ନ ଜାନିଯାତ୍ରାରେ ଏହି ପାହାଚ ଦେଇ ଯାତ୍ରା କରିଥାଆନ୍ତି। ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ, ରାମାନୁଜ ଏବଂ ଶ୍ରୀଚୈତନ୍ୟ ଗୁରୁମାନେ ମଧ୍ୟ ଏହି ପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି।

ବାଇଶି ପାହାଚର ମାହାତ୍ମ୍ୟ ସ୍ୱତନ୍ତ୍ର। ଏହି ପାହାଚକୁ ଆଜି ପର୍ଯ୍ୟନ୍ତ କେହିବି ପୂର୍ଣ୍ଣଭାବରେ ଗଣିପାରି ନାହିଁ। କାରଣ ମହାପ୍ରଭୁଙ୍କର ମହିମା ଅଲୌକିକ। ବାଇଶି ପାହାଚର ପ୍ରତ୍ୟେକ ପହାଚର ମାହାତ୍ମ୍ୟ ସ୍ୱତନ୍ତ୍ର। ପ୍ରଥମ ପାହାଚ ଠାରୁ ଆରମ୍ଭ କରି ବାଇଶି ପାହାଚ ପର୍ଯ୍ୟନ୍ତ ପ୍ରତ୍ୟେକ ପାହାଚର ଇତିହାସ ଏବଂ କିମ୍ବଦନ୍ତୀ ସ୍ୱତନ୍ତ୍ର। ମହାପ୍ରଭୁ ଯେତେବେଳେ ଏହି ପାହାଚ ଦେଇ ବିଜେ ହୋଇଥାଆନ୍ତି ରଥାରୁଢ଼ ହେବା ପାଇଁ ସେତେବେଳେ ପ୍ରତ୍ୟେକ ପାହାଚରେ ତେତ୍ରିଶକୋଟି ଦେବତା ମହାପ୍ରଭୁଙ୍କୁ ଅପେକ୍ଷା କରିଥାଆନ୍ତି।

ଭକ୍ତଙ୍କର ପଦଧୂଳି ତଥା ଭଗବାନଙ୍କର ପ୍ରତ୍ୟକ୍ଷ ଆବିର୍ଭାବ ଏହି ପାହାଚରେ ସନ୍ନିବେଶିତ ଅଛି। ଯାହା ସନ୍ତାନର କଲ୍ୟାଣ ସାଧନ କରିଥାଏ। ତେଣୁ ବାଇଶି ପାହାଚରେ ଛୋଟ ଛୋଟ ପିଲାମାନଙ୍କୁ ଗଡ଼ା ଯାଇଥାଏ। ବାଇଶି ପାହାଚରେ ପିଣ୍ଡଦାନ କଲେ ପିତୃଲୋକ ତୃପ୍ତ ହୋଇଥାଆନ୍ତି। ମହାଳୟା ଓ ପୟାଅମାବାସ୍ୟା ଦିନ ପିତୃପୁରୁଷଙ୍କର ମୁକ୍ତିମୋକ୍ଷ ନିମିତ୍ତ ଏହିଠାରେ ପିଣ୍ଡଦାନ କରାଯାଇଥାଏ।

ବାଇଶି ପାହାଚର ପ୍ରଥମ ପାହାଚରେ ରହିଛି ରତ୍ନଭଣ୍ଡାର ଏବଂ ଜ୍ୟୋତିଶିଳା। ଯେଉଁଠାରେ ଠିଆ ହୋଇ ମହାପ୍ରଭୁଙ୍କୁ ଧ୍ୟାନ କଲେ ଏବଂ ଭକ୍ତିର ସହିତ ନୀଳଚକ୍ରକୁ ପ୍ରଣାମ କଲେ ଭକ୍ତର ଅଭିଷ୍ଟ ପୂରଣ ହୋଇଥାଏ। ଦ୍ୱିତୀୟ ପାହାଚ ହେଉଛି ଜୀବ ପରମ ମୋକ୍ଷ ପ୍ରାପ୍ତିର ପାହାଚ। ତୃତୀୟ ପାହାଚ ହେଉଛି ସତ୍ତ୍ୱ-ରଜ-ତମର ପାହାଚ। ଯେଉଁଠାରେ ଛିଡ଼ା ହୋଇ ମହାପ୍ରଭୁଙ୍କୁ ପ୍ରଣାମ କଲେ ସମସ୍ତ ପ୍ରକାର ଶୁଫଳ ମିଳିଥାଏ। ଏହି ପାହାଚର ଦକ୍ଷିଣ ପାର୍ଶ୍ୱରେ କାଶୀ ବିଶ୍ୱନାଥଙ୍କ ମନ୍ଦିର ଅବସ୍ଥିତ। ଶୈବ ଓ ବୈଷ୍ଣବ ଧର୍ମ ସମନ୍ୱୟର ପ୍ରତୀକ ଏହି ମନ୍ଦିର। ଏହାକୁ କେନ୍ଦ୍ର କରି ପୁରାଣ ଶାସ୍ତ୍ରରେ ରହିଛି ଦୁଇଟି କିମ୍ବଦନ୍ତୀ। ଯଥା- କାଶୀ ଯାଇ ଗଙ୍ଗାସ୍ନାନ କରି ବିଶ୍ୱନାଥଙ୍କୁ ଦର୍ଶନ କରିବା ଜନୈକା ବୃଦ୍ଧା କୁମ୍ଭାରୁଣୀ ଇଚ୍ଛା ପ୍ରକାଶ କରନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ବାଇଶି ପାହାଚର ତୃତୀୟ ପାହାଚରେ ତପସ୍ୟାରତ ସନ୍ନ୍ୟାସୀଙ୍କ ଠାରୁ ଅନ୍ନ ନେବା ପାଇଁ ସ୍ୱପ୍ନାଦେଶ ଦେଲେ। ବୃଦ୍ଧାର ଅନୁରୋଧରେ ତପସ୍ୱୀ ଜଣକ ନିଜେ ବିଶ୍ୱନାଥ ବୋଲି ପ୍ରକାଶ କଲେ ଏବଂ କାଶୀ ଯାଇ ଗଙ୍ଗାସ୍ନାନ କରି ବିଶ୍ୱନାଥଙ୍କୁ ଦର୍ଶନ କରିବା ପାଇଁ ମନାକଲେ। ଗଙ୍ଗା ଭଗବାନଙ୍କ ବିଷ୍ଣୁଙ୍କର ନଖାଗ୍ରରୁ ସମ୍ଭୂତା। ଶ୍ରୀଜଗନ୍ନାଥ ସ୍ୱୟଂ ବିଷ୍ଣୁ। ତେଣୁ ଦେବୀ ଗଙ୍ଗା ତାଙ୍କ ପାଦ ତଳେ ଆଶ୍ରିତା। ତେବେ କାଶୀ ଯାଇ ଗଙ୍ଗାସ୍ନାନର ଆବଶ୍ୟକତା କ'ଣ? ଶ୍ରୀଲୋକନାଥ ହେଉଛନ୍ତି ଜଗନ୍ନାଥଙ୍କର ଭଣ୍ଡାର ରକ୍ଷକ। ସନ୍ନ୍ୟାସରୂପୀ ବିଶ୍ୱନାଥଙ୍କ ଠାରୁ ଅନ୍ନଗ୍ରହଣ କରି କୁମ୍ଭାରୁଣୀ ମୁକ୍ତିମୋକ୍ଷ ପ୍ରାପ୍ତି ହୋଇଥିଲେ। ଅନ୍ୟ କିମ୍ବଦନ୍ତୀଟି ହେଉଛି ଦ୍ୱାପର ଯୁଗର କଥା। କାଶୀରାଜା ତ୍ରିବିକ୍ରମ ବିଶ୍ୱନାଥଙ୍କ ଠାରୁ ବରପ୍ରାପ୍ତ ହୋଇ ଅହଂକାରୀ ହୋଇଯାଇଥିଲେ। ଏବଂ ନିଜକୁ ବାସୁଦେବ ବୋଲି ଗର୍ବ କରୁଥିଲେ। ତାଙ୍କ ଆଚରଣରେ କ୍ଷୁବ୍‌ଧ ହୋଇ ଭଗବାନ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରରେ ବଦ୍ଧ କରିଥିଲେ। ତ୍ରିବିକ୍ରମଙ୍କ ଭଳି ମହାପାପୀ ଏବଂ ଗର୍ବୀ ସେହିଦିନ ଠାରୁ ତୃତୀୟ ପାହାଚରେ ରହି ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଏହିକଥା ଜଗନ୍ନାଥ ପୁରାଣରେ ଉଲ୍ଲେଖ ଅଛି। ଲେଖାଅଛି–

"ନୀଳାଚଳେ ରହିବି ମୁଁ ଦାରୁରୂପ ଧରି
ବାଇଶି ପାହାଚ ତଳେ ଆସନ ତୁମ୍ଭରି।"

ଏହି ତୃତୀୟ ପାହାଚରେ ଛିଡ଼ା ହୋଇ ମହାପ୍ରଭୁଙ୍କୁ ଦର୍ଶନ କଲେ ମନରୁ ସମସ୍ତ ପ୍ରକାର ଗର୍ବ ଅହଂକାର ଦୂରୀଭୂତ ହୁଏ ବୋଲି ବିଶ୍ୱାସ କରାଯାଏ। ଏହିପରି ଭାବେ ପ୍ରତ୍ୟେକ ପାହାଚର ମାହାତ୍ମ୍ୟ ସ୍ୱତନ୍ତ୍ର ଭାବେ ପରିଲକ୍ଷିତ ହୁଏ।

ଶ୍ରୀକ୍ଷେତ୍ରରେ ଜୀବାତ୍ମା କ୍ଷେତ୍ର ସ୍ୱରୂପ ଯେଉଁଠାରେ ଶ୍ରୀଜଗନ୍ନାଥ ହେଉଛନ୍ତି କ୍ଷେତ୍ରବିଜ୍ଞ। ପଞ୍ଚମୁହାଭୂତ, ଦଶଇନ୍ଦ୍ରିୟ, ପଞ୍ଚତନ୍ମାତ୍ମା ଏବଂ କ୍ଷେତ୍ର ଓ କ୍ଷେତ୍ରଜ୍ଞର ସମାହାର ହେଉଛି ବାଇଶି ପାହାଚ। ଏହି ବାଇଶି ପାହାଚ ହେଉଛି ଭକ୍ତ ନିମିତ୍ତ ମୁକ୍ତି ମୋକ୍ଷର କାରଣ।

ଶ୍ରୀମତ୍‌ଭଗବତରେ ବାଇଶି ତତ୍ତ୍ୱ କଥା କୁହାଯାଇଛି। ଯଥା– ଭାଗବତର ଦ୍ୱାଦଶସ୍କନ୍ଧ ଏବଂ ବସୁଦେବ, ନୃସିଂହ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଗୋବିନ୍ଦ, ନାରାୟଣ, ମଦନମୋହନ, ବିମଳା ଓ ଭୁବନେଶ୍ୱରୀ। ଏହିଭଳି ବାଇଶି ତତ୍ତ୍ୱ ପରିଲକ୍ଷିତ ହୁଏ। ପଞ୍ଚଦଶ, ଅଷ୍ଟସତ୍ତ୍ୱିକ ଭାବ, ତ୍ରିବୀଜ, ତ୍ରିଶକ୍ତି, ତ୍ରିଗୁଣର ସମାହାର ହେଉଛି ବାଇଶି ତତ୍ତ୍ୱ ଏବଂ ପଞ୍ଚଭୂତ, ପଞ୍ଚେନ୍ଦ୍ରିୟ, ପଞ୍ଚବୀଜ, ପଞ୍ଚଦେବ ତଥା ଜୀବ-ପରମର ସମଷ୍ଟି ସ୍ୱରୂପ ହିଁ ବାଇଶି ପାହାଚ।

ଶ୍ରୀଜଗନ୍ନାଥଙ୍କ କରୁଣା କଟାକ୍ଷ୍ୟ ପାଇଁ ଏହି ବାଇଶି ପାହାଚରେ ହିଁ ସମସ୍ତ ବ୍ୟାକୁଳତା ପରିଲକ୍ଷିତ ହୁଏ। ଶରୀର ହେଉଛି ଏକ ମନ୍ଦିର, ସେଥିରେ ପୁରିରହିଛି ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ମହାଭୂତ, ପଞ୍ଚ ତନ୍ମାତ୍ମା ଏବଂ ମନ ଓ ଅହଂକାର। ଏହା ହେଉଛି ଶରୀରରୂପୀ ମନ୍ଦିରର ବାଇଶି ପାହାଚ। ଭାଗବତର ଗୋଟିଏ କଥା କୁହାଯାଏଛି ଉଦ୍ଧବ ପ୍ରସଙ୍ଗରେ–

"ଉଦ୍ଧବ ମନେ ତୁ ହେଜିବୁ।
ମୁଁ ମଲେ କୃଷ୍ଣଙ୍କୁ ପାଇବୁ॥"

ଏଠାରେ ଅହଂକାରକୁ ଦୂରୀଭୂତ କରିବା ପାଇଁ କୁହାଯାଇଛି। ଯେପର୍ଯ୍ୟନ୍ତ ମନୁଷ୍ୟ ମୁଁକାରଙ୍କୁ ଦୂରୀଭୂତ କରିପାରିନାହିଁ ସେପର୍ଯ୍ୟନ୍ତ ଓଁକାରକୁ ଦର୍ଶନ କରିପାରିବ ନାହିଁ। ତେଣୁ ମନ ରୂପୀ ମନ୍ଦିରରେ ଅହଂକାରକୁ ଦୂରୀଭୂତ କରିବାକୁ ହେଲେ ବାଇଶି ପାହାଚ ଅତିକ୍ରମ କରିପାରିଲେ ମୁଢ଼ ମାନବ ଜୀବ ପରମରୂପୀ ଶ୍ରୀଜଗନ୍ନାଥଙ୍କର ଠାବ ପାଇବାରିବ।

ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ହେଲେ ଭକ୍ତକୁ ବାଇଶି ପାହାଚ ଅତିକ୍ରମ କରିବାକୁ ପଡ଼ିଥାଏ। ବାଇଶି ପାହାଚର ଶେଷ ପାହାଚ ହେଉଛି ବ୍ରହ୍ମଲୋକ। ତାପରେ କୁର୍ମବେଢ଼ା ଯାହା ଆତ୍ମ ସଂଜମର ପ୍ରତୀକ। ତାପରେ ଯାଇ ପରଂବ୍ରହ୍ମଙ୍କର ସାନ୍ନିଧ ଲାଭ ହୋଇଥାଏ। ଆଦ୍ୟା ସନାତନି ଦେବୀ ଗାୟତ୍ରୀ ତତ୍ତ୍ୱରେ ବର୍ଣ୍ଣିତ ଅଛି ସପ୍ତଲୋକ ଯଥା- ଭୂ, ର୍ଭୂବ, ସ୍ୱଃ, ମଃ, ଯନ, ତପ, ସତ୍ୟ ଓ ପ୍ରତ୍ୟେକ ଲୋକର ରହିଛି ତିନି ସୋପାନ। ଯଥା- ତାମସ, ରାଜସ ଓ ସାତ୍ତ୍ୱିକ। ଏହିପରି ୭ ୍ ୩ = ୨୧ ପାହାଚ ଓ ଶେଷ ସୋପାନ ବ୍ରହ୍ମଲୋକର ମିଳନରେ ବାଇଶି ପାହାଚର ସମଷ୍ଟି। ତାତ୍ତ୍ୱିକ ଦୃଷ୍ଟିକୋଣରୁ ବାଇଶି ପାହାଚର ମହନୀୟତା ସ୍ୱତନ୍ତ୍ର।

ବହୁ ପୂର୍ବକାଳରେ ଏହି ବାଇଶି ପାହାଚ ଉପରେ ମହାପ୍ରସାଦ ବିକ୍ରୀ ହେଉଥିଲା। କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଲେଖିଛନ୍ତି–

"ବାଇଶି ପାବଛେ ଗଲି ସୁଖେ
କୈବଲ୍ୟ ପସରା ବେନି ପାଖେ।"

କବି ପୁରୁଷୋତ୍ତମ ଦାସ ଅଠରନଳା ବୋଲିରେ ଲେଖିଛନ୍ତି–

"କେ ବୋଲଇ ଆଲୋ ତରାଲୋ
ମୁହଁକୁ ପଡୁଛି ଖରାଲୋ
ବାଇଶି ପାହାଚେ ଯାଇଣ କିଣିମା
ପୋଡ଼ପିଠା ଦୁଇ ସରାଲୋ।"

ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦରେ କବି ବଳରାମ ଦାସ ଲେଖିଛନ୍ତି–

ଅର୍ଜୁନ - ବାଇଶି ପାବଛ କେ ପୁଣ?
ଶ୍ରୀକୃଷ୍ଣ - ବାଇଶି ପାବଛ ବିଚାର
ଦାନ୍ତ ପାଟିରେ ଅଟେ ତୋର।

ଠିକ୍ ସେହିପରି ଭାବରେ କବି ମଣି ଦାସ ସପ୍ତଦଶ ଶତକରେ ନାମ ସାର ଗୀତାରେ ଲେଖିଛନ୍ତି–

"ମୁଖକୁ ସିଂହଦ୍ୱାର କହି।
ଭୋଗ ମଣ୍ଡପ ଅଟେ ସେହି॥
ଜିହ୍ୱା ରସ ଯେ ନାରାୟଣ।
ବାଇଶି ପାବଛ ଦନ୍ତେଣ॥
ନାସା ଗରୁଡ଼ ସ୍ତବ କହି।
ଦେବନାଶନ ବଟ ତହିଁ॥"

ଗଜପତି ବୀରକିଶୋର ଦେବ ଗଭୀର ଭାବରେ ମର୍ମାହତ ହୋଇ ଶ୍ରୀଜଗନ୍ନାଥଙ୍କ ନିକଟରେ କାନ୍ଦି କାନ୍ଦି କହିଛନ୍ତି–

"ବାଇଶି ପାହାଚେ ନ ଉଠିବା ଯାଏ
ଆନନ୍ଦ ପାଏନି କାହିଁ
ସେବାରୁ ଅନ୍ତର ହେଲି ଯେବେ ପ୍ରଭୁ
ଏ ପ୍ରାଣ ଥିବ କିମ୍ପାଇ।"

ବହୁ କବି ମନିଷିମାନେ, ସାଧୁସନ୍ଥମାନେ, ଗବେଷକମାନେ, ପଣ୍ଡିତମାନେ ବାଇଶି ପାହାଚ ସମ୍ବନ୍ଧରେ ଅନେକ କିଛି କହିଛନ୍ତି। ମାତ୍ର ଭକ୍ତମାନସରେ ବାଇଶି ପାହାଚ ସର୍ବଦା ପରମ ପବିତ୍ର। ବାଇଶି ପାହାଚର ସ୍ପର୍ଶ ମାତ୍ରକେ ଭକ୍ତର ଅଭିଷ୍ଟ ପୂରଣ ହୋଇଥାଏ। ପାପତାପରୁ ମୁକ୍ତି ମିଳିଥାଏ। ଏପରିକି ଦେହାନ୍ତେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଏଠାରେ ସମସ୍ତେ ଏକାକାର ହୋଇଯାଆନ୍ତି। ଶ୍ରୀଜଗନ୍ନାଥ ଧର୍ମ ଚେତନାରେ ବାଇଶି ପାହାଚ ମନ୍ଦିର ପ୍ରବେଶ ପାଇଁ ଅତ୍ୟନ୍ତ ଭାବୋଦ୍ଦିପକ। ଏହା ସାଧାରଣ ପାହାଚ ନୁହେଁ। ଶ୍ରୀଜଗନ୍ନାଥ ରୂପୀ ପରମେଶ୍ୱର ନବଦ୍ୱାରପୂର ବିଶିଷ୍ଟ ଶରୀର ରୂପୀ ଶ୍ରୀମନ୍ଦିରରେ ଅବସ୍ଥାନ କରିଥାଆନ୍ତି। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ହେଲେ ପ୍ରଥମେ ବାଇଶି ପାହାଚକୁ ଅତିକ୍ରମ କରିବାକୁ ପଡ଼ିବ। ସେହିଭଳି ଭାବରେ ଶରୀର ରୂପୀ ମନ୍ଦିରରେ ଥିବା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ହେଲେ ଆମକୁ ପ୍ରଥମେ ବାଇଶି ପାହାଚ ଅତିକ୍ରମ କରିବାକୁ ପଡ଼ିଥାଏ। ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ ସହିତ ମନ, ବୁଦ୍ଧି, ଅହଂକାର, କାମ, କ୍ରୋଧ, ଲୋଭ, ମୋହ, ଆସକ୍ତି, କାମନା, ତମ ଓ ରଜ ଗୁଣ ରୂପକ ଏକୋଇଶି ସୋପାନ ଅତିକ୍ରମ କରି ଶେଷରେ ବ୍ରହ୍ମଜ୍ଞାନ ପ୍ରାପ୍ତି ହେବା ପରେ ବାଇଶି ପାହାଚ ଉପରେ ଉପବିଷ୍ଟ ବ୍ରହ୍ମଲୋକରେ ଥିବା ଶ୍ରୀଜଗନ୍ନାଥଙ୍କ ଦର୍ଶନ ମିଳିଥାଏ। ଏହି ବାଇଶି ପାହାଚ ଆମ ସଂସ୍କୃତିର, ଆମ ପରମ୍ପରାର, ଆମ ଭାସ୍କର୍ଯ୍ୟର ମହାନ ପରମ ପବିତ୍ର ହୋଇ କାଳକାଳକୁ ରହିଛି ଏବଂ ରହିଥିବ ମଧ୍ୟ।


ଓଡ଼ିଆ ଭାଷା ସାହିତ୍ୟ ଗବେଷକ
ଭଦ୍ରକ, ଓଡ଼ିଶା
ମୋ-୮୭୬୩୫୪୮୨୦୨


## ନିଯୁକ୍ତି ଆଶ୍ୱସନା



### ସୌଭାଗ୍ୟ ରଂଜନ ମହାନ୍ତ

ଏଥିରେ ଦ୍ବିରୁକ୍ତି ନାହିଁ ଯେ, ଦେଶରେ ବେକାରୀ ବା ବେରେଜଗାରୀ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି। ନିର୍ବାଚନ ସମୟରେ ବେକାରୀ ସମସ୍ୟାର ସମାଧାନ ତଥା ବ୍ୟାପକ ନିଯୁକ୍ତି ନେଇ ରାଜନୈତିକ ଦଳଗୁଡିକ ଇସ୍ତାହାର ପ୍ରତିଶ୍ରୁତି ଅଜାଡି ଦେଇଥାନ୍ତି। ତୁମ୍ବି ତୋଫାନ କରିଥାନ୍ତି। ଶାସକ ଦଳ ମଧ୍ୟ ନିଯୁକ୍ତି ନେଇ ନିଜର ସଫଳତା ବର୍ଣ୍ଣନା କରିଥାନ୍ତି। ମାତ୍ର ନିର୍ବାଚନ ସରିଗଲେ, ସତେ ଯେପରି ବେକାରୀ ସମସ୍ୟା ତଥା ଦେଶର କୋଟି କୋଟି ଯୁବକ ଯୁବତୀଙ୍କ କର୍ମସଂସ୍ଥାନ ପ୍ରସଙ୍ଗ ସେମାନେ ପାଶୋରି ଦେଇଥାନ୍ତି। କହିବା ବାହୁଲ୍ୟ ଯେ, ୭୦ ଦଶକରୁ ଦେଶରେ ବେକାରୀ ସମସ୍ୟା ମୁଣ୍ଡ ଟେକିଥିବାବେଳେ ଗତ ପାଂଚ ଦଶନ୍ଧି ମଧ୍ୟରେ ଏହା ଉକ୍‌ଟ ଆକାର ଧାରଣ କରିଛି। ଦେଶରେ ଦିନକୁ ଦିନ ଛତୁ ଫୁଟିବା ଭଳି ନୂଆ କଲେଜ ସାଙ୍ଗକୁ ବୈଷୟିକ, ଡାକ୍ତରୀ କଲେଜ ଖୋଲୁଥିବାବେଳେ ସେହି ଅନୁପାତରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢିଚାଲିଛି। ଅନ୍ୟପକ୍ଷରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ମଧ୍ୟ ନିଯୁକ୍ତି ହାର କମିଚାଲିଛି। ପରିସ୍ଥିତି ଏବେ ଏପରି ହୋଇଛି ଯେ, ନିଯୁକ୍ତି ସମ୍ପର୍କିତ ଆଶ୍ୱାସନା, କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଆଶ୍ୱାସନା ଏବଂ ପରିସଂଖ୍ୟାନ ରୋଜଗାର ଶୂନ୍ୟ ଯୁବକଯୁବତୀ ଆଉ ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି। ଏପରିକି ଚାକିରୀ ପାଇଁ କର୍ମନିଯୁକ୍ତି ପାଇଁ ଥିବା ସରକାରୀ ସଂସ୍ଥାରେ ନାମ ପଂଜୀକରଣ କରିବାକୁ ଶିକ୍ଷିତ ଯୁବକଯୁବତୀ ଆଉ ଆଗ୍ରହୀ ନଥିବା ଭଳି ମନେହୁଏ। ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ୯ଲକ୍ଷରୁ ଅଧିକ ଶିକ୍ଷିତ ଯୁବକଯୁବତୀ ନାମ ପଂଜୀକରଣ କରିଥିବାବେଳେ ଲକ୍ଷଲକ୍ଷ ଯୁବତୀ ନାମ ପଞ୍ଜିକରଣ କରିନାହାଁନ୍ତି। କିନ୍ତୁ ସମସ୍ତେ ନିଯୁକ୍ତି ଆଶାୟୀ ଥିବାବେଳେ ୧୦/୧୨ଟି ପଦବୀ ପାଇଁ ଲକ୍ଷାଧିକ ଯୁବକ-ଯୁବତୀ ଆବେଦନ କରିବାର ନଜୀର ରହିଛି। ଏପରିକି ପିଅନ, ଚପରାଶୀ, ପଦବୀ ପାଇଁ ଦଶମ ପାସ୍ ଠାରୁ ଆରମ୍ଭ କରି ଇଞ୍ଜିନିୟରିଂ, ଡାକ୍ତରୀ, ପିଏଚଡି ଡିଗ୍ରୀଧାରୀ ଆବେଦନ କରୁଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ଏବେ ସ୍ନାତକ ଶିକ୍ଷା ସମାପ୍ତ କରି ଥିବା ୨ଲକ୍ଷ ଛାତ୍ରଛାତ୍ରୀ ଚାକିରୀ ପାଇଁ ବର୍ଷ ବର୍ଷ ଧରି ନାମ ପଞ୍ଜିକରଣ କରିଛନ୍ତି। ସେହିପରି ୭୫ହଜାରରରୁ ଉର୍ଦ୍ଧ୍ୱ ସ୍ନାତକୋତର ଡିଗ୍ରୀଧାରୀଙ୍କ ସହ ୩୩ହଜାରରୁ ଉର୍ଦ୍ଧ୍ୱ ଆଇଟିଆଇ ଶିକ୍ଷାଧାରୀ ଚାକିରୀ ଆଶାୟୀ ଥିବାବେଳେ ରାଜ୍ୟରେ ୨ଲକ୍ଷ ୫ହଜାରରୁ ଉର୍ଦ୍ଧ୍ୱ ମଂଜୁରୀ ପ୍ରାପ୍ତ ସରକାରୀ ପଦ ଖାଲି ପଡିଛି। ସେହିପରି ପ୍ରଥମରୁ ଦଶକ ମଧ୍ୟରେ ୬୫ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ମହାବିଦ୍ୟାଳୟ ଗୁଡିକରେ ହଜାର ହଜାର ଅଧ୍ୟାପକ ପଦବୀ ଖାଲିପଡିଛି। ତେବେ ଏହି ଖାଲି ପଦବୀଗୁଡିକରେ ସରକାର ନିଯୁକ୍ତି ଦେବାଲାଗି ଆଦୌ ଆଗ୍ରହୀ ନଥିବା ମନେହୁଏ। ନିକଟରେ ଆନ୍ତର୍ଜାତିକ ଲେବର ଅର୍ଗାନାଇଜେସନ (ଆଇଏଲଓ) ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ ହ୍ୟୁମାନ ଡେଭଲଅପମେଂଟ (ଆଇଏଚଡି) ପକ୍ଷରୁ ପ୍ରକାଶିତ ନିଯୁକ୍ତି ସଂକ୍ରାନ୍ତୀୟ ରିପୋର୍ଟରେ ଓଡିଶା ସମ୍ପର୍କରେ ଯେଉଁ ତଥ୍ୟ ରହିଛି, ତାହା ଯେତିକି ଚିନ୍ତାଜନକ ସେତିକି ନୈରାଶ୍ୟଜନକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ରିପୋର୍ଟ ଅନୁଯାୟୀ ଦେଶର ୨୨ଟି ରାଜ୍ୟ ମଧ୍ୟରେ ଓଡିଶାର ନିଯୁକ୍ତି ହାର ଅତ୍ୟନ୍ତ ନୈରାଶଜନକ ରହିଛି। ୨୦୦୫ ଓ ୨୦୨୨ ମଧ୍ୟରେ ନିଯୁକ୍ତିକୁ ନେଇ ଦର୍ଶାଯାଇଥିବା ତୁଳନାତ୍ମକ ଚିତ୍ରରେ ଓଡିଶାର ସ୍ଥାନ ୨୨ତମ ସ୍ଥାନରେ ରହିଛି। କେବଳ ଯୁବକ ନୁହଁନ୍ତି, ଯୁବତୀଙ୍କ ନିଯୁକ୍ତି ହାର ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ଥିବା ରିପୋର୍ଟ କହେ। କେବଳ ଏତିକି ନୁହେଁ, ରାଜ୍ୟରେ ଦ୍ରୁତ ଶିଳ୍ପାୟନ ନେଇ ସରକାର ଚୁକ୍ତି ପରେ ଚୁକ୍ତି ସ୍ୱାକ୍ଷର କରିଚାଲିଥିବାବେଳେ ସେହି ଅନୁସାରେ ନିଯୁକ୍ତି ସୃଷ୍ଟି ମଧ୍ୟ ଘୋଷଣା ହେଉଛି। କିନ୍ତୁ ଏସବୁ ଏବେ କେବଳ ଆଶ୍ୱାସନାରେ ପରିଣତ ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ନିକଟରେ ଶେଷ ହୋଇଥିବା ଲୋକସଭା ଓ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ରାଜ୍ୟର ତିନି ପ୍ରମୁଖ ଦଳ ମଧ୍ୟରେ ନିଯୁକ୍ତି ନେଇ ବଡ ବଡ ପ୍ରତିଶ୍ରୁତି ଦେବା ସହ ପରସ୍ପର ପ୍ରତି ଆକ୍ଷେପ କରିଥିଲେ ଖୋଦ ପ୍ରଧାନମନ୍ତ୍ରୀ ମଧ୍ୟ ଦୀର୍ଘ ୨୪ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡି ସରକାରୀ ପ୍ରତି ନିଯୁକ୍ତି ପ୍ରସଙ୍ଗ ନେଇ ଆକ୍ଷେପ କରିବା ସହ ଦଳ କ୍ଷମତାକୁ ଆସିଲେ ୩ଲକ୍ଷ ୫୦ହଜାରରୁ ଉର୍ଦ୍ଧ୍ୱ ଶିକ୍ଷିତ ଯୁବକଯୁବତୀଙ୍କୁ ନିଯୁକ୍ତି ଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ୨୦୧୯ ମସିହା ସୁଦ୍ଧା ଦେଢ ଲକ୍ଷରୁ ଅଧିକ ସରକାରୀ ପଦବୀ ପୁରଣ ପାଇଁ ଘୋଷଣା କରିଛି। ଉଭୟ ପ୍ରଧାନମନ୍ତ୍ରୀ ଓ ରାଜ୍ୟ ସରକାର ପ୍ରତିଶ୍ରୁତି, ଆଶ୍ୱାସନାର ତାଳମେଳ ନଥିବାରୁ ନିଯୁକ୍ତି ଆଶାୟୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ଆଣିଦେଇଥିବା ଚର୍ଚ୍ଚା ହୁଏ। ଏହା ସତ୍ୱେ ରାଜ୍ୟରେ ପ୍ରଥମଥର ପାଇଁ ବିଜେପି କ୍ଷମତାସୀନ ହୋଇଥିବାରୁ ବେକାର ଯୁବକଯୁବତୀ ନିଯୁକ୍ତି ଆଶାରେ ଚାତକ ଭଳି ଆଶାବାଦୀ। ତେବେ ବେକାର ଯୁବକ ଯୁବତୀଙ୍କ ଆଶା ନିରାଶରେ ପରିଣତ ହେଉ। ପ୍ରତିଶ୍ରୁତି ଆଶ୍ୱାସନା ସର୍ବସ୍ୱ ନହେଉ, ଏହା ହିଁ ରାଜ୍ୟବାସୀ ନୂଆ ସରକାରଙ୍କ ଠାରୁ ଆଶା କରନ୍ତି।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯





### ଏଇ ବୟସରେ

**ସିଦ୍ଧେଶ୍ୱର ତ୍ରିପାଠୀ**

ଏଇ ବୟସରେ ଭାରି ଭଲ ଲାଗେ
ସୁନ୍ଦରୀଙ୍କ ମିଠା ହସ
କିଛି ପ୍ରେମାଳାପ ପୀରତିର ଛାପ
କାମନାର ନିଆଁ ଧାସ ।

ଆଖିରେ ହଜିବା ଓଠରେ ଭିଜିବା
କାନେ ମିଳନର ଗୀତ
ଅମାନିଆଁ ମନ ଅମାନିଆଁ ପାଦ
ଆପେ ହୁଏ ପରାଜିତ ।

ଡହକ ନିଆଁବି ମତୁଆଲା ପଣେ
ଲାଗିଥାଏ ମଧୁ ମାସ
ଏଇ ବୟସରେ ଭାରି ଭଲଲାଗେ
କାମନାର ନିଆଁ ଧାସ ।

ସୁନା ସକାଳରୁ ଜହ୍ନ ରାତି ଯାଏ
ଭିଜିବାକୁ ଇଚ୍ଛା ହୁଏ
ଯେତେ ଭିଜିଲେବି ମନ ବୁଝେନାହିଁ
ଆଉ କିଛି ବାକି ରୁହେ ।

ଘଡ଼ିଏ ଆଖିରୁ ଦୁରେଇ ଗଲେସେ
ସବୁ ଲାଗେ ବିଷ ବିଷ
ଏଇ ବୟସରେ ଭାରି ଭଲ ଲାଗେ
କାମନାର ନିଆଁ ଧାସ ।

### ବରଷା ଆସିଛି

**ହରେରାମ ପଣ୍ଡା**

ମେଘ ପାଲିଙ୍କିରେ ବରଷା ଆସିଛି
ରିମ୍ ଝିମ୍ ଗୀତ ଗାଇ,
କେଜାଣି କି କଥା ପ୍ରିୟା କାନେ
ମୋର
ଚୁପି ଚୁପି ଯାଏ କହି ।
ଅଧା ଅଧା ଭିଜା ପଣତରେ ତାର
କେତେ ଯେ ଅମାପ ଆଶା,
ବରଷା ଅସରା ଭରିଛି କି ମନେ
କାମନାର ଶେଷ ନିଶା ?
ମେଘ ଉହାଡରୁ ଚମକେ ବିଜୁଳି
ବହେ ଶୀତୁଆ ପବନ,
ଉଦାସ ଆଖିରେ ବସିଛି ସେ ଏକା
କେଉଁଠି ହଜେଇ ମନ ।
ପାଣିର ସୁଅରେ କାଗଜର ଡଙ୍ଗା
ଚେଇଁ ଉଠେ ମନ ତଳେ,
ଏକା ଏକା ଏହି ଭିଜା ଶ୍ରାବଣରେ
ଆଜି କିଆଁ ମନେ ପଡ଼େ ।
ସାରୁ ବୁଦା ମୂଳେ ବେଙ୍ଗ ରଡ଼ି ଶୁଣି
ଡରୁଥିଲା ପ୍ରିୟା ମୋର,
ମୋ ପାଖକୁ ଯିଏ ଧାଇଁ ଆସୁଥିଲା
ଆଜି କିଆଁ ଭାବେ ପର ?
ନୂଆ ରଙ୍ଗ ବୋଳି ଦେଇଛି ବରଷା
ବିଲ ବଣ ସବୁଆଡେ,
ମୋ ମନଟା କିଆଁ ରଙ୍ଗ ହୀନ ଆଜି
ନିଜକୁ ନିଜେ ପଚାରେ ।


+କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ:୯୪୩୮୦୬୫୧୯୫


### ଶ୍ରାବଣ ଆସିଲେ

**ଦୀପ୍ତି ମିଶ୍ର**



ଶ୍ରାବଣ ଆସିଲେ କଦମ୍ବ ଲୁହ
ଢାଳେ...
ଏପଟେ ବର୍ଷା ର ଟପ୍ ଟପ୍ ଶବ୍ଦ,
କାହା ଆଖିର ଲୁହ ସହ ମିଶି
ଏକାକାର ହୋଇଯାଏ ...
ସତେ କି ନୀରବତାର ବଂଶୀ
ସ୍ୱନରେ କଦମ୍ବ ନିଜକୁ ହଜାଇ ଦିଏ,
ଆଉ କାହାର ଶୂନ୍ୟତା ଅନୁଭବ କରି
ଛାତି ଫଟାଇ କାନ୍ଦେ ।

ଶ୍ରାବଣ ଆସିଲେ
ମାଟି ନିଜକୁ ଅଜାଡ଼ି ଦିଏ ମେଘ ଭର୍ତ୍ତି
ଆକାଶ ଆଗରେ.....
ଶୁଷ୍କ ଦେହରେ ଶୋଷି ନିଏ
ଯେତେ ଲୋଡ଼ା ମାଦକତା,
ଥୁଣ୍ଟାଗଛ ବି ନୂଆ ଏକ
ପ୍ରୀତିର ବଳୟ ଗଢିବାର ସ୍ୱପ୍ନରେ
ନିଜକୁ ହଜେଇ ଦିଏ,
ଶ୍ରାବଣ ଆସିଲେ ......
ଧୂସର ପ୍ରକୃତି ସବୁଜିମାର ଛବି ଆଙ୍କେ।

ବେଳେ ବେଳେ ଆକାଶରୁ
ଝରି ପଡୁଥିବା ଶ୍ରାବଣୀର ଆବେଗରେ
ଆନମନା ହୋଇ ଉଠେ
ଶାଗୁଆ ରଙ୍ଗର ଓଢ଼ଣୀ ନାଇ
ରତ୍ନ ଗର୍ଭା ସୁନ୍ଦରୀ ସ୍ୱର୍ଣ୍ଣ ପ୍ରସୁ ଧରିତ୍ରୀ
ମାତା,
ସତେ କି ଦେବରାଜ ଇନ୍ଦ୍ରଙ୍କୁ
ସଂଖୋଳିବାକୁ ସେ ଅପେକ୍ଷା ରତା
ଲାଜକୁଳୀ ନବବଧୂ ପରି ।

ଶ୍ରାବଣ ଆସିଲେ
ଆକାଶେ କଳା ମେଘ ରେ
ଚମକି ଚାହେଁ ସୌଦାମିନୀ...
କାହା ଦେହ ମନରେ ନିଆଁର
ଆଭାସ ଛୁଇଁ ଯାଏ ତ ....
କିଏ ଭାବ ସମୁଦ୍ରରେ ଭାସୁ ଥାଏ
ବର୍ଷା ବିନ୍ଦୁରେ ଯୋଡିଏ ବୋଇତ
ଭସାଇ ।


+ ବାରିପଦା
ମୋ - ୬୩୭୦୨୧୨୯୧୮



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୨୮



ଡ.ସିନ୍ଧୁ ସେନ୍

କରିବାକୁ ଦେଖାଇବାରେ ସେ କେବେ ପଛୁଘୁଞ୍ଚା ଦିଏନି। ମୋତ ତେଣୁ ସ୍ୱର୍ଗଲୋକ ମଧ ଜୟ କରିବାକୁ ପଡ଼ିବ । ମଣି ମନର ବିଶ୍ୱାସ ଯେବେ ଦୃଢ଼ ହୋଇଯାଏ, ସେତେବେଳେ ତାକୁ ସାକାର କରିବା ପାଇଁ ଆପ୍ରାଣ ଚେଷ୍ଟା କରେ । ମୋତେ

ତୋତେ ଦିଗ୍‌ବିଜୟୀ ହେବାକୁ ହେବ ହେଲେ ରୁକ୍ଷ ହେବାକୁ ପଡ଼ିବ । କଠୋର ହେବାକୁ ପଡ଼ିବ । ଶାନ୍ତ ସୁଧାର ପ୍ରକୃତିକୁ ଛାଡ଼ି ତୋତେ ଦୃଢ଼ସଂକଳ୍ପ ନେବାକୁ ପଡ଼ିବ। ବିଶ୍ୱବିଜୟୀ ହେବା ଏତେ ସହଜ ନୁହେଁ । ଏଥିପାଇଁ ସଂଘର୍ଷ ଜାରି ରଖିବାକୁ ପଡ଼ିବ । ତୋତେ ସଂଗ୍ରାମ କରିବାକୁ ପଡ଼ିବ । ତୁ ତ କିଛି ଭୁଲ୍ କରିନୁ । କାହାରି ପ୍ରତି ଅନ୍ୟାୟ କରିନୁ । ବଡ଼ଭାଇ ଯଦି ତୋ ହାତରେ ଲଙ୍କାର ଦାୟିତ୍ୱ ଅର୍ପଣ କରି ସାରିଛନ୍ତି ତେବେ ତୁ ବି ସମ୍ମାନର ସହ ସେ ଦାୟିତ୍ୱ ଗ୍ରହଣ କରିବା ଉଚିତ୍ । ଲଙ୍କା ତୋର । ଲଙ୍କାର ପ୍ରଜା ମାନଙ୍କର ସୁରକ୍ଷା ଦେବା ତୋର ପ୍ରଥମ କର୍ତ୍ତବ୍ୟ ।

ହଁ ମୋତେ ଲଙ୍କାର ମାନଚିତ୍ରକୁ ବଦଳାଇ ଏକ ନୂଆ ଲଙ୍କା ପ୍ରତିଷ୍ଠା କରିବାକୁ ପଡ଼ିବ । ଯିଏ ହେବ ସମଗ୍ର ବିଶ୍ୱରେ ଅଦ୍ୱିତୀୟ ରାଜ୍ୟ । ସ୍ୱର୍ଣ୍ଣଲଙ୍କା ନାମରେ ଯୁଗଯଗୁ ଲାଗି ଖ୍ୟାତି ରଖିଯିବ। ଦେବପୁରୀ ଦେଖିବାକୁ ଏଯାଏ ସୌଭାଗ୍ୟ ପାଇନି । ହେଲେ ସ୍ୱର୍ଗ ବିଷୟରେ ଅନେକ କଥା ମୁଁ ଶୁଣିଛି । କଳ୍ପନାର ନେତ୍ରରେ ଦେଖିବାକୁ ଚେଷ୍ଟା ମଧ କରିଛି । ମନରେ ବିଶ୍ୱାସ ମଧ ରଖିଛି ଦେବଭୂମିର ଅଧିବାସୀ ମାନଙ୍କୁ ସିନା ଲଙ୍କାକୁ ଆଣି ପାରିବିନି । ହେଲେ ସେଠି ରଖାଯାଇଥିବା କିଛି ଅମୂଲ୍ୟ ଜିନିଷ ତ ଲଙ୍କାରେ ରଖିପାରିବି । ମର୍ତ୍ତ୍ୟରେ ଲଙ୍କା ଥିଲେ ମଧ ସ୍ୱର୍ଗପରି ସଜାଇ ପାରିବି, ନିଶ୍ଚୟ ପାରିବି । ରାବଣ କେବେ ନକାରାତ୍ମକର ପକ୍ଷପାତୀ ନୁହେଁ। ସେ ଯାହା ନିଷ୍ପତ୍ତି ନିଏ ତାକୁ କାମରେ ତେଣୁ ଏବେ ଠାରୁ ସେସବୁ ବିଷୟ ଧାନ ଦେବାକୁ ପଡ଼ିବ ।

ସ୍ୱର୍ଗଲୋକ ଜୟ କରିବା ଏତେ ସହଜ ନୁହେଁ । ତଥାପି ସେ ଜୟଯାତ୍ରା ପାଇଁ ଉଦ୍ୟମ ନକରିବି କାହିଁକି ? ମୋତେ ତେଣୁ ଧର୍ମ, ସଂସ୍କୃତି ଉଭୟକୁ ଧାନ ଦେବାକୁ ପଡ଼ିବ, ଧର୍ମ ସଂସ୍କୃତି କେବଳ ମୋର ନୁହେଁ । ସମଗ୍ର ମଣିଷ ଜାତି ପାଇଁ ରକ୍ଷାକବଚ । ଧର୍ମ ଓ ସଂସ୍କୃତି ପରସ୍ପର ପରିପୂରକ । କେହି କେବେ କାହାକୁ ଛାଡ଼ି ରହିପାରନ୍ତି ନାହିଁ ଧର୍ମ ଓ ସଂସ୍କୃତି ପରସ୍ପର ଯଦି ସମାନ୍ତରାଳରେ ଗତି କରନ୍ତି ତେବେ କୌଣସି କାର୍ଯ୍ୟରେ କେବେବି ବିଘ୍ନ ହୁଏନି । ଆମ ରାକ୍ଷସ ଜାତି ମଧ ବଞ୍ଚିରହିବ ଏହି ଧର୍ମ, ସଂସ୍କୃତିକୁ ଆଧାର କରି । ମାତାମହଙ୍କ ନିର୍ଦ୍ଦେଶରେ ମୁଁ ରାକ୍ଷସ ସଂସ୍କୃତିକୁ ଆଦରି ନେଇଛି । ତେଣୁ ରକ୍ଷସଂସ୍କୃତିକୁ ସାରା ବିଶ୍ୱରେ ପ୍ରଚ୍ଚର କରିବା ମୋର ଲକ୍ଷ୍ୟ । ଏଥିପାଇଁ ମୋତେ ଯିଏ ଯେତେ ସମାଲୋଚନା କଲେ ମଧ ମୁଁ ନିଜସ୍ୱ ନିଷ୍ପତ୍ତିରେ ଅଟଳ । ରକ୍ଷ ସଂସ୍କୃତିକୁ ବଜାୟ ରଖିବାପାଇଁ ମୁଁ କିଛି ବି କରିବାକୁ ପ୍ରସ୍ତୁତ । ସେଥିପାଇଁ ମୋ ନୀତି, ନିୟମ, ଆଦର୍ଶରେ ଅନେକ କିଛି ପରିବର୍ତ୍ତନ କରିଥିଲି । ଏପରିକି ଏହାର ଉଲ୍ଲଙ୍ଘନ କାରୀକୁ ମଧ କଠିନ ଶାସ୍ତି ଦେବାକୁ ପଛାଇ ନଥିଲି । କାରଣ ମୋର ଲକ୍ଷ୍ୟ ଥିଲା ରାକ୍ଷସ ସଂସ୍କୃତି ଓ ଧର୍ମକୁ ସାରା ବିଶ୍ୱରେ ପ୍ରଚ୍ଚର ଓ ପ୍ରସାର କରିବା ।

ଯଦିଓ ମୋର ଜନ୍ମ ଆର୍ଯ୍ୟପିତା ବିଶ୍ରବା ଋଷିଙ୍କ ଔରସରୁ, ମୋତେ କିନ୍ତୁ ମୋ ରାକ୍ଷସୀ ମାତାଙ୍କ ପାଖରେ ବଢ଼ିବାକୁ ପଡ଼ିଥିଲା । ଯିଏକି ମାତାମହଙ୍କ ପାଖରେ ରହୁଥିଲେ । ତେଣୁ ଶୈଶବ କାଳରୁ ମୋ ଉପରେ ମୋର ମାତା ଆଉ ମାତାମହଙ୍କ ପ୍ରଭାବ ବେଶି ମାତ୍ରାରେ ପଡ଼ିଥିଲା । ଶୈଶବରେ ଶିକ୍ଷା ପାଇଥିଲି ବାପାଙ୍କ ଆଶ୍ରମରେ । ଋଷିମାନଙ୍କ ପରିବେଶ ମଧ୍ୟରେ ଯେଉଁ ସୁଶିକ୍ଷା ପାଇଥିଲି ସେଥିରୁ ମୁଁ ବେଦ, ଉପନିଷଦ ଠାରୁ ଆରମ୍ଭ କରି ଅନେକ କିଛି ଜ୍ଞାନ ପାଇଥିଲି, ତାହାହିଁ ଥିଲା ମୋ ପାଇଁ ଗର୍ବ ଓ ଗୌରବ । ବାପାଙ୍କ ପାଇଁ ମୁଁ ଅନର୍ଗଳ ମନ୍ତ୍ର ଉଚ୍ଚାରଣ ମଧ କରିପାରୁଥିଲି । ତାହା ମୁଁ ଅସ୍ୱୀକାର କରୁନି । ତେବେ କାହିଁକି ମୁଁ ବାପାଙ୍କ ପାଖରେ ସବୁଦିନ ରହିପାରିଲି ନାହିଁ । ତାଙ୍କଠାରୁ ପାଇଥିବା ସଂସ୍କାରକୁ ସାରାଜୀବନ ଧରି ରଖିପାରିଲି ନାହିଁ । ସେସବୁ ମନେପଡ଼ିଲେ ଏବେ ମୋ ମନରେ କ୍ଷୋଭ ଜାଗେ ।

ଏବେ ଅନ୍ତିମ ମୁହୂର୍ତ୍ତରେ ସେ ସବୁ ଭାବିଲେ ନିଜକୁ ମଧ ବିଶ୍ୱାସ କରିପାରୁନି । ଲୋକେ ମଧ ଯେଭଳି ଦୁର୍ଦ୍ଦାନ୍ତ ଭଳି ଭାବୁଥିଲେ । ମୁଁ କ'ଣ ସତରେ ସେଭଳି ଦୁର୍ଦ୍ଦାନ୍ତ ଥିଲି ? ପାଷାଣ୍ଡ ଥିଲି ? ନା ଥଲି ଭୟଙ୍କର ? ମୋରି ସେଇ କ୍ରୁର ରୁକ୍ଷ ପାଷାଣ୍ଡ ହୃଦୟ ଭିତରେ କେଉଁଠି ନା କେଉଁଠି ଯେ ଏକ ସ୍ନେହଶୀଳ, ଉଦାର ମନଟିଏ ଲୁଚି ରହିଥିଲା। ତାହା କେହି ଦେଖିପାରି ନଥିଲେ । ମୋ ପାଷାଣ ଚରିତ୍ର ମଧରେ ମୁଁ ଯେ ଅନ୍ୟ କିଛି ଖୋଜୁଥିଲି, ତହା କେହି ଜାଣି ନଥିଲେ । ହେଲେ ଏତିକି ତ ସ୍ୱୀକାର କରିବ ପ୍ରଭୁ କେହି ଜାଣନ୍ତୁ କି ନ ଜାଣନ୍ତୁ ତୁମେ ତ ଜାଣ ମୋ ଅନ୍ତର୍ମନ ଆଉ ବାହ୍ୟମନ ମଧରେ ପ୍ରଭେଦ କ'ଣ ? କାହିଁକି ମୁଁ ପାଲଟି ଯାଇଥିଲି ଏତେ ରୁକ୍ଷ, କଠୋର ? ଏତିକି ମଧ ଜାଣେ, ତୁମେ ଯଦି ମୋ ଅନ୍ତର୍ମନର ପରିଭାଷାକୁ ଗଢ଼ି ପାରି ନଥିଲ ତେବେ ଏତେ କଷ୍ଟ ସହି ମୋ ପାଖକୁ ଧାଇଁ ଆସିଥାନ୍ତ କାହିଁକି ? ମୋତେ ନିଧନ କରିବାକୁ ତମର ଏତେ ପ୍ରଚେଷ୍ଟା ଥିଲା କ'ଣ ପାଇଁ ? ତେଣୁ ସାଧାରଣ ଲୋକେ ଯାହା ବି କୁହନ୍ତୁ ନା କାହିଁକି, ମୁଁ ଜାଣେ ତୁମେ ମୋତେ କେତେ ଭଲପାଅ ? କାହିଁକି ଭଲପାଅ ? ଏତିକି କହିବି ତୁମେ ମୋ ଅନ୍ତର୍ମନକୁ ଛିନ୍ନଭିନ୍ନ କରି ବେଶ୍ ଭଲଭାବେ ପରଖି ନେଇଥିଲ । ମୋତେ ବାରମ୍ବାର ପରୀକ୍ଷା ନିରୀକ୍ଷା କରିଥିଲ । ଆଉ ଶେଷରେ ବ୍ରହ୍ମଶର ପ୍ରୟୋଗ କରି ମୋ ପାଇଁ ମୋକ୍ଷର ଦ୍ୱାର ଖୋଲି ଦେଇଥିଲି । ଏହାଠାରୁ ବଳି ବଡ଼ ସୌଭାଗ୍ୟ ମୋର ଆଉ କ'ଣ ଥାଇପାରେ । ଏଥିପାଇଁ ତୁମକୁ ସହସ୍ର ଧନ୍ୟବାଦ ଆଉ କୃତଜ୍ଞତା ଜଣାଇଲେ ମଧ ବହୁତ କମ୍ ହେବ । ତୁମର ମୋ ପ୍ରତି ଭଲପାଇବାର ପରିଭାଷା ବଖାଣିବାକୁ ମୋ ପାଖରେ କୌଣସି ଶବ୍ଦ ନାହିଁ । ରାବଣ ଏବେ ପାଲଟି ଯାଇଛି ନିଃଶବ୍ଦ । ତା ମୁହଁରୁ ସରିଯାଇଛି ସବୁ ଶବ୍ଦ ଏମିତିକି ଶେଷଶବ୍ଦ କହିବାପାଇଁ ସେ ଆଜି ଅକ୍ଷମ। ମୋତେ କ୍ଷମା କରିଦିଅ ପ୍ରଭୁ ।

ଜୀବନ ତମାମ୍ ଯିଏ ରାବଣ ନାମକୁ ନେଇ ଗର୍ବ ଅନୁଭବ କରୁଥିଲା । ଅବରତ୍ୱ ପ୍ରାପ୍ତି ପାଇଁ କଠିନ ତପଶ୍ଚର୍ଯ୍ୟା କରିଥିଲା। ବ୍ରହ୍ମଦେବଙ୍କ ବରରେ ବଳୀୟାନ୍ ହୋଇ ଅହଂକାରର ସୀମା ଲଙ୍ଘନ କରିଥିଲା । ସେଇ ରାବଣ ଆଜି ଯୁଦ୍ଧକ୍ଷେତ୍ରର ଧୂସରିଆ ମାଟିରେ ନିସ୍ତେଜ ଭଳି ପଡ଼ିରହିଛି । ମୁଣ୍ଡ ଉପରେ ଆକାଶ, ସୀମାହୀନ ଦିଗନ୍ତ ତାକୁ ଯେମିତି କହୁଛି, ତୁମେ କିଛି ଭୁଲ୍ କରିନ, ପାପ କରିନ ବରଂ ଯାହା କିଛି କରିଛ ତାହା କେବଳ ତୁମର ମୋକ୍ଷ ପାଇଁ । ତୁମରି ପାଇଁ, କେବଳ ତୁମରି ପାଇଁ କେବଳ ମର୍ତ୍ତ୍ୟଲୋକ ବାସିନ୍ଦା ମାନେ ନୁହେଁ ସ୍ୱର୍ଗଲୋକ ମଧ ଦେଖିପାରିଲା ପ୍ରଭୁ ଶ୍ରୀରାମଙ୍କୁ । ତାହାହିଁ କ'ଣ ମୋ ପାଇଁ ଗର୍ବ ନୁହେଁ । ହୃତ ଆଉ କିଛିକ୍ଷଣ ପରେ ମୋ ଭିତରର ବହ୍ନିଶିଖା ଉର୍ଦ୍ଧ୍ୱଗାମୀ ହେବ। ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦ ନେଇ ମୋ ଜୀବନରେ ଜ୍ୟୋତିଶିକା ପ୍ରଭୁଙ୍କ ଶରୀରରେ ବିଲୀନ ହେବ । ପ୍ରଭୁଙ୍କ ମୁହଁରୁ ଝରିପଡ଼ିବ ସେଇ ଦୂରନ୍ତ ଶିଖା ପାଇଁ ଅନେକ ଆଶୀର୍ବାଣୀ। ଅନ୍ତହେବ ରାବରର ଆତ୍ମା । ଆଗାମୀ ଯୁଗର ମଣିଷ ମାନଙ୍କ ପାଇଁ ସେ ପାଲଟିଯିବ ଦୂରନ୍ତ ଶିଖାଟିଏ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୫୫(ଖ) ॥

ଉତ୍ତର ମେରୁ ବା ଆଣ୍ଟାର୍କଟୀକା ଲୋକାଲୋକ ପର୍ବତ ହୋଇପାରେ, ଯେଉଁଠାକୁ କାହାର ଗତାଗତ ନାହିଁ। କିନ୍ତୁ ଏହି ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଦେବା ପାଇଁ ମୁଁ ଜଣେ ସାଧାରଣ ମଣିଷ ଓ ସମୟ ରବ୍ୟବଧାନରେ ଅନେକ ଭୌଗଳିକ ପରିବର୍ତ୍ତନ ହୋଇ ସାରିଛି। ତେଣୁ ବିଶେଷଜ୍ଞ ମାନେ ଏହି ବିଷୟରେ ସଠିକ୍ତ ତଥ୍ୟ ଦେଇପାରିବେ। ମୋର ଧାରଣା, ପୂର୍ବରୁ ଇଉ ରୋପ ସହିତ ଉତ୍ତର ଆମେରିକା ମଧ ସ୍ଥଳ ପଥରେ ସଂଯୁକ୍ତ ଥିଲା। ଏହି ସମସ୍ତ ଅଞ୍ଚଳ ପ୍ରିୟ ବ୍ରତଙ୍କର ଅଧିକୃତ ଥିଲା।

ଅଗ୍ନିଧ୍ରଙ୍କର ପୁତ୍ର ଥିଲେ ନାଭି। ନାଭିଙ୍କର ସନ୍ତାନ ନହେବାରୁ ସେ ଯଜ୍ଞ ଅନୁଷ୍ଠାନ କରିଥିଲେ। ଯଜ୍ଞ ପ୍ରଭାବରୁ ସେ ସ୍ୱୟଂ ନାରାୟଣ ଙ୍କସଦୃଶ ଏକ ପୁତ୍ର ଲାଭ କରିଥିଲେ। ତାହାଙ୍କର ନାମ ଥିଲା ଋଷଭ ଏବଂ ଋଷଭଙ୍କର ପୁତ୍ରର ନାମ ଥିଲା ଭରତ। ଭରତ ନାଭି ଓ ମେରୁଙ୍କର ପୌତ୍ର ଥିଲେ। ଋଷଭଙ୍କଠାରୁ ଜନ୍ମ ହୋଇଥିବା ଶତେକ ପୁତ୍ର ମାନଙ୍କ ମଧରେ ଭରତ ସର୍ବଶ୍ରେଷ୍ଠ ଥିଲେ। ପୂର୍ବରୁ ଭାରତର ନାମ ଅଜ ଥିଲା। ଏହାପରେ ଜମ୍ବୁ ଦ୍ୱୀପ ହେଲା। ଭରତଙ୍କ ନାମାନୁସାରେ ଭାରତ ବର୍ଷହେଲା। କାରଣ ଭାରତୀୟ ମାନେ ପ୍ରଥମେ ଆଲୋକର ଗତିକୁ ମାପ କରିଥିଲେ ଓ ଆଲୋକର ବାର୍ଷିକ ଗତିକୁ ଆଲୋକ ବର୍ଷ କହିଥିଲେ। ଏଠାରେ ଶ୍ରେଷ୍ଠ ଜ୍ୟୋତିର୍ବିଦମାନେ ଭାବା ଆଲୋକ ବା ଜ୍ୟୋତି ଅବା ଜ୍ଞାନ ସହିତ ରତ ଥିବାରୁ ଏହାର ନାମ ଭାରତ ବର୍ଷ ହେଲା। ଏହି ମାନଙ୍କ ମତରେ ସକାଳ ଶକ୍ତିର ଆଧାର ସୂର୍ଯ୍ୟ ଏବଂ ସେହି ଅନୁସାରେ ପଞ୍ଜିକା ପ୍ରସ୍ତୁତ ହୋଇଥିଲା। ଏମାନଙ୍କ ସମୟର ସର୍ବନିମ୍ନ ଗଣନା ବର୍ଷ ଓ ଶହେ ବର୍ଷରେ ଏକ ସମ୍ବତ୍ସର ବା ବର୍ତ୍ତମାନର ଗୋଟିଏ ବର୍ଷ ଥିଲା। ଅନ୍ୟ ଗଣନା ବୋଧହୁଏ ବର୍ତ୍ତମାନ ପରି ଥିଲା।

ଭରତ ଙ୍କର ଅନ୍ୟ ଜଣେ ବିଷ୍ଣୁ ଭକ୍ତ, ଧାର୍ମିକ ଭାଇ ଦ୍ରବିଡ଼ ବି ଦ୍ରାବିଡ଼ ମାନଙ୍କର ଶାସନକର୍ତ୍ତା ଥିଲେ। ଜମ୍ବୁଦ୍ୱୀପର ଚତୁଃ ପାର୍ଶ୍ୱରେ ଆଠଗୋଟି ଉପଦ୍ୱୀପ ଥିଲା। ସେମାନେ ହେଲେ ରମଣକ, ଆବର୍ତ୍ତକ, ସ୍ୱର୍ଣ୍ଣପ୍ରସୂ, ମନ୍ଦ, ହରିତ, ପଞ୍ଚଜନ୍ୟ, ଚନ୍ଦ୍ର, ଶୁକଳ, ଲଙ୍କା,ସିଂହଳ। ସିଂହଳ ଓ ଲଙ୍କା ଦୁଇଟି ଦ୍ୱୀପ ଥିଲା।

ଏହି ପୃଥିବୀର ସପ୍ତଦ୍ୱୀପ ଓ ନଦୀ ପର୍ବତ ମାନଙ୍କ ବିଷୟ ଅନୁଧାନ କଲେ ଜଣାଯାଏ ଯେ ଭାଗବତ ରରଚନା ସମୟରେ ଶତଶୃଙ୍ଗ, ମେଘମାଳ, ବିନ୍ଧ୍ୟ, ଚିତ୍ରକୁଟ, ଋଷ୍ୟମୁକ, ମାଲ୍ୟବନ୍ତ, ମନ୍ଦର, ଗନ୍ଧମାର୍ଦ୍ଦନ (ଜମ୍ବୁଦ୍ୱୀପ) ଇଲାବୃତ୍ତଦେଶରେ ସୁବର୍ଣ୍ଣଗିରି ( ହିମାଳୟ)ମହେନ୍ଦ୍ର, ମୈନାକ ଆଦି ବର୍ତ୍ତମାନ ଥିବା ପର୍ବତ ଥିଲା ପୁଣି ଅଳକା ନନ୍ଦାନାମରେ ବର୍ତ୍ତମାନର ଗଙ୍ଗା ଏବଂ ସରସ୍ୱତୀ, ରେବା, ତୁଙ୍ଗଭଦ୍ରା, ତ୍ରିବେଣୀ, ଶତଦ୍ରୁ, ତାପ୍ତି, ସରଯୁ, ଗୋମତୀ, ମହାନଦୀ,ଯମୁନା, କୃଷ୍ଣାବେଣୀ, ଗୋଦାବରୀ, ଶତଦ୍ରୁବ ଆଦି ନଦୀ ଥିଲା। ବିଭିନ୍ନ ଦେଶକୁ ବର୍ଷ ବୋଲି କୁହାଯାଉଥିଲା ଓ ପ୍ରିୟବ୍ରତଙ୍କ ବଂଶଧର ମାନେ ଏହି ସ୍ଥାନରେ ଶାସନ କରୁଥିଲେ। ସେତେବେଳେ ବିଭିନ୍ନ ଲୋକକୁ ବିତଳ, ସୁତଳ, ତଳାତଳ, ପାତାଳ, ବିଳ ସ୍ୱର୍ଗ ଆଦି କୁହାଯାଉଥିଲା। ପାତାଳରେ ବାସୁକୀ, ଶଙ୍ଖ, କୁଳିକ ଆଦି ମଣିଧର ସର୍ପଏବଂ ତଳାତଳରେ ମାୟାବୀ ମାନେ ରହୁଥିଲେ। ଏହିପରି ଭାରତ ବର୍ଷ ଏକ ବିଶାଳ ସାମ୍ରାଜ୍ୟ ଥିଲା। ଶ୍ରୀମଦ୍ ଭାଗବତର ଘଟଣା ମହାଭାରତ ଅବା ରାମାୟଣ, ଘଟଣାର ପୂର୍ବରୁ ରଚନା ହୋଇ ସାରିଥାଏ। ଏହି ଦିବ୍ୟଦ୍ରଷ୍ଟା ମାନେ ଭବିଷ୍ୟତ ଓ ଅତୀତ ଜଗତରେ ପ୍ରବେଶ କରି ଗ୍ରନ୍ଥ ରଚନା କରୁଥିଲେ ବୋଲି ବିଶ୍ୱାସ କରାଯାଏ।

ଏହି ଭାରତବର୍ଷକୁ ଅବତରଣ କଲେ ଯୋଗ ଜନ୍ମ। ବୈଜ୍ଞାନିକ କଶ୍ୟପ ପ୍ରଜାପତି ।..... କଶ୍ୟପ ପ୍ରଜାପତି କିଏ ? ?

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ




## ଚେତନା

ଆଦ୍ୟାଶା ମହାପାତ୍ର

ପାଞ୍ଚ ମନ ଆଉ ପଚିଶ ପ୍ରକୃତି
ପ୍ରତି ପ୍ରାଣେ ସମାହିତ
ଚିନ୍ମୟ ଚେତନା ଶାଶ୍ୱତ ଭାବନା
ଆତ୍ମା କରେ ଶୁଦ୍ଧପୂତ ।

ଚେତନା କରଇ ଇନ୍ଦ୍ରିୟ ସଂଯମ
ପବିତ୍ର ପରଶ ଦେଇ
ପର ଆପଣାର ଭେଦ ଦୂରକରେ
କର୍ତ୍ତବ୍ୟ ପଥରେ ରହି ।

ଆତ୍ମା ଶୁଦ୍ଧି ସାଥେ ଚେତନା ଜାଗ୍ରତେ
ମନର ହୁଏ ବିଜୟ
ସତ୍ୟ ଶାନ୍ତି କ୍ଷମା ମୈତ୍ରୀ ଭାବନାରେ
ଭରି ଉଠଇ ହୃଦୟ ।

ଧର୍ମ ଅଧର୍ମର ପରଖ କରାଏ
ଥାଏ ଚେତନା ଯେଉଁଠି
ଅଜ୍ଞାନ ଅନ୍ଧାର ଦୂରୀଭୂତ ହୋଇ
ପ୍ରଜ୍ଞାନର ହୁଏ ବ୍ୟାପ୍ତି ।

ଚେତନା ଉଦ୍ରେକେ ବିବେକ ପ୍ରକାଶେ
କିଏ ଭଲ କିଏ ମନ୍ଦ
ତ୍ରୁଟି ବା ବିଚ୍ୟୁତି ନୀତି ଅନୀତିର
ଚେତନା ଛଡାଏ ଦ୍ୱନ୍ଦ ।

ଚେତନା ଅଟଇ ଜ୍ଞାନର ଗାରିମା
ସେ ଯେବେ ଉନ୍ମନା ହୁଏ
ବିଲୋଳ ଆନନ୍ଦ ଉତ୍ସ ସୃଷ୍ଟି କରେ
ଅନ୍ତରାତ୍ମା ଶାନ୍ତି ପାଏ ।


+ନୂଆପଡା, କଟକ




ରଶ୍ମୀ ସାମଲ

## ପ୍ରେମ କେବେ ମରି ପାରେନା



ପାରସ୍ପରିକ ବୁଝାବଣା ବିଶ୍ୱାସ ଓ ଭଲ ପାଇବାରେ ଗଢିଉଠିଥାଏ ଏକ ବିଶାଳ ସମ୍ପର୍କ, ଯାହାର ଅର୍ଥ ବୋଧହୁଏ ପ୍ରେମ,ଏଥିରେ ନଥାଏ କୌଣସି ସର୍ତ୍ତ କିମ୍ବା ଅବିଶ୍ୱାସ। ପ୍ରେମ ସବୁବେଳେ ଖୋଜୁଥାଏ ଏକ ନିରୀହ ନିଷ୍କପଟ ହୃଦୟ,ଯେଉଁ ହୃଦୟରେ ଭରି ରହିଥାଏ କିଛି ଅକୁହା ଭାଷା। ପ୍ରେମ ଅମର, ଶାଶ୍ୱତ, ଚିରନ୍ତନ ସତ୍ୟ ଓ ଯାହା ପବିତ୍ରତାର ବାର୍ତ୍ତାବହ। ତେଣୁ ଏପରି ସମ୍ପର୍କକୁ ସମ୍ଭାଳିବା ଓ ତୁଲେଇବା ପାଇଁ ମନ ମଧରେ ଦୃଢ ଆତ୍ମବିଶ୍ୱାସ ଏବଂ ଧୈର୍ଯ୍ୟ ଦରକାର। ପ୍ରେମ ସତରେ କେବେ ମରିପାରେନା, ଆଉ ବଞ୍ଚି ରହେ ସାରା ଜୀବନ ପ୍ରତ୍ୟେକଙ୍କ ଆପଣାପଣରେ ବା ଆତ୍ମୀୟତାରେ। ଏହି ପ୍ରତିଷ୍ଠିତ ପ୍ରେମ ମନ୍ଦିରରେ ଯଦି କେବେ ଛଳନା, ସନ୍ଦେହ କିଛି ଆଶଙ୍କା ଆସି ବସା ବାନ୍ଧେ ତେବେ ଖୁବ କମ ଦିନର ସୁଖ ଆନନ୍ଦ, ଅଚାନକ ମେଘ ଘଡଘଡିର ଚଡକରେ ଭସ୍ମ ହୋଇଯାଏ,ଏହି ବିରହ ବିଚ୍ଛେଦର ଜ୍ୱାଳାକୁ ସହିବା ପାଇଁ ଆଉ ପାଖରେ ଶକ୍ତି ନଥାଏ। ବେଳେବେଳେ ସମୟ ମଣିଷକୁ ଏପରି ପରିସ୍ଥିତିକୁ ନେଇ ଆସେ ନା ସେ କାହାକୁ ପ୍ରକାଶ କରେ ନା ନିଜେ ସହିପାରେ। ଏପରି ବିଫଳତା ପରିସ୍ଥିତିରେ ଜୀବନର ଅନ୍ତ ହୁଏ। ଅଧିକାଂଶ ସରଳ ଝିଅମାନେ ପୁଅ ମାନଙ୍କ ପରଦା ପଛର ରହସ୍ୟକୁ ମାପି ନପାରି ଶେଷରେ ଆତ୍ମହତ୍ୟାକୁ ବାଛି ନିଅନ୍ତି। ବର୍ତ୍ତମାନ ସମୟରେ ପ୍ରେମ ବିବାହ ଯେପରି ଏକ ସାଧାରଣ କଥା ହୋଇଯାଇଛି। ପ୍ରେମରେ ଅନ୍ଧ ହୋଇ ପିତା ମାତାଙ୍କ ଅନୁମତିକୁ ଅପେକ୍ଷା ନକରି ଏତେବଡ ନିଷ୍ପତ୍ତି ନିଜେ ନେଇ ବିବାହ ପରି ପବିତ୍ର କାର୍ଯ୍ୟକୁ ନିଜେ ସମାପନ କରିଦେଉଛନ୍ତି। ଆଉ ମଧ ଅନ୍ୟ ଏକ ଦିଗକୁ ଦେଖିଲେ ଜଣାପଡୁଛି, ବିବାହ ପୂର୍ବରୁ ଲିଭ ଇନ ରିଲେସନସିପ"ରେ ରହିବା, ମାନେ ହେଉଛି, ବିବାହ ପୂର୍ବରୁ ପୁଅ ଝିଅମାନେ ଏକାଠି ରହିବା, ତାହା ପୁଣି କିଛି ଦିନ, ମାସ ଓ ବର୍ଷ ବି ହୋଇପାରେ। ଏତେ ସ୍ୱାଧୀନତା ପରେ ମଧ ଏପରି ମିଳନରେ କିଛି ଅଭାବ ଅନୁଭବ ହେଉଛି, ଯାହାକି ବୈବାହିକ ପରର ଜୀବନ ସଫଳ ନ ହୋଇ ବିଫଳ ଆଡକୁ ଗତି କରୁଛି। ଏହି କିଛିଦିନ ହେବ ସଦ୍ୟତମ ଖବରରୁ ଯାହା ଜଣାପଡୁଛି, ରାଜଧାନୀର ଏକ ସାମ୍ବାଦିକା ଝିଅ ସ୍ୱାମୀଙ୍କର କିଛି ଅସଦାଚରଣ କାର୍ଯ୍ୟକଳାପକୁ ସହ୍ୟ କରି ନପାରି ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଛି। ଏପରି ଦୁଃଖ ଦାୟକ ଖବର ସମସ୍ତଙ୍କୁ ମର୍ମାହତ କରିଛି। ସୋସିଆଲ ମିଡ଼ିଆରୁ ଯାହା କିଛି ଜଣା ପଡୁଛି ସ୍ୱାମୀ ସ୍ତ୍ରୀ ମଧରେ କିଛି ଭୁଲ ବୁଝାବଣାର ଏହା ହିଁ ଶେଷ ପରିଣତି। ଆମେ ଯଦି କିଛି ମୂଳ କାରଣ ଖୋଜିବା ବୋଧ ହୁଏ ହୋଇପାରେ ପରକୀୟା ପ୍ରୀତି। ଏବେ କାର ସମ୍ପର୍କରେ ଉଙ୍କି ମାରୁଛି ଅଗଣିତ ସନ୍ଦେହ ଓ ଆଶଙ୍କା। ପୁରୁଷ ହେଉ କିମ୍ବା ନାରୀ ହେଉ ଜଣକୁ ଖୁସି କରିବାକୁ ଯାଇ ଅନ୍ୟ ଜୀବନ ସହ ଖେଳ ଖେଳୁଛନ୍ତି। ଏହି ଡିଜିଟାଲ ଯୁଗରେ ପରକିୟା ପ୍ରୀତି ଗୋଟେ ସାଧାରଣ ଯେପରି ହୋଇଗଲାଣି। ଅନେକ ଉଚ୍ଚ ଶିକ୍ଷିତ ଓ ଉଚ୍ଚ ସମ୍ଭ୍ରାନ୍ତ ଘରେ ଏପରି କୁତ୍ସିତ କାର୍ଯ୍ୟକଳାପ ପରିଲକ୍ଷିତ ହେଉଛି। ଆଉ କିଛି ଲୋକ ସମୟ ବିତାଇବାର ଏହା ଏକ ମାଧମ ବୋଲି ଭାବୁଛନ୍ତି। ଉପର ଲିଖିତ ସମ୍ବାଦିକାଙ୍କ ଉଦାହରଣକୁ ଯଦି ଆମେ ବିଚାର କରିବା ତେବେ ସବୁ ସମସ୍ୟାର ସମାଧାନ ଆମ ପାଖରେ ନିଶ୍ଚିତ ଅଛି। ମୋ ମତରେ ସାମ୍ବାଦିକତା ବା ନିରପେକ୍ଷ ବିଚାର କରୁଥିବା ଝିଅଠାରୁ ଏହା ଆଶା କରାଯାଇ ନପାରେ। ସମାଜ ତେବେ ଆଉ କାହାଠାରୁ ସାହାସିକତା ଶିଖିବ। ତାଙ୍କ ଧର୍ମହେଲା ସମାଜରେ ଘଟୁଥିବା ଅନ୍ୟାୟ ଅନୀତି ଓ କୁକର୍ମର ପର୍ଦ୍ଦା ଫାସ କରିବା। ସଚେତନତାର ବାର୍ତ୍ତା ବାଣ୍ଟିବା ସହିତ ଲୋକଙ୍କ ଆଖି କାନକୁ ଖୋଲିବା, ଏବଂ ପ୍ରତ୍ୟେକଙ୍କର ଭୁଲ ଓ ସମସ୍ୟାକୁ ଲୋକ ଲୋଚନକୁ ଆଣିବା। ହାରିଯିବା ବୁଦ୍ଧିମାନର କାମ ନୁହେଁ। ବଞ୍ଚି ରହି ସଂଘର୍ଷ ମୟ ସମୟକୁ ସାମ୍ନା କରନ୍ତୁ।

ଆଜିକାଲି ଚୋରାପିରତିର କାହାଣୀ ପ୍ରାୟେ ଏକ ବ୍ୟାଧି ପରି ମାଡି ଗଲାଣି। ଏବେ ନିଜେ ପଣସ ଖାଇ ଅନ୍ୟ ମୁଣ୍ଡରେ ଅଠା ବୋଲିବା ବ୍ୟକ୍ତିଙ୍କ ସଂଖ୍ୟା କମ ନାହିଁ। କେଉଁଠି କାହା ସ୍ତ୍ରୀ କାହା ସହ ପଳାଇଲାଣି ତ, ଆଉ କେଉଁଠି ଝିଅ ପୁଅକୁ ଧୋକା ଦେଲାଣି ଆଉ କେଉଁଠି ପୁଅ ଝିଅକୁ ଅଧା ରାସ୍ତାରୁ ଛାଡ଼ିଦେଲାଣି। କିଛିଟା ମୁଖ୍ୟକାରଣ ହେଉଛି ଯୁବବର୍ଗ ମାନେ ଆମ ସଂସ୍କୃତିକୁ ଭୁଲି ପାଶ୍ଚାତ୍ୟ ସଂସ୍କୃତିକୁ କପି କରୁଛନ୍ତି, ପୁଣି ମଧ ଅନୁଧ୍ୟାନ କଲେ ଜଣାପଡେ ନାରୀମାନେ ଆଗରୁ ଯୌଥପରିବାରରେ ରହୁଥିଲେ, ସ୍ନେହ ଶ୍ରଦ୍ଧା ଭଲ ପାଇବା ଅନ୍ୟଙ୍କୁ ସମ୍ମାନ ଦେବା ଶିଖୁଥିଲେ, ସେମାନେ ବିଲକୁଲ ଏକାକୀ ଅନୁଭବ କରୁନଥିଲେ। ଏବେ କିନ୍ତୁ ପୁଅ ମାନେ ସ୍ତ୍ରୀ କଥାରେ ପଡି ବାପା ମାଆାଙ୍କଠାରୁ ଦୂରରେ ରହିଲେ, ତେଣୁ ସ୍ୱାମୀ ପିଲା ଘର ବାହାରକୁ ଯିବା ପରେ ଫାଙ୍କା ସମୟ ପାଇ ପର ପୁରୁଷ ସହ ଫେସବୁକ ଓ ଇନ୍ସଟାରେ ଚାଟିଙ୍ଗ ଓ ଫୋନ କଲରେ ବ୍ୟସ୍ତ ରହୁଛନ୍ତି। ବର୍ତ୍ତମାନ ସମୟରେ ମହିଳାମାନଙ୍କୁ ଅହେତୁକ ସ୍ୱାଧୀନତା ଏବଂ କୋର୍ଟର ରାୟ ପରକିୟା ପ୍ରୀତି ସବୁ ବୃଦ୍ଧି କରିଛି।

ସବୁ ସମସ୍ୟା ପାଇଁ ପ୍ରଥମେ ଆମେ ଭାବିବା ଉଚିତ, ପ୍ରେମର ପଥ କେବେ ପୁଷ୍ପିତ ତ କେବେ କଣ୍ଟକିତ, ପ୍ରେମକୁ ଯିଏ ବୁଝିଲା ସେ ପାଏ ସ୍ୱର୍ଗ ସୁଖ, ଯେ ପାରେନା ବୁଝି ସେ ଘାଣ୍ଟି ହୁଏ ନର୍କ ଯନ୍ତ୍ରଣାରେ, ତେଣୁ ସବୁ ସମୟରେ ଗୋଟେ ଆଦର୍ଶ ମଣିଷ ହେବା ପାଇଁ ଚେଷ୍ଟା କରିବା।

ବର୍ତ୍ତମାନ ସମୟରେ ବୈବାହିକ ଜୀବନ ବିତାଇବା ପାଇଁ ମାନସିକ ସ୍ତରରେ ପ୍ରଥମେ ପ୍ରସ୍ତୁତି ଜରୁରୀ। ଛୋଟ କାମଠାରୁ ଆରମ୍ଭ କରି ବଡ କାମ ଯାଏ ସ୍ୱାମୀ ସ୍ତ୍ରୀ ବୁଝାବଣା ସହ ସବୁ କାମ କରିବା ଉଚିତ। ସମସ୍ତ ଯୁବ ପିଢିଙ୍କୁ ମୋର ଏତିକି କଥା ରହିବ। ଏପରି କିଛି ନିଷ୍ପତି ନେବା ପୂର୍ବରୁ ଶହେ ଥର ଚିନ୍ତା କରନ୍ତୁ। କାରଣ ବାପା ମାଆ ମାନେ ପିଲାଙ୍କ ଭୁଲ ନିଷ୍ପତ୍ତି ପାଇଁ,ବା ଯୁବାବସ୍ଥାରେ ସେମାନଙ୍କ ଅକାଳ ମୃତ୍ୟୁ ନିଜ ଆଖି ଆଗରେ ହରେଇବାର କଷ୍ଟ ନିଶ୍ଚିତଭାବେ ଅତ୍ୟନ୍ତ ଯନ୍ତ୍ରଣା ଦାୟକ ଯାହା ସହଜେ ଗ୍ରହଣ କରି ପାରିବେ ନାହିଁ। ଶେଷରେ ଏହି ସବୁ ସମସ୍ୟା ପାଇଁ କିଛି ବାପା ମାଆ ସବୁଦିନ ପାଇଁ ନିଜର ମାନସିକ ଭାରସାମ୍ୟ ହରାଇ ବସୁଛନ୍ତି। କାରଣ ପିଲାଙ୍କୁ ନେଇ ସେ ଅନେକ ସ୍ୱପ୍ନ ଦେଖିଥାନ୍ତି। ତେଣୁ ସମସ୍ତେ ବୁଝିବା ଦରକାର ପ୍ରେମ ବା ସମ୍ପର୍କ ହେଉଛି ଭଗବାନଙ୍କ ଦାନ। ସେହି ସମ୍ପର୍କକୁ ଯୋଡି ରଖିବା ଆମର ଆମ କର୍ତ୍ତବ୍ୟ, ସାମାନ୍ୟ କଥାରେ ଫାଟ ସୃଷ୍ଟି କରିବାକୁ ନଦେଇ,ସାରା ଜୀବନ ସୁଖରେ ବିତାଇବା ପାଇଁ ଆଗକୁ ପାଦ ବଢ଼େଇବା। ସର୍ବଦା ଭାବିବା ଯେ ପ୍ରେମ କେବେ ମରି ପାରେନି, ଯାହାକୁ ଆମେ ସାରାଜୀବନ ବା ମୃତ୍ୟଯାଏ ସମ୍ଭାଳି ରଖିବା।


+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

# ଜିଲ୍ଲାସ୍ତରୀୟ ରେଡକ୍ରସ୍ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ମାଲକାନଗିରି, ୩୧/୦୭ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଅଧକ୍ଷ ପ୍ରଫେସର୍ ଲିଙ୍ଗରାଜ ମିଶ୍ରଙ୍କ ଅଧକ୍ଷତାରେ ଆଜି ଏକ ରେଡକ୍ରସ୍ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଯୁବ ରେଡକ୍ରସ୍ ର କାର୍ଯ୍ୟ ପନ୍ଥାକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଗ୍ରହଣ କରି ସମାଜ ତଥା ଦେଶ ସେବାରେ ନିୟୋଜିତ ହୁଅନ୍ତୁ ବୋଲି ଉପାଦେୟ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସାଧାରଣ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଯୁବ ରେଡକ୍ରସ୍ ର କାର୍ଯ୍ୟ ପନ୍ଥାକୁ ପ୍ରତ୍ୟେକ ମହାବିଦ୍ୟାଳୟରେ କିପରି ଶୃଙ୍ଖଳିତ ଓ ପ୍ରସାରିତ କରାଯାଇ ପାରିବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ସ୍ୱତନ୍ତ୍ର ଅତିଥି ଭାବରେ , ମାଲକାନଗିରି ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଡ. ଉଦୟନାଥ ଖରା ସମ୍ମାନିତ ଭାବରେ , ରାଜ୍ୟ କନିଷ୍ଠ ରେଡ୍ କ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ଜିଲ୍ଲାରେ ରେଡ୍ କ୍ରସ୍ କାର୍ଯ୍ୟକ୍ରମର ପ୍ରଚାର ସହ ଉନ୍ନତି ଦିଗରେ ସାହାଯ୍ୟ ସହଯୋଗର ପ୍ରତିଶ୍ରୁତି ଦେଇ ରେଡ୍ କ୍ରସ୍ ର ନାନା ପ୍ରସଙ୍ଗ ଆଲୋଚନା କରିଥିଲେ। ଏହି ସଭାରେ ଅଗ୍ନିସେବା ଅଧିକାରୀ ସୁନୀଲ ନାୟକ, ବହୁବୃତି ଅନୁଷ୍ଠାନର ଅଧକ୍ଷ ପ୍ରୀତିରଞ୍ଜନ ପ୍ରିୟାଂଶୁ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡକ୍ରସ୍ ର ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ଆୟୋଜନ ଓ ସଂଚାଳନ କରିଥିଲେ। ଏଥିରେ ମାଲକାନଗିରି ଜିଲ୍ଲାର ୩୨ଟି ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୪୬ଜଣ ଅଧକ୍ଷ ଓ ପରାମର୍ଶଦାତା ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ରେଡ୍ କ୍ରସ୍ ପ୍ରତିଷ୍ଠାତା ସାର୍ ଜିନ୍ ହେନେରିକ ଡୁନାଣ୍ଟଙ୍କ ଫଟୋଚିତ୍ରରେ ପୁଷ୍ପାର୍ପଣ କରାଯାଇଥିଲେ। ସ୍ୱଚ୍ଛାସେବୀ କ୍ରିଷ୍ଣା କଟୋରି ସୁଗମ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଡ୍ କ୍ରସ୍ ର ଅଂଶଧନ ପଇଠ କରିବା, ରକ୍ତଦାନ ଶିବିର ଆୟୋଜନ, ସଡ଼କ ସୁରକ୍ଷା ସଚେତନତା ଓ ଏଡ୍ସ ରୋଗର ସଚେତନତା ଆଦି ଦିଗରେ ନବ କାର୍ଯ୍ୟଭାର ଗ୍ରହଣ କରାଯାଇଥିଲା। ଆଗାମୀ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ମାଥିଲିର ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା। ରେଡ୍ ରିବନ୍ କ୍ଲବ୍ ମାଲକାନଗିରି ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରେ କିପରି ଖୋଲା ଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମାଲକାନଗିରି ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା, ଅଣଶିକ୍ଷକ କର୍ମଚାରୀ, ପୂର୍ବତନ ସ୍ୱେଚ୍ଛାସେବୀ ସକ୍ରିୟ ସହଯୋଗ କରିଥିଲେ। ପରିଶେଷରେ ବରିଷ୍ଠ ପ୍ରାଧାପକ ଅଶୋକ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# କାଏମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଧର୍ମଶାଳା, ୩୧/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପରିସରରେ ଆଜି ବିଂଶତମ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବିଜ୍ଞାନ ମେଳାରେ ମୁଖ୍ୟ ଅତିଥିଭାବେ ଉଦୟବଟ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ,ବିଦ୍ୟାଳୟର ସମ୍ପାଦକ ଇଂ ଚିତ ରଂଜନ ମଲ୍ଲିକ,ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ,କୋଷାଧ୍ୟକ୍ଷ ସୁକାନ୍ତ କୁମାର ପଣ୍ଡା, ଓ ବିଜ୍ଞାନ ମେଳାର ବିଚାରକ ଅନୀଲ କୁମାର ମହାରଣା,ଗଣେଶ୍ୱର ବେହେରା,ଶେଷଦେବ ବାରିକ୍,ଅରୁଣ କୁମାର ମହାରଣା,ମମତା ମିଶ୍ର ଓ ନିର୍ମଳ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିଭାଗର ପ୍ରକଳ୍ପ,ଗଣିତ ପ୍ରୟୋଗ ,ପତ୍ରବାଚନ,ସଂସ୍କୃତି ଜ୍ଞାନ ଆଦି ସମ୍ପର୍କରେ ମୂଲ୍ୟାଙ୍କନ କରିବା ସହ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ଏହି ବିଜ୍ଞାନ ମେଳାରେ ଶିଶୁ ବର୍ଗରେ ୯୨ ଜଣ ଭାଇ ଓ ଭଉଣୀ,ବାଲବର୍ଗରେ ୮୮ ଭାଇଭଉଣୀ ଅଂଶ ଗ୍ରହଣ କରି ନିଜ ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ । ଉଦଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ପ୍ରଫୁଲ୍ଲ ଗିରି ଯୋଗ ଦେଇ ଶିଶୁମାନଙ୍କ ଉଦ୍ଦେଶ୍ୟରେ ବହୁ ମୂଲ୍ୟବାନ ଓ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଭାରେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ଅଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# କେବେ ପହଂଚିବ କୋରାପୁଟ ଜିଲ୍ଲା ଉପାନ୍ତରେ ମୋବାଇଲ ନେଟୱାର୍କ ?

ଜୟପୁର, ୩୧/୦୭ (ନି.ପ୍ର): ଭାରତ ସରକାର ଡିଜିଟାଲ ଇଣ୍ଡିଆର କଥା କହୁଥିବା ବେଳେ କୋରାପୁଟ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଂଚଳରେ ଆଜି ପର୍ଯ୍ୟନ୍ତ ମୋବାଇଲ ନେଟୱାର୍କ ପହଂଚି ପାରୁନାହିଁ। ଯାହା ଫଳରେ ବିଶେଷ କରି ସ୍କୁଲ ପିଲାଙ୍କୁ ପାଠ ପଢିବାରେ ନାହିଁ ନଥିବା ସମସ୍ୟାକୁ ସାମ୍ନା କରିବାକୁ ପଡୁଛି। କେଉଁଠାରେ ମୋବାଇଲ ଫୋନ ଥିଲେ ନେଟୱାର୍କ ନାହିଁ ତ କେଉଁଠି ନେଟୱାର୍କ ଅଛି ହେଲେ ମୋବାଇଲ ଫୋନ୍ ନାହିଁ। ସରକାର କରୋନା ସମୟରେ ଅନ୍ ଲାଇନ୍ ମୋବାଇଲ ଫୋନ୍ ଦ୍ୱାରା ପିଲାମାନଙ୍କୁ ଶିକ୍ଷା ଦେବାକୁ ଘୋଷଣା କରିଥିଲେ। ସେତେବେଳେ ଯାହା ସମସ୍ୟା ସାରା ଦେଶରେ ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଦେଖାଦେଇଥିଲା ତାହା କହିଲେ ନ ସରେ। ସରକାର ଡିଜିଟାଲ ଇଣ୍ଡିଆର କଥା କହି ବାହାସ୍ଫୋଟ ମାରୁଥିବା ବେଳେ କିନ୍ତୁ ବାସ୍ତବ ଚିତ୍ର ଅଲଗା। ଭାରତ ସ୍ୱାଧୀନ ହୋଇ ୭୬ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଗାଁ ଗହଳିରେ ପହଂଚି ପାରୁନାହିଁ ବିକାଶ। ଯାହାର ନମୁନା ଏବେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଚାନ୍ଦବେଡା ଗ୍ରାମରେ ଦେଖିବାକୁ ମିଳିଛି।

ବର୍ତମାନ ୪ଜି ନେଟୱାର୍କରୁ ୫ଜି ନେଟୱାର୍କ କରାଗଲା କିନ୍ତୁ ଆଜି ସୁଦ୍ଧା ଏହି ଚାନ୍ଦବେଡା ଗ୍ରାମରେ ନେଟୱାର୍କର ବ୍ୟବସ୍ଥା ନାହିଁ। ମୋବାଇଲ ଫୋନ୍ ଯେବେ ଠାରୁ ଆରମ୍ଭ ହୋଇଛି ସେ ଦିନ ଠାରୁ ଲୋକେ ମୋବାଇଲ ଫୋନ୍ ଦ୍ୱାରା ଅନେକ ସୁବିଧା ପାଇ ପାରୁଛନ୍ତି। କିନ୍ତୁ ଆଜି ସୁଦ୍ଧା କୋରାପୁଟ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଅନେକ ଅଂଚଳରେ ମୋବାଇଲ ଟାୱାର ହିଁ ନାହିଁ। ବିଭିନ୍ନ ସ୍ଥାନରେ ଗାଁ ଲୋକେ ପାହାଡ ଚଢି ମଂଚା ଉପରେ ଚଢ଼ି ମୋବାଇଲ ନେଟୱାର୍କ ପାଇଁ ସଂଘର୍ଷ କରୁଛନ୍ତି। ଅନେକ ଥର ଏହି ଗ୍ରାମର ବାସିନ୍ଦା ମୋବାଇଲ ଟାୱାର ପାଇଁ ଦାବୀ କରିଆସୁଥିଲେ କିନ୍ତୁ ସରକାର ବଦଳିଲା ମାତ୍ର ମୋବାଇଲ ନେଟୱାର୍କ ହୋଇପାରିଲା ନାହିଁ। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଉପାନ୍ତ ଅଂଚଳରେ ଚାନ୍ଦବେଡା ଗ୍ରାମ ଅବସ୍ଥିତ। ଘନ ଜଙ୍ଗଲ ଓ ପାହାଡ଼ ପର୍ବତ ଘେରାରେ ରହିଛି ଏହି ଗ୍ରାମ। ଏହି ଗ୍ରାମରେ ୧୦୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। କିନ୍ତୁ ମୋବାଇଲ ନେଟୱାର୍କ ନାହିଁ। ଯାହା ଫଳରେ କି ନାହିଁନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସ୍ଥାନୀୟ ବାସିନ୍ଦା ମାନେ ମତପ୍ରକାଶ କରିଛନ୍ତି। ଯଦି ଗ୍ରାମର କୌଣସି ବ୍ୟକ୍ତି ଅସୁସ୍ଥ ହେଲେ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିବାକୁ ପାହାଡ଼, ବଡ଼ ବଡ଼ ଗଛ ଏବଂ ମଂଚା ପାଲଟିଛି ଏମାନଙ୍କର ସାହା ଭରଷା। ଚାନ୍ଦବେଡା ଗ୍ରାମରେ ଥିବା ବିଦ୍ୟାଳୟରେ ପିଲାମାନଙ୍କର ଉନ୍ନତମାନର ଶିକ୍ଷାଦାନ ପାଇଁ ଲାଗିଛି ଏଲଇଡି ଟିଭି । ହେଲେ ନେଟୱାର୍କ ନାହିଁ ଯାହା ଫଳରେ ଇଣ୍ଟରନେଟ ଚାଲିବା ଅସମ୍ଭବ। ତେବେ ଜରୁରୀକାଳୀନ ପରିସ୍ଥିତିରେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେଉ ବା କୁମୁଲିପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଶା ଦିଦି ମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିବା ମଧ କଷ୍ଟସାଧ ହୋଇଯାଇଛି ବୋଲି ଗ୍ରାମର ଲୋଇଚନ ଗୌଡ, ଗୋରୀମଣୀ ଗୌଡ, ଘାସି ଗୌଡ କହିଛନ୍ତି। ଦୀର୍ଘ ଦିନ ଧରି ଗ୍ରାମରେ ମୋବାଇଲ ଟାୱାର ପାଇଁ ସ୍ଥାନୀୟ ଗ୍ରାମବାସୀ ନେତା ଠାରୁ ଆରମ୍ଭ କରି ପ୍ରଶାସନ ଅଧିକାରୀ ବାବୁଙ୍କୁ ମଧ ଗୁହାରି କରିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। କିନ୍ତୁ ଆଜି ସୁଦ୍ଧା କୌଣସି ସୁଫଳ ମିଳିନାହିଁ ବୋଲି ସ୍ଥାନୀୟ ବାସିନ୍ଦାମାନେ ମତପ୍ରକାଶ କରିଛନ୍ତି। ତେବେ ଚାନ୍ଦବେଡା ଗ୍ରାମରେ ମୋବାଇଲ ଟାୱାର ସ୍ଥାପନ କରିବା ପାଇଁ ନୂତନ ସରକାର ତଥା ମୋନମହନ ସରକାରଙ୍କୁ ସ୍ଥାନୀୟ ଗ୍ରାମବାସୀ ମାନେ ଅନୁରୋଧ କରିଛନ୍ତି। ସ୍ଥାନୀୟ ପ୍ରଶାସନ କେବେ ଏହି ଗ୍ରାମର ଦାବିକୁ କର୍ଣ୍ଣପାତ କରି ଚାନ୍ଦବେଡା ଗ୍ରାମରେ ମୋବାଇଲ ଟାୱାର ନିର୍ମାଣ କରିବେ ତାହା ଏବେ ଦେଖିବାକୁ ବାକି ରହିଲା।

# ଓଡ଼ିଶା ଜୀବିକା ମିଶନରେ ଦୁର୍ନୀତି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓସାର ଧାରଣା ଦ୍ୱିତୀୟ ଦିନରେ

କେନ୍ଦ୍ରାପଡ଼ା, ୩୧/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଜୀବିକା ମିଶନ ଓ ମିଶନଶକ୍ତିରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦ୍ୱିତୀୟ ଦିନରେ ପହଂଚିଛି। ସରକାରୀ ଯୋଜନାରେ ଆସୁଥିବା ଅନୁଦାନକୁ ଲୁଟ୍ କରିବାରେ ସାମିଲ ଥିବା ଜିଲ୍ଲା ପ୍ରକଳ୍ପ ସଂଯୋଜକ ତଥା ଜିଲ୍ଲା ପ୍ରକଳ୍ପ ପରିଚାଳକ କୈଳାସ ଚନ୍ଦ୍ର ସେନାପତିଙ୍କୁ ବହିଷ୍କାର କରାଯିବା ଓ ମିଥ୍ୟା ତଥ୍ୟ ପ୍ରଦାନ ନିମନ୍ତେ ତାଙ୍କ ନାମରେ ମାମଲା ରୁଜୁ କରିବା, ୨୦୧୮ରୁ ଅଦ୍ୟାବଧି ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନକୁ ମିଳିଥିବା ପାଣ୍ଠିର ଖର୍ଚ୍ଚ ଉପରେ ସ୍ୱତନ୍ତ୍ର ଅଡିଟ୍ କରାଯିବା, ଜିଲ୍ଲାପାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନରେ ପଡ଼ି ରହିଥିବା ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନ ସମ୍ପର୍କିତ ଆବେଦନଗୁଡ଼ିକର ସମସ୍ତ ତଥ୍ୟ ପ୍ରଦାନ, ଦୁର୍ନୀତିରେ ସହଯୋଗୀ ସାଜିଥିବା ଏବଂ ତଥ୍ୟ ଲୁଚାଉଥିବା ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଏବଂ ଜିଲ୍ଲା ପରିଷଦର ପୂର୍ବତନ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରାଯିବା, ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟରେ ବ୍ୟବହୃତ ହେଉଥିବା ଭଡ଼ାଗାଡ଼ି ଗୁଡ଼ିକର ସମସ୍ତ କାର୍ଯ୍ୟକଳାପ ଓ ଖର୍ଚ୍ଚର ଯାଂଚ କରାଯିବା, ଦୁଇବର୍ଷରୁ ଉର୍ଦ୍ଧ୍ୱ ରହିଥିବା ବ୍ଲକ ମହିଳା ମହାସଙ୍ଘ ଓ ଜିଲ୍ଲା ମହିଳା ମହାସଙ୍ଘର ନେତୃମଣ୍ଡଳୀ(ସଭାନେତ୍ରୀ, ସମ୍ପାଦିକା ଓ କୋଷାଧକ୍ଷ)ଙ୍କୁ ଆଇନ ଅନୁଯାୟୀ ବଦଳାଯାଇ ନୂତନ ନେତୃମଣ୍ଡଳୀ ଚୟନ କରାଯିବା, ଜିଲ୍ଲା ମହିଳା ମହାସଙ୍ଘ ଓ ବ୍ଲକ ମହିଳା ମହାସଙ୍ଘ ପ୍ରାପ୍ତ କରିଥିବା ସମସ୍ତ ସରକାରୀ ପାଣ୍ଠିର ସ୍ୱତନ୍ତ୍ର ଅଡିଟ କରାଯିବା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମିଶନଶକ୍ତି ଅଧିନରେ କାର୍ଯ୍ୟକାରୀ ହେଉଥିବା ମିଶନଶକ୍ତି କାଫେରେ ଯେଉଁ ସ୍ୱୟଂ ସହାୟିକା ଗୋଷ୍ଠି ନିୟୋଜିତ ହୋଇଛନ୍ତି ସେହି ନିୟୋଜନ ପ୍ରକ୍ରିୟାର ଯାଂଚ କରାଯିବା ପ୍ରଭୃତି ଦାବି ନେଇ ଓସାର ଜିଲ୍ଲା ଆବାହକ ପ୍ରତାପ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣା ଦ୍ୱିତୀୟ ଦିନରେ ପହଂଚିଛି। ପୂର୍ବରୁ ଏହି ଦୁର୍ନୀତି ସଂକ୍ରାନ୍ତରେ ସୂଚନା ଅଧିକାର ଆଇନରେ ତଥ୍ୟ ମଗାଯାଇଥିଲେ ମଧ ତାହା ପ୍ରଦାନ କରାଯାଇନାହିଁ। ସମସ୍ତ ଦୁର୍ନୀତିର ତଦନ୍ତ ଦାବିରେ ଓସା ପକ୍ଷରୁ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ଶ୍ରୀ ମହାନ୍ତି କହିଛନ୍ତି। ଏହି ଧାରଣା କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରଦୀପ କୁମାର ଦାଶ, ବନମାଳି ମହାରଣା, ନିରଞ୍ଜନ ପରିଡ଼ା, ସୂର୍ଣ୍ଣପ୍ରଭା ପାତ୍ର, ବବିତା ମଲିକ, ମିଲି ମଲିକ, କୁନ୍ତଳା ପରିଡ଼ା, ବିଦ୍ୟୁଲତା ବେହେରା, ପାର୍ବତୀ ସାହୁ, ପ୍ରମିଳା ପ୍ରଧାନ, ମମତା ସ୍ୱାଇଁ, ସବିତା ନାୟକ, ରଶ୍ମିତା ଦାସ, ଗିତାଞ୍ଜଳୀ ସେଠୀ, ଝୁନୀ ସେଠୀ, ମଞ୍ଜୁଶ୍ରୀ, ଜ୍ୟୋତ୍ସ୍ନାମୟୀ ସେଠୀ, ସୋନାଲି ସେଠୀ, କ୍ରିଷ୍ଣା ବିଶ୍ୱାଳ, ସଂଯୁକ୍ତା ବିଶ୍ୱାଳ, ପଦ୍ମିନୀ ସେଠୀ, ହୁରମାତୁନ ନିଶା, ରମାକାନ୍ତ ମାହାଳି, ନମିତା ମଲିକ, ନଳିନୀ ବେହେରା, ନଗେନ୍ଦ୍ର ଜେନା, ଗାୟତ୍ରୀ ମଲିକ, ଶଶିପ୍ରଭା ପ୍ରଧାନ, ମଧୁସ୍ମିତା ରାଉତ, ପଦ୍ମିନୀ ସେଠୀ, ଶୁଭ୍ରଜିତ ବେହୁରା, ଅକ୍ରୁର ଚରଣ ପଲାଇ, ମାନସରଞ୍ଜନ ଆଚାର୍ଯ୍ୟ, ସୁମନ୍ତ ସେଠୀ, ନମିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ୧୧ ପଂଚାୟତକୁ ୨ କନିଷ୍ଠ ଯନ୍ତ୍ରୀ: ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ମାଲକାନଗିରି, ୩୧/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ୧୧ଟି ପଂଚାୟତକୁ ନେଇ ଗଠିତ । ଏହି ବ୍ଲକ ଅଧୀନରେ ବଣ୍ଡାଘାଟି ରହୁଥିବାରୁ ସବୁ ସମୟରେ ଚର୍ଚ୍ଚାରେ ରହିଥାଏ ଏହି ବ୍ଲକ । କିନ୍ତୁ, ବର୍ତମାନ ଆଶ୍ଚର୍ଯ୍ୟର କଥା ଯେ, ୧୧ଟି ପଂଚାୟତକୁ ବର୍ତମାନ ୨ ଜଣ ଯନ୍ତ୍ରୀ ଏହି ବ୍ଲକକୁ ସମ୍ଭାଳିଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଯନ୍ତ୍ରୀମାନେ କେମିତି କାମକୁ ପରଖୁଥିବେ। ଦୁଇ ଯନ୍ତ୍ରୀ ହେଉଛନ୍ତି ସମୀର ଦାସ ଓ ଅନିଲ ଓ କୁମାର ମାଝୀ । ଏହି ଦୁଇ ଯନ୍ତ୍ରୀ ମଧ ୮ବର୍ଷରୁ ଅଧିକ ବର୍ଷ ହେଲାଣି ଖଇରପୁଟ ବ୍ଲକ୍ ?ରେ ହିଁ କାର୍ଯ୍ୟରତ ଅଛନ୍ତି । ପୂର୍ବରୁ ଆଉ ଜଣେ ଶିକ୍ଷା ବିଭାଗର ଯନ୍ତ୍ରୀ ବ୍ଲକ ସହ ଜଡିତ ଥିଲେ କିନ୍ତୁ ସେ କେବଳ ବିଦ୍ୟାଳୟ ଗୁଡ଼ିକର କାମ ଗୁଡିକ ତଦାରଖ କରିବେ ଏବଂ ଆଉ ଜଣେ ପାନୀୟ ଜଳ ବିଭାଗର ଯନ୍ତ୍ରୀଙ୍କୁ ଗୋଟିଏ ପଂଚାୟତର ଦାୟିତ୍ୱ ଦିଆଯାଇଛି । କିନ୍ତୁ, ପାନୀୟ ଜଳ ବିଭାଗର ଦାୟିତ୍ୱ ଅଧିକ ରହୁଥିବାରୁ ଉକ୍ତ ଯନ୍ତ୍ରୀଙ୍କୁ ମଧ ବହୁ ବାଧା ହେଉଛି। ପାନୀୟ ଜଳ ଯୋଗାଣ ବିଭାଗର ଆଉ ଜଣେ ଯନ୍ତ୍ରୀ ମଧ ଅଛନ୍ତି କିନ୍ତୁ ସେ ନିଜ ବିଭାଗ ଛଡ଼ା ଅନ୍ୟ କୌଣସି ବିଭାଗରେ କାମ କରିବା ପାଇଁ ନାରାଜ । ଏତେ ବର୍ଷ ହେଲାଣି ସେ ଅନ୍ୟ କେଉଁ ପଂଚାୟତର ମଧ ବ୍ଲକ୍ ଯନ୍ତ୍ରୀ ଭାବେ ନିୟୋଜିତ ହୋଇନାହାନ୍ତି । ଏଠି ପ୍ରଶ୍ନ ଉଠୁଛି ଗୋଟିଏ ବ୍ଲକରେ ଏତେ ବର୍ଷ ହେଲାଣି କିଭଳି ଯନ୍ତ୍ରୀମାନେ କାର୍ଯ୍ୟରତ ଅଛନ୍ତି । ଗତ କିଛି ବର୍ଷ ତଳେ ମାଥିଲି ବ୍ଲକର କନିଷ୍ଠ ଯନ୍ତ୍ରୀ ନୟନ ସରକାରଙ୍କୁ ଖଇରପୁଟ ବ୍ଲକକୁ ବଦଳି ହୋଇଥିଲା କିନ୍ତୁ ସେ ନଯାଇ ମାଥିଲିରେ ରହିଛନ୍ତି। ମାଥିଲି ବ୍ଲକରେ ତାଙ୍କୁ ୬ରୁ ୭ଟି ପଂଚାୟତର ଦାୟିତ୍ୱ ଦିଆଯାଇଛି। କନିଷ୍ଠ ଯନ୍ତ୍ରୀ ମାନଙ୍କ ବଦଳି ନ ହେବା ପଛରେ କୌଣସି ଉଚ୍ଚଅଧିକାରୀଙ୍କ ହାତ ରହିଛି ତାହା ଏଠି ପ୍ରଶ୍ନ ଉଠୁଛି । ଖଇରପୁଟ ବ୍ଲକରୁ ବିଭିନ୍ନ ସମୟରେ ଠିକ୍ ସମୟରେ ବିଲ୍ ନହେବା ଅଭିଯୋଗ ଆସେ ଯାହାର ମୁଖ୍ୟ କାରଣ ଏହା। ବ୍ଲକ୍ ର ୧୧ଟି ପଂଚାୟତରୁ ୬ଟି ପଂଚାୟତର ଅଧିକ ଗାଁ ଘାଟି ଅଂଚଳ। ସେଥିରୁ ୪ଟି ପଂଚାୟତ ବଡ଼ଡୁ ରାଲ, ମାଡ଼କପଦାର, ମୁଦୁଲିପଡ଼ା, ଅଣ୍ଡରାହାଲ ସମ୍ପୂର୍ଣ ଘାଟି ଅଂଚଳ। ଯଦି ଜଣେ ଯନ୍ତ୍ରୀ ଗୋଟିଏ ଗାଁକୁ ବି ବୁଲିବାକୁ ଯିବେ ତାଙ୍କର ଦିନ ସରିଯିବ । ତେଣୁ ବିଭିନ୍ନ ସମୟରେ ଘାଟି ଅଂଚଳରୁ ଦୁର୍ନୀତିର ଖବର ସାମ୍ନାକୁ ଆସେ । କାରଣ ଉକ୍ତ କାମଗୁଡ଼ିକୁ ଠିକ୍ ଭାବେ ତଦାରଖ କରିପାରନ୍ତିନି ଯନ୍ତ୍ରୀ । ତେଣୁ ଉପଯୁକ୍ତ ଯନ୍ତ୍ରୀ ଖଇରପୁଟ ବ୍ଲକକୁ ଦେବାକୁ ଅନୁରୋଧ କରିଛନ୍ତି ବ୍ଲକ୍ ବାସି।

# କୌଶଳ ରଥକୁ ସ୍ୱାଗତ କଲେ ଆଇଟିଆଇ ଅନୁଷ୍ଠାନର ଛାତ୍ର ଛାତ୍ରୀ

ଜୟପୁର, ୩୧/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କୌଶିଳ ରଥକୁ ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ସ୍ଥିତ ଗୋପବନ୍ଧୁ ଆଇଟିଆଇ ଅନୁଷ୍ଠାନର ଛାତ୍ର ଛାତ୍ରୀ, ଅଧାପକ ଅଧାପିକା ଓ କର୍ମଚାରି ମାନେ ଆଜି ସକାଳ ସାଢେ ୯ଟାରେ ସ୍ୱାଗତ କରିଛନ୍ତି । ଏଠାରେ କୋରାପୁଟ ଜିଲାପାଳ ଭି କିର୍ତି ଭାସନ. ଜିଲା ନିଯୁକ୍ତି ଅଧିକାରି ଶୁଭେନ୍ଦୁ ମିଶ୍ର, ଆମ୍ବାଗୁଡା ଆଟିଆଇ ଅଧକ୍ଷ ରାଜିବ ଲୋଚନ ଦାସ, କୋଟପାଡ ଆଇଟିଆଇ ଅଧକ୍ଷ ବଳରାମ ସେଠି ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ରେ ଚାଲିଥିବା ବିଭିନ୍ନ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କାଯ୍ୟକ୍ରମ ବିଷୟରେ ସଚେତନ କରିବା ପାଇଁ ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ କୌଶଳ ରଥ ସଚେତନ କରିଛି । ଏହି କୌଶଳ କଥ ଛାତ୍ର ଛାତ୍ରୀ ଙ୍କୁ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ କରିବା ସହ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ଆଧୁନିକ ଏବଂ ନୁତନ ଯୁଗର ନିଯୁକ୍ତି ଭିତିକ ତାଲିମ ଯୋଗାଣର ଭୂମିକାକୁ ଉତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ପ୍ରଯୁକ୍ତି ବିଦ୍ୟାର ଯନ୍ତପାତି ଡ୍ରୋନ ଟେକ୍ନୋଲୋଜି, ରୋବୋଟିକ, ପ୍ରଦର୍ଶନ କରୁଥିବା ଏହି ସଜ୍ଜିତ ବସ ଆଇଟିଆଇ ଠାରେ ପହଂଚି ଥିଲା । ଏହି କୌଶଳ ରଥର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ର ଛାତ୍ରୀ ଙ୍କୁ ନୁତନ ଜ୍ଞାନ କୌଶଳ ବିଷୟରେ ସଚେତନ କରିବା ସହ ସେମାନଙ୍କର ଭବିଷ୍ୟତର ପଥ ପ୍ରଦର୍ଶନ କରିବା । ଏହି ରଥ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଓଡିଶା ସରକାର ଓ ଜିଲା ପ୍ରଶସନ କୋରାପୁଟ ମିଳତ ଆନୁକୁଲ୍ୟରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଥିଲା ।

# ଶେରଗଡ଼ ବ୍ଲକରେ ବ୍ୟାପୁଛି ଝାଡ଼ାବାନ୍ତି : ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ପ୍ରାୟ ୨୦ ଆକ୍ରାନ୍ତ ଆସୁଛନ୍ତି

ଗଞ୍ଜାମ, ୩୧/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ର ଝାଡ଼ାବାନ୍ତି ଅଣାୟତ ହୋଇଛି । ଗୋଟିଏ ପରେ ଗୋଟିଏ ଗାଁକୁ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି । ପ୍ରତିଦିନ ଏକାଧିକ ଲୋକ ଆକ୍ରାନ୍ତ ହେଉଛନ୍ତି । କାକରଡ଼ା, ଗୋବିନ୍ଦପୁର, ବି.ବ୍ରହ୍ମପୁର, ବି. ଚିକିଲି, ମହୁପଦର, ହାଡିତିରା, ହରେକୃଷ୍ଣପୁର ଓ କିର୍ତିପୁର ସମେତ ବିଭିନ୍ନ ଗ୍ରାମର ଲୋକେ ଆକ୍ରାନ୍ତ ହୋଇ ଶେରଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଗତକାଲି ମହୁପଦର ଗ୍ରାମରେ ଗୋଟିଏ ପରିବାରରୁ ୬ ଜଣ ସଦସ୍ୟ ବନିତା ଡାକୁଆ, ସିଲୁ ଡାକୁଆ, ମିଲୁ ଡାକୁଆ, ବର୍ଷା ଡାକୁଆ, ଚିନ୍ମୟୀ ଡାକୁଆ ଓ ଶ୍ରୀୟାଂସୁ ଡାକୁଆ ଆକ୍ରାନ୍ତ ହୋଇଛନ୍ତି । ସେହିପରି ହାଡିତିରା ଗ୍ରାମର ରେଶମା ବିଶୋୟୀ, ରାହୁଲ ବିଶୋୟୀ, ସୁଜାତା ପ୍ରଧାନ ଓ ଶ୍ରାବଣୀ ପ୍ରଧାନ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ବର୍ତମାନ ଶେରଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ପାଖାପାଖି ୨୦ ଜଣ ଆକ୍ରାନ୍ତ ଆସୁଛନ୍ତି । ତେବେ ଝାଡ଼ାବାନ୍ତି ବ୍ୟାପିବା ପଛରେ ଦୂଷିତ ପିଇବା ପାଣି ମୂଖ୍ୟ କାରଣ ବୋଲି ଜଣାପଡିଛି । ବର୍ଷା ପରେ କୂଅ, ପୋଖରୀ ପାଣି ଦୂଷିତ ହୋଇଯାଇଛି ।

ଗଞ୍ଜାମ ଜିଲ୍ଲା ହଇଜା ନିୟନ୍ତ୍ରଣ ଟିମ୍ ର ସଦସ୍ୟ ହରମୋହନ ପଣ୍ଡା, ସାବିତ୍ରୀ ରାଉତ ଓ ପଲ୍ଲବୀ ପାତ୍ର ପ୍ରମୁଖ ଗୋବିନ୍ଦପୁର, କାକରଡ଼ା, ବି. ଚିକିଲି ଓ ମହୁପଦର ଗ୍ରାମକୁ ଯାଇ ସ୍ଥିତି ଅନୁଧାନ କରିଛନ୍ତି । ପରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ଏଏନଏମ ଓ ଗ୍ରାମସେବକଙ୍କୁ ନେଇ ଘରକୁ ଘର ବୁଲି ଯାଂଚ୍ କରିବା, କୂଅ ଓ ନଳକୂପ ବିଶୋଧନ କରିବା, ଆକ୍ରାନ୍ତଙ୍କ ଚିକିତ୍ସା ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ କଂଟାକ୍ଟ ଡୋଜ୍ ପ୍ରଦାନ ଓ ଫୁଟାପାଣି ପିଇବା ଲାଗି ସଚେତନତା କରାଯାଇଛି । ବିଡ଼ିଓ, ସିଡ଼ିପିଓ ଓ ମେଡ଼ିକାଲ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ତେରଗାଁ ପଂଚାୟତରେ କଂଟ୍ରୋଲ ଡିଲର ବଦଳାଇବାକୁ ଦାବି

କେନ୍ଦ୍ରାପଡ଼ା, ୩୧/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ତେରଗାଁ ପଂଚାୟତରେ ସରକାରୀ ରାସନ ସାମଗ୍ରୀ ଦେବାପାଇଁ ନିଯୁକ୍ତି ହୋଇଥିବା ୭ଜଣ କଂଟ୍ରୋଲ ଡିଲର ଓ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବଦଳାଇ ତାଙ୍କ ସ୍ଥାନରେ ନୂଆ ନିଯୁକ୍ତି ଦେବାପାଇଁ ଉକ୍ତ ଅଂଚଳର ହିତାଧିକାରୀମାନେ ଦାବିକରିଛନ୍ତି । ଜିଲ୍ଲପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭେଟି ଏହି ହିତାଧିକାରୀମାନେ ଜଣାଇଛନ୍ତି ଯେ, କଂଟ୍ରୋଲ ସାମଗ୍ରୀ ଦେବାପାଇଁ ନିଯୁକ୍ତି ହୋଇଥିବା ସ୍ୱୟଂସହାୟିକା ଗୋଷ୍ଠୀର ମନମୁଖୀ ଠିକ ସମୟରେ ସାମଗ୍ରୀ ନ ଦେବା, ଅନିୟମିତତା ଓ ଓଜନରେ କମ ଦେବା ଏବଂ ନିରିହ ହିତାଧିକାରୀ ମାନଙ୍କୁ ଧମକ ଦେବା ଏବଂ କରୋନା ମହାମାରୀ ସମୟରେ ରାସନ ସାମଗ୍ରୀକୁ ହଡପ କରିବା, ବିଷୟରେ ଜଣାଇଛନ୍ତି । ଦୀର୍ଘ ବର୍ଷ ହେଲା ଏମାନଙ୍କର ଅରାଜକତା ଲାଗି ରହିଥିବାରୁ ଏମାନଙ୍କୁ ସରକାରଙ୍କ ତରଫରୁ ପ୍ରଦାନ କରା ଯାଉଥିବା ରାସନ ସାମଗ୍ରୀକୁ ବନ୍ଦ କରି ତାଙ୍କ ସ୍ଥାନରେ ନୂତନ ଡିଲରଙ୍କୁ ନିଯୁକ୍ତି ଦେବାପାଇଁ ତୁଷାରକାନ୍ତ ସାହୁ, ମନୋରଂଜନ ଜେନା, ନିମାଇଁ ଚରଣ ମୁଦୁଲି, କନକଲତା ସାହୁ, ସୌଦାମିନୀ ସାହୁ, କୂଳମଣୀ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କମିଟି ବୈଠକ

କେନ୍ଦ୍ରାପଡ଼ା, ୩୧/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କମିଟି ବୈଠକ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିଲୁ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ, ଜିଲ୍ଲା ମୁଖ୍ୟ ପଶୁ ଅଧିକାରୀ ଡ଼ଃ ଦିପ୍ତିମୟୀ ମହାପାତ୍ର, ମୃର୍ତିକା ସଂରକ୍ଷଣ ଅତିରିକ୍ତ ସହାୟକ ନିର୍ଦ୍ଦେଶକ ଅଶୋକ କୁମାର ସାମଲ, ଉଦ୍ୟାନ କୃଷି ସହାୟକ ନିର୍ଦ୍ଦେଶକ ଦେବଦାସ ଦତ, ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଉପ ନିର୍ଦ୍ଦେଶକ ଆରତୀ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଏଡିଏ ଅଜୟନାଥ ମହାପାତ୍ର, ଅତିରିକ୍ତ କୃଷି ଅଧିକାରୀ ଅନିରୁଦ୍ଧ ତରାଇ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ସ୍ତରୀୟ ନୋଡାଲ ଅଫିସର ଭାବେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ମହାପାତ୍ରଙ୍କୁ ନିଯୁକ୍ତି କରାଯାଇଛି । ବ୍ଲକ ସ୍ତରୀୟ କମିଟିଗୁଡିକ ତହସିଲଦାରଙ୍କ ଅଧକ୍ଷତାରେ ଡିଜିଟାଲ ଫସଲ କାର୍ଯ୍ୟକୁ ତଦାରଖ କରିବେ । ସର୍ବେକ୍ଷଣରେ ନିଯୁକ୍ତି ହୋଇଥିବା ସୁପର ଭାଇଜର ଓ ସର୍ବେକ୍ଷଣ ଅଧିକାରୀ ମାନଙ୍କୁ ବ୍ଲକ ସ୍ତରୀୟ କମିଟି ଚିହ୍ନଟ କରିବ ଏବଂ ତାଙ୍କୁ ତାଲିମ ଦେବାପାଇଁ ବ୍ଲକ ସ୍ତରରେ ୭ରୁ ୮ ଜଣ ତାଲିମଦାତାମାନେ ଜିଲ୍ଲା ସ୍ତରରେ ତାଲିମ ଗ୍ରହଣ କରିବେ । ସର୍ବେକ୍ଷଣ ରେ ଜିଲ୍ଲାର ବିଭିନ୍ନ ଅଚଳରେ ହେଉଥିବା କେଉଁ ଜମିରେ କେଉଁ ଚାଷ କରାଯାଏ ଅଥବା ପଡିଆ ରହିଥାଏ ତାର ସଂପୂର୍ଣ୍ଣ ବିବରଣୀ ଗ୍ରହଣ କରାଯିବ । ଏବଂ ପରବର୍ତୀ ସମୟରେ ନିଆ ଯାଇଥିବା ସୂଚନା ସାହାଯ୍ୟରେ ଚାଷୀଭାଇ ମାନଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନାଗୁଡିକ ପ୍ରସ୍ତୁତ କରାଯିବ । ଚଳିତ ଖରିଫ ଋତୁରେ ଏହି ସର୍ବେକ୍ଷଣ କାର୍ଯ୍ୟ ଅଗଷ୍ଟ ୧୫ ଠାରୁ ଆସନ୍ତା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚାଲୁ ରହିବ । ଏବଂ ଜିଲ୍ଲାର ସମସ୍ତ ଚାଷ ଜମି ଗୁଡିକର ସର୍ବେକ୍ଷଣ କରାଯିବ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ବ୍ୟାକରଣ ଉପରେ ସ୍ୱତନ୍ତ୍ର ଆଲୋଚନାଚକ୍ର

ଜୟପୁର, ୩୧/୦୭ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସୁନାବେଡ଼ା ପରିସରରେ ସଂସ୍କୃତ ବ୍ୟାକରଣ ଉପରେ ଏକ ସ୍ୱତନ୍ତ୍ର ବକ୍ତୃତା ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୁରୀ କ୍ୟାମ୍ପସସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନବ ବ୍ୟାକରଣ ବିଭାଗ ମୁଖ୍ୟ ପ୍ରଫେସର ଅନୁପମା ପୃଷ୍ଟି ଓ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ଯୁଧିଷ୍ଠିର ସାହୁ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ତଥା ଭାଷା ବିଦ୍ୟାଳୟର ଡିନ୍ ପ୍ରଫେସର ଏନ୍ ସି ପଣ୍ଡା ଉଦ୍ଘାଟନ କରିଥିଲେ। ପ୍ରଫେସର ପୃଷ୍ଟି ସଂସ୍କୃତ ଭାଷାରେ ଶବ୍ଦର ମହତ୍ୱ ଓ ଏହାର ବ୍ୟାଖ୍ୟା ଉପରେ ଗୁରୁତ୍ୱାରୋପ କରି 'ଶବ୍ଦବୋଧ' ଶୀର୍ଷକ ଏକ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ । ପ୍ରଫେସର ସାହୁ ସଂସ୍କୃତ ବ୍ୟାକରଣର ପ୍ରୟୋଗ ଓ ମହତ୍ୱ ସମ୍ପର୍କରେ ଉପସ୍ଥିତ ଛାତ୍ର-ଛାତ୍ରୀଙ୍କ ସହ ଆଲୋଚନା କରି ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ଅଧାପକ ଡ. ନବିନ କୁମାର ପ୍ରଧାନ, ଡ. ଦେବାଶିଷ କର୍ମାକର, ଡ. ସଞ୍ଜୀବ ସରକାର, ଡ. ବୀରେନ୍ଦ୍ର କୁମାର ଷଡ଼ଙ୍ଗୀ, ସତ୍ୟବ୍ରତ ମିଶ୍ର, ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଙ୍କ ସମେତ ସଂସ୍କୃତ ବିଭାଗର ଛାତ୍ରଛାତ୍ରୀମାନେ ଯୋଗଦେଇ ଆଲୋଚନାରେ ପାରସ୍ପରିକ ଅଂଶଗ୍ରହଣ କରିଥିଲେ।

# ୧୦ ଦଫା ଦାବି ନେଇ ପଂଚାୟତ କର୍ମଚାରୀ(ପିଅନ)ମହାସଂଘର ପ୍ରତିବାଦ

ଧର୍ମଶାଳା, ୩୧/୦୭ (ନି.ପ୍ର): ବିଭିନ୍ନ ଦାବି ନେଇ ଓଡିଶା ଗ୍ରାମ ପଂଚାୟତ କର୍ମଚାର(ପିଅନ) ମହାସଂଘର ମୌଳିକ ଦାବି ସମୂହ ନେଇ ପ୍ରତିବାଦ କରାଯାଇଛି । ଓଡିଶା ଗ୍ରାମପଂଚାୟତ କର୍ମଚାରୀ ପିଅନ ମହାସଂଘ କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ସଂଘର କର୍ମକର୍ତା ଓ ସଦସ୍ୟ ଏକତ୍ର ହୋଇ ବିଭିନ୍ନ ମୌଳିକ ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଶେଷ କରି ପଂଚାୟତମାନଙ୍କରେ ଜଣେ ଲେଖାଏଁ ପିଅନ ପଦବୀ ସୃଷ୍ଟି କରିବା ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ କରିବା,ଆଇନକୁ ସଂଶୋଧନ କରିବା ,ଚାକିରୀ କ୍ଷେତ୍ରରେ ବୀମା ଭୁକ୍ତ କରିବା,ଶିକ୍ଷାଗତ ଯୋଗ୍ୟତା ଭିତିରେ ପଦୋନ୍ନତି କରିବା ସହିତ ସାମାଜିକ ସୁରକ୍ଷା ପ୍ରଦାନ ,ଅବସର କର୍ମଚାରୀଙ୍କ ପାଇଁ ପେନସନ ବ୍ୟବସ୍ଥା କରିବା ଆଦି ୧୦ ଦଫା ଦାବି ନେଇ ପ୍ରତିବାଦ କରିଛନ୍ତି ।

# ଶ୍ରୁତିବାଧିତ ପିଲାଙ୍କ ପାଇଁ ଉପଯୋଜିତ ପୁସ୍ତିକା ପ୍ରସ୍ତୁତି କର୍ମଶାଳା




ବାରିପଦା, ୩୧/୭ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାଧନା' ଓ 'ସମଗ୍ର ଶିକ୍ଷା, ମୟୂରଭଞ୍ଜର ମିଳିତ ସହଯୋଗରେ ବାରିପଦାସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ, ସମିଳନୀ କକ୍ଷରେ ଏକ ତିନିଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଅଛି । ଏହି କର୍ମଶାଳାରେ ସାଧାରଣ ବିଦ୍ୟାଳୟରେ ପଢୁଥିବା ଶ୍ରୁତିବାଧିତ ପିଲାମାନଙ୍କ ପାଇଁ ପୂର୍ବ ପ୍ରସ୍ତୁତ ଉପଯୋଜିତ ଶିକ୍ଷଣ ପୁସ୍ତିକାର ସମୀକ୍ଷା ଓ ସଂଶୋଧନ କରଯାଇଥିଲା । ଉକ୍ତ କର୍ମଶାଳାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶଶିଧର ସିଂହ, ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ପିଲା କିଭଳି ଗୁଣାତ୍ମକ ଶିକ୍ଷା ପାଇବା ସହ ନିଜ ଶିକ୍ଷଣ କୁ ସୁନିଶ୍ଚିତ କରିପାରିବେ ସେହି ସମ୍ପର୍କରେ ଆଲୋଚନା କରିବା ସହ ଶ୍ରୁତିବାଧିତ ପିଲାଙ୍କ ପାଇଁ ପୁସ୍ତିକା ସଂଶୋଧନ କାର୍ଯ୍ୟକୁ ସ୍ୱାଗତ କରିଥିଲେ । ଅନ୍ୟତମ ଅତିଥିଭାବେ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ଶ୍ରୀଯୁକ୍ତ ପ୍ରମୋଦ ଡାକୁଆ ଯୋଗଦେଇ ଭିନ୍ନକ୍ଷମ ପିଲାମାନଙ୍କୁ ଆନ୍ତରିକ ସ୍ନେହ ପ୍ରଦାନ କରି ଉପଯୁକ୍ତ ଶିକ୍ଷଣ ସୁଯୋଗ ସୃଷ୍ଟିକଲେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ମତ ରଖିଥିଲେ । ଶିକ୍ଷା ଅଧିକାର ଓ ଭିନ୍ନକ୍ଷମ ଅଧିକାର ଅଧିନିୟମକୁ ପାଥେୟ କରି ଭିନ୍ନକ୍ଷମ ପିଲାମାନଙ୍କର ସମନ୍ୱିତ ଶିକ୍ଷାର ଉନ୍ନତି ନିମନ୍ତେ ସାଧାରଣ ବିଦ୍ୟାଳୟର ପଢୁଥିବା ଶ୍ରୁତିବାଧିତ ପରିବେଶକୁ ସୁଗମ ତଥା ସୁନ୍ଦର କରିବା ଓ ସମସ୍ତ ପିଲାମାନଙ୍କ ସହିତ ମିଶି ଶିକ୍ଷା ଗ୍ରହଣ କରିବା ନିମନ୍ତେ ଏହି ପୁସ୍ତିକା ଗୁଡିକ ସହାୟକ ହେବ ବୋଲି ଜିଲ୍ଲା ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ପ୍ରକାଶ କରିଥିଲେ । ସାଧନାର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଞ୍ଜିତ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିବା ସହିତ ସମାଜରେ ଭିନ୍ନକ୍ଷମ ପିଲାମାନଙ୍କର ଶିକ୍ଷା ବ୍ୟବସ୍ଥାର ନିୟମମାନ ଉପସ୍ଥାପନ କରିଥିଲେ । ସମଗ୍ର ଶିକ୍ଷାର ସମନ୍ୱିତ ଶିକ୍ଷା ସଂଯୋଜକ ଶ୍ରୀଯୁକ୍ତ ନାୟକଙ୍କ ଅଧକ୍ଷତାରେ ଉକ୍ତ କାର୍ମଶାଳାଟି ପରିଚାଳିତ ହୋଇଥିଲା । ସମୀକ୍ଷା ତଥା କାର୍ଯ୍ୟକ୍ରମ ପରିଚାଳନରେ ଶିକ୍ଷକ ପ୍ରଶିକ୍ଷକ ବଶିଷ୍ଠ ନାଏକ, ସମ୍ବଳ ସାଧକ ସନ୍ତୋଷ କୁମାର ସାହୁ, ପ୍ରକଳ୍ପ ସଂଯୋଜକ ଲାଲୁପ୍ରସାଦ ଖଣ୍ଡୁଆଲ ସହୋଯୋଗ କରିଥିଲେ । କର୍ମଶାଳାର ସଫଳ ରୂପାୟନ ଓ ଏହି ପ୍ରକ୍ରିୟାରେ ପ୍ରସ୍ତୁତ ଉପଯୋଜିତ ପୁସ୍ତିକା ଗୁଡିକୁ ସମସ୍ତ ବିଦ୍ୟାଳୟରେ ପହଞ୍ଚାଇବା ପାଇଁ ଡି. ସି. ଡବ୍ଲୁ ସମ୍ପୂର୍ଣ ସହଯୋଗ କରିଛନ୍ତି । ଏହି କାର୍ମଶାଳାରେ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ, ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜକ, ଗୋଷ୍ଠୀ ସମ୍ବଳ ଶିକ୍ଷକ, ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ ସାଧନାର କର୍ମୀମାନେ ଉପସ୍ଥିତ ଥିଲେ ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନ, ୩୧/୭ (ନି.ପ୍ର): ଭୁବନ ଏନ୍ ଏ ସି ଅନ୍ତର୍ଗତ ଭିତରଦିଗ ପଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ ମୋହନ ପୃଷ୍ଟି ଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶିକ୍ଷକ ସଂଘ ସଭାପତି ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦୈତ୍ୟ ସାମଲ, ସମ୍ମାନିତ ଅତିଥି ଭାବେ ଏ ବି ଇ ଓ ପୁଷ୍ପାଞ୍ଜଳି ମିଶ୍ର, ସୁମତି ପ୍ରଧାନ, ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଗଣେଶ୍ୱର ପୃଷ୍ଟି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ପୋଥାଳ ଯୋଗଦେଇ ଶିକ୍ଷକ ଶ୍ରୀଯୁକ୍ତ ପୃଷ୍ଟିଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଶ୍ରୀ ପୃଷ୍ଟି ନିଜ କୋହଭରା କଣ୍ଠରେ ୧୯୮୯ ମସିହା ସେପ୍ଟେମ୍ବର ୧୫ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୩୫ ବର୍ଷ ନିଜ ଶିକ୍ଷକତା ଜୀବନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପ୍ରଧାନ ଶିକ୍ଷକ ମନ ମୋହନ ପୃଷ୍ଟି ଙ୍କୁ ପ୍ରଶଂସା ପତ୍ର, ପୁଷ୍ପଗୁଛ, ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଉପହାର ପ୍ରଦାନ କରାଯାଇଥିଲା ।

KAMALA KUMARI SANSKRIT WOMEN'S COLLEGE

PANCHUPALI, BALASORE, 756024
Mob- 9938781246, 8658479843

WANTED

Invites application for the contractual post of a lecturer in sanskrit sahitya having at least 55% of Marks at PG level and good academic career with a consolidated paymant of 20000/-Pm. Interested candidates must submit his/her bio-data with all certificates and testimonials through college e-mail: kkswcppali.bls@gmail.com on or before 10.08.2024. The Date and place of interview will be intimated through their e-mail.

sd/-
principal- cum- secretary

## ୭୮ତମ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




ନୀଳଗିରି , ୩୧/୭ (ନି.ପ୍ର): ସମଗ୍ର ଦେଶରେ ପାଳନ ହେବାକୁ ଯାଉଛି ୭୮ତମ ସ୍ୱାଧୀନତା ଦିବସ।ଏହି ଐତିହାସିକ ଜାତୀୟ ସ୍ୱାଧୀନତା ଦିବସ ଉପଖଣ୍ଡ ସ୍ତରରେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ୧୧ଘଟିକା ସମୟରେ ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ନୀଳଗିରି ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନଏସି ଅଧକ୍ଷା ଅମ୍ବିକା ଦାସ,ତହସିଲଦାର ଦୀପ୍ତିମୟୀ ବେହେରା, ନୀଳଗିରି ବିଡିଓ ରାହୁଲ ମଣ୍ଡଳ,ପି.ଏ. ଆଇଟିଡିଏ କାରୁ ସରେନ୍ , ଉପଖଣ୍ଡ ପୋଲିସ୍ ଅଧିକାରୀ ସରୋଜ କୁମାର ଉପାଧ୍ୟାୟ,ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ , ବିଭିନ୍ନ କଲେଜ ଓ ଶିକ୍ଷାନୁଷ୍ଠାନର ଶିକ୍ଷକ , ଅଧାପକ, ବୁଦ୍ଧିଜୀବି, ଲୋକପ୍ରତିନିଧି ,ଗଣମାଧମ ପ୍ରତିନିଧି ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପ୍ରଥମେ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବିଗତବର୍ଷର ବିବରଣୀ ପାଠ କରିଥିଲେ। ବିଗତ ବର୍ଷ ଭଳି ଚଳିତବର୍ଷ ମଧ ସୂଚନା ଲୋକସମ୍ପର୍କ ବିଭାଗ ତରଫରୁ ସହରାଞ୍ଚଳରେ ପ୍ରତ୍ୟୁଷରୁ ରାମଧୁନ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତଫେରି, ସକାଳ ୭ରୁ ୭.୩୦ମଧରେ ଜାତୀୟ ପତାକା ଉତ୍ତୋଳନ ଏବଂ ଉପଖଣ୍ଡ ପ୍ରଶାସନ ପକ୍ଷରୁ ନୀଳଗିରି ପୋଲିସ ପଡ଼ିଆରେ ୯.୧୫ସମୟରେ ଆନୁଷ୍ଠାନିକ ପତାକା ଉତ୍ତୋଳନ କରାଯିବାର ସ୍ଥିରୀକୃତ ହୋଇଛି। ବିଗତ ବର୍ଷ ଭଳି ଚଳିତ ବର୍ଷା ମଧ ପ୍ୟାରେଡ଼, ସାଂସ୍କୃତିକ କାର୍ଯ୍ୟକ୍ରମ, ୪ଟି ସ୍ତରରେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀ ମାନଙ୍କ ମଧରେ ପ୍ରବନ୍ଧ, ତର୍କ, ବକ୍ତୃତା, କୁଇଜ୍ ସହିତ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବା ସହିତ କୃତି ଛାତ୍ରଛାତ୍ରୀ ମାନଙ୍କୁ ଉପଖଣ୍ଡ ତରଫରୁ ପୁରସ୍କୃତ କରାଯିବ। ଏଥିସହିତ ୨୦୨୩/୨୪ବର୍ଷରେ ଉଭୟ ଦଶମ, ଯୁକ୍ତ ଦୁଇ ଓ ଯୁକ୍ତତିନି ପରୀକ୍ଷାରେ ଉପଖଣ୍ଡ ସ୍ତରରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କ ମଧରେ ବାଳକ ବିଭାଗରେ ଜଣେ ଏବଂ ବାଳିକା ବିଭାଗରେ ଜଣେ ଲେଖାଏଁ ପୁରସ୍କୃତ କରାଯିବ। ଆଇଟିଡିଏ ତରଫରୁ ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ମଧରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀଙ୍କୁ ପୁରସ୍କୃତ କରାଯିବ। ଉପଖଣ୍ଡର ଶ୍ରେଷ୍ଠ କୃଷକ, ଶିକ୍ଷକ, ଆଶା, ଅଙ୍ଗନବାଡ଼ି କର୍ମୀଙ୍କୁ ପୁରସ୍କୃତ କରାଯିବାର ସ୍ଥିର ହୋଇଛି। ଶେଷରେ ଆୟୋଜକ କମିଟିର ଅଧକ୍ଷ ତଥା ନୀଳଗିରି ଉପଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲା ବେଳେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

AFFIDAVIT

An affidavit before the executive Magistrate Basudevpur on dated 26th june 2024, I, Nihar Ranjan Das, aged about 39 years, S/o Madhusudan Das, of A.B College Road, Basudevpur, Dist- Bhadrak, Odisha, do hereby declare that the name of my minor daughter is Pragyan Paramita Das but I want to change her name from Pragyan Paramita Das to Aanshika Das by Affidavit before the court of Executive Magistrate Basudevpur. So I have changed her name Pragyan Paramita Das to Aanshika Das. Henceforth she will be known as Aanshika Das in all purpose.

Nihar Ranjan Das

AFFIDAVIT

An affidavit before the executive Magistrate Basudevpur on dated 26th june 2024, I, Nihar Ranjan Das, aged about 39 years, S/o Madhusudan Das, of A.B College road, Basudevpur, Dist- Bhadrak, Odisha, do hereby declare that the name of my minor Son is Paramananda Das but I want to change his name from Paramananda Das to Aayansh Das by Affidavit before the court of Executive Magistrate Basudevpur. So I have changed his name Paramananda Das to Aayansh Das. Henceforth he will be known as Aayansh Das in all purpose.

Nihar Ranjan Das

## ମୟୂରଭଞ୍ଜରେ ସିକିଲସେଲ ନିରାକରଣ ପାଇଁ ମେଡିକାଲ ଅଧିକାରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ତାଲିମ ଶିବିର




ବାରିପଦା, ୩୧/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ରକ୍ତ ଶିକୁଳି ରକ୍ତହୀନତା ବା ସିକିଲ ସେଲ ନିରାକରଣ ସମ୍ବନ୍ଧୀୟ ଆବଶ୍ୟକୀୟ କାର୍ଯ୍ୟାବଳୀ ନିମିତ୍ତ ଜିଲ୍ଲାର ସମସ୍ତ ମେଡିକାଲ ଅଧିକାରୀଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ତତ୍ୱାବଧାନରେ, ସ୍ଥାନୀୟ ପ୍ରୟାସ ହଲ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ତାଲିମ ଶିବିର ତଥାସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗ ଦେଇଥିବା ବେଳେ ବରିଷ୍ଠ ଚିକିତ୍ସକ ଡଃ ଦୀନେଶ ପେଣ୍ଡାରକର, ସର୍ବୋଦୟ ହସ୍ପିଟାଲ, ଫରିଦାବାଦ ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସମସ୍ତ ମେଡିକାଲ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେବା ସହିତ ଜିଲ୍ଲାରେ ସିକିଲ ସେଲ ନିରାକରଣ ଦିଗରେ ନିଆ ଯାଉଥିବା ପଦକ୍ଷେପ ବିଷୟରେ ନିରୀକ୍ଷଣ କରିଥିଲେ। ଏହି ସମୀକ୍ଷା ବୈଠକ ତଥା ତାଲିମ ଶିବିରକୁ ଉଦ୍ଘାଟନ କରି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ ଯେ ଜିଲ୍ଲା ସ୍ତରରେ ଏହି ରୋଗର ନିରାକରଣ ପାଇଁ ଡାଟାବେସ ତିଆରି କରାଯାଇ ଦ୍ରୁତ ସ୍ୱାସ୍ଥ୍ୟଯତ୍ନ ନିଆ ଯିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆ ଯାଉଛି । ଏହି ସମସ୍ତ ସହିତ, ଦୁରାନ୍ତରେ ଥିବା ରୋଗୀ ମାନଙ୍କର ସ୍ୱାସ୍ଥ୍ୟବସ୍ଥା, ଆଶା ଏବଂ ଅଙ୍ଗନବାଡି କର୍ମୀ ମାନଙ୍କ ଦ୍ୱାରା ସାମୟିକ ନିରୀକ୍ଷଣ, ଆବଶ୍ୟକୀୟ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବା ଆଦି ପ୍ରଶାସନ ଏହାର ପ୍ରତ୍ୟେକ ରିପୋର୍ଟକୁ ତର୍ଜମା କରି ଏହି ଦିଗରେ କିଭଳି ଆହୁରି ଅଧିକ କାର୍ଯ୍ୟକାରିତା ବଢିବା, ସେଥିପାଇଁ ଚେଷ୍ଟିତ। ଏହି କର୍ମଶାଳା ତଥା ସମୀକ୍ଷା ବୈଠକରେ ସମସ୍ତ ମେଡିକାଲ ଅଧିକାରୀଙ୍କ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଡଃ ପେଣ୍ଡାରକରଙ୍କ ଭଳି ବର୍ଷିଆନ ଏବଂ ଅଭିଜ୍ଞ ଚିକିତ୍ସକଙ୍କ ଠୁ ଅନେକ କିଛି ଶିଖିବାକୁ ମିଳିବ ବୋଲି ଶ୍ରୀ ଶିନ୍ଦେ କହିଥିଲେ। ସୂଚନା ଥାଉକି ଏହି ଜିଲ୍ଲା ସ୍ତରୀୟ କର୍ମଶାଳା ଆସନ୍ତା କାଲି ମଧ ଅନୁଷ୍ଠିତ ହେବ , ଯେଉଁଥିରେ ଏହି ଦୁଇ ଦିନରେ ସମୁଦାୟ ୫୯୭ ଜଣ ମେଡିକାଲ ଅଧିକାରୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସାମିଲ ହେବେ।ଏହି ସମୀକ୍ଷା ବୈଠକ ତଥା ତାଲିମ ଶିବିରରେ ସିକଲସେଲ ରୋଗ ଏବଂ ଏହାର ନିରାକରଣ ଉପରେ ସ୍କ୍ରିନିଙ୍ଗ, ଟେଷ୍ଟିଂ ଏବଂ ଶିକ୍ଷା ପ୍ରଦାନ କରାଯିବ । ସୂଚନା ଅନୁସାରେ , ୨୦୨୩-୨୪ ବର୍ଷରେ ଜିଲ୍ଲାରେ ସମୁଦାୟ ୨,୫୩,୪୪୫ ଜଣଙ୍କ ମଧ୍ୟରୁ ୨,୩୫,୮୧୬ ଜଣଙ୍କର ସ୍କ୍ରିନିଙ୍ଗ ଏବଂ ଟେଷ୍ଟିଂ ସମାପ୍ତ ହୋଇଛି ଯାହା ୯୩ ପ୍ରତିଶତ କାର୍ଯ୍ୟକାରୀ ହୋଇପାରିଛି, ଫଳରେ ଜିଲ୍ଲାରେ ସିକିଲ ସେଲ ପଜିଟିଭ ରୋଗୀଙ୍କ ସଂଖ୍ୟା ୧୦୦୦କୁ କମି ଆସିଛି। ଆଜିର ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଅଭୟ କୁମାର ଦାଶ, ଅତିରକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିଜୟ କୁମାର ଦାଶ, ଅତିରକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ଲେପ୍ରୋସି ବିଭାଗ) ଡଃ ଶାନ୍ତନୁ କୁମାର ଦାଶ, ଡଃ ପ୍ରଣବ ଶଙ୍କର ଦାଶ, ବରିଷ୍ଠ ଚିକିତ୍ସକ, ଡଃ ଘାସିରାମ ମୁର୍ମୁ , ଡିପିଏଚଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଡିପିଏମ), ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରୀ ପ୍ରଭୁ ପ୍ରତ୍ୟନ୍ତ ପତିଙ୍କ ସମେତ ଜିଲ୍ଲାର ସମସ୍ତ ମେଡିକାଲ ଅଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଯୋଗ ଦେଇଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଆଇଏଏସ ପଦ ...

ତଦନ୍ତ ବେଳେ ୟୁପିଏସ୍ ପକ୍ଷରୁ ପୂଜାଙ୍କ ପ୍ରାର୍ଥିତ୍ୱର ଯାଞ୍ଚ ବିସ୍ତୃତ ଭାବେ କରାଯାଇଥିଲା। ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ୟୁପିଏସ୍ସି ଉପଲବ୍ଧ ଥିବା ରେକର୍ଡକୁ ଯତ୍ନର ସହ ଯାଞ୍ଚ କରିଥିଲା। ଏଥିରୁ ଜଣାପଡ଼ିଛି ଯେ ସିଏସ୍ଇ-୨୦୨୨ ନିୟମରେ ଥିବା ପ୍ରାବଧାନକୁ ସେ ଉଲ୍ଲଙ୍ଘନ କରିଛନ୍ତି। ଏଥିପାଇଁ ତାଙ୍କ ୨୦୨୨ ସିଏସଇ ପ୍ରୋଭିଜନାଲ ପ୍ରାର୍ଥିତ୍ୱକୁ ରଦ୍ଦ କରାଯାଉଛି। ଏଥିସହ ତାଙ୍କୁ ଆଗାମୀ ଭବିଷ୍ୟତରେ କମିଶନର ସମସ୍ତ ପ୍ରକାରର ପରୀକ୍ଷା ଓ ଚୟନପ୍ରକ୍ରିୟାରୁ ବ୍ୟାନ କରାଯାଉଛି। ଏହାର ଅର୍ଥ ସେ କମିଶନର କୌଣସି ପ୍ରକାରରର କାର୍ଯ୍ୟକ୍ରମରେ ପୂଜା ଖେଡକର ଭାଗ ନେଇପାରିବେ ନାହିଁ। ୟୁପିଏସ୍ସିର ବିବୃତିରେ ଆହୁରି କୁହାଯାଇଛି ଯେ ଜୁଲାଇ ୧୮ରେ ପୂଜା ଖେଡକରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ ଜବାବ ରଖିବାର ସମୟସୀମାକୁ ଜୁଲାଇ ୩୦ ଯାଏ ବୃଦ୍ଧି କରାଯାଇଥିଲା। ସମୟସୀମା ବୃଦ୍ଧି କରାଯାଇଥିଲେ ହେଁ ସେ ନିଜର ପକ୍ଷ ରଖିବାକୁ ସମର୍ଥ ହୋଇ ନଥିଲେ। ଦିବ୍ୟାଙ୍ଗ ଓ ପଛୁଆ ବର୍ଗ ସଂରକ୍ଷଣ ବ୍ୟବସ୍ଥାର ଅପବ୍ୟବହାର କରିଥିବାରୁ ଦିଲ୍ଲୀ ପୁଲିସ୍ର କ୍ରାଇମବ୍ରାଞ୍ଚ ମଧ ପୂଜାଙ୍କ ନାଁରେ ଗୋଟିଏ ମାମଲା କରିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଜଣେ ଆସିସଷ୍ଟାଣ୍ଡ କମିଶନରଙ୍କୁ ବିଭିନ୍ନ ସରକାରୀ ଅଫିସରେ ଥିବା ଦସ୍ତାବିଜ ଗୁଡ଼ିକୁ ଯାଞ୍ଚ କରିବା ପାଇଁ କୁହାଯାଇଛି। ୨୦୨୩ ବ୍ୟାଚ୍ର ଆଇଏଏସ୍ ପୂଜାଙ୍କୁ ପୁଣେରେ ଟ୍ରେନି ଅଧିକାରୀ ଭାବେ ନିଯୁକ୍ତି ମିଳିଥିଲା। ତେବେ ସେ କ୍ଷମତାର ଅପବ୍ୟହାର କରିଥିବା ଅଭିଯୋଗ ଆସିଥିବା ପରେ ତାଙ୍କୁ ୱାସିମଙ୍କୁ ବଦଳି କରାଯାଇଥିଲା। ପରେ ସେ ନିଜ ନାଁ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରମାଣପତ୍ରରେ ଜାଲିଆତି କରିଥିବା ଅଭିଯୋଗ ଆସିଥିବା।

### କେରଳ ଜଳପ୍ରଳୟ ମୃତ୍ୟୁସଂଖ୍ୟା ...

ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫ, ପୁଲିସ୍, ୩ଟି ଯାକ ସେନା ବାହିନୀର ସଦସ୍ୟ ଓ ସ୍ଥାନୀୟ ଅଧିକାରୀମାନେ ସାମିଲ ହୋଇଛନ୍ତି। ୮୨ଟି କ୍ୟାମ୍ପରେ ଥିବା ୮୦୧୭ ଜଣ ଲୋକଙ୍କ ମଧ୍ୟରେ ୧୯ ଜଣ ଗର୍ଭବତୀ ରହିଛନ୍ତି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ମେପ୍ପାଡିରେ ୮ଟି କ୍ୟାମ୍ପ କରାଯାଇ ୪୨୧ଟି ପରିବାରର ୧୪୮୬ ଜଣଙ୍କୁ ରଖାଯାଇଛି। ନଦୀରେ ଭାସି ଯାଇ ମାଲାପୁରମ୍ମ ଜିଲ୍ଲାରେ ଲାଗିଥିବା ମୃତଦେହକୁ ଉଦ୍ଧାର କରିବାକୁ ପ୍ରୟାସ ଚାଲିଛି। ମୋଟ ଉପରେ ୧୧୬୭ ଜଣ ସଦସ୍ୟ ଉଦ୍ଧାର କାର୍ଯ୍ୟରେ ଲାଗିଛି। ଏମାନଙ୍କ ମଧ୍ୟରେ ୬୪୫ ଜଣ ଅଗ୍ନିଶମ ବାହିନୀ, ୯୪ ଜଣ ଏନଡିଆରଏଫ, ୧୬୭ ଡିଏସ୍ସି, ୧୫୩ ଜଣ ଏମଇଜି ସଦସ୍ୟ ଓ ତଟରକ୍ଷୀ ବାହିନୀର ସଦସ୍ୟ ରହିଛନ୍ତି। ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗୋଟିଏ ଅସ୍ଥାୟୀ ବ୍ରିଜ ମଙ୍ଗଳବାର ତିଆରି କରାଯାଇଥିଲା। ଚୋରାଲମାଲାରୁ ଲୋକଙ୍କୁ ହସ୍ପିଟାଲ ନେବା ପାଇଁ ଏହି ବ୍ରିଜର ବ୍ୟବହାର କରାଯାଉଛି। ମାଟିତଳୁ ଲୋକଙ୍କୁ ବାହାର କରି ଏୟାରଫୋର୍ସର ହେଲିକପ୍ଟରରେ ମଧ ହସ୍ପିଟାଲ ନିଆଯାଉଛି। ମାଟି ତଳେ ବଞ୍ଚି ରହିଥିବା ଲୋକଙ୍କୁ ଠାବ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିର ସହାୟତା ନିଆଯାଇଛି। ଅବସରପ୍ରାପ୍ତ ମେଜର ଜେନେରାଲ ଇନ୍ଦ୍ରବାଲାନଙ୍କ ନାତୃତ୍ୱରେ ଏହି ଟିମ କାମ କରୁଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

### ହଜିଯିବ ବିଏସକେୱାଇ...

ଉଭୟ ଯୋଜନାର ହିତାଧିକାରୀଙ୍କୁ ମିଳିବ ତ' ସମାନ ଫାଇଦା ? ଏବେ ଲୋକଙ୍କ ମନରେ ଏହି ପ୍ରଶ୍ନ। ଏବେ ରାଜ୍ୟରେ ପ୍ରାୟ ୯୬ ଲକ୍ଷ ୫୦ ହଜାର ବିପିଏଲ ଓ ଏପିଏଲ୍ ପରିବାର ବିଏସକେୱାଇ ଅଧିନରେ ସ୍ୱାସ୍ଥ୍ୟବୀମା ସେବା ପାଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏ ସମସ୍ତ ପରିବାର ହିଁ ଦୁଇ ନୂଆ ସ୍ୱାସ୍ଥ୍ୟ ବୀମାରେ ସାମିଲ ହେବେ । କେବଳ ବିପିଏଲ୍ଙ୍କ ପାଇଁ ଉଦ୍ଦିଷ୍ଟ ଆୟୁଷ୍ମାନ ଭାରତରେ ବିଏସକେୱାଇର ପ୍ରାୟ ୬୦ ପ୍ରତିଶତ ହିତାଧିକାରୀ ସାମିଲ ହୋଇଯିବେ। ବଳକା ୪୦ ପ୍ରତିଶତ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ନିଜସ୍ୱ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ସାମିଲ କରାଯିବ। ଯଦିଓ ଆୟୁଷ୍ମାନ ଭାରତରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା ରହିଛି, ରାଜ୍ୟରେ କିନ୍ତୁ ଏହି ଯୋଜନାରେ ଇଝକଣ ଭଳି ମହିଳାଙ୍କ ଲାଗି ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଗାଇବାକୁ ମୋଡାଲିଟି ପ୍ରସ୍ତୁତ କରୁଛି ସ୍ୱାସ୍ଥ୍ୟ ବିଭାଗ। ଏମିତିକି ଉଭୟ ଯୋଜନାର ହିତାଧିକାରୀ ଯେଭଳି ଆୟୁଷ୍ମାନ ଭାରତ ଓ ବିଏସକେୱାଇ ଅନୁବନ୍ଧିତ ହସ୍ପିଟାଲରେ ଚିକିତ୍ସା ସେବା ପାଇପାରିବେ, ତାହାର ବି ବ୍ୟବସ୍ଥା ରହିବ। ପ୍ରଚଳିତ ଇଝକଣ କାର୍ଡ ବଦଳରେ ହିତାଧିକାରୀଙ୍କ ପାଇଁ ପ୍ରଚଳିତ ହେବ ନୂଆ ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ। ଖୁବ୍ଶୀଘ୍ର ଏହାର ରୂପରେଖ ଚୂଡ଼ାନ୍ତ ହେବ।

### ସରକାରଙ୍କ ସ୍କାନରରେ ଭୂତ...

ନିର୍ବାଚନ ବେଳେ ସେଇମାନେ ବିଜେଡି ପାଇଁ ଟଙ୍କା ବାଣ୍ଟୁଥିଲେ । ଯଦି ଏବେ ସେମିତି କେହି ଦୁର୍ନୀତି କରନ୍ତି ସେମାନଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ। ଯାହାକୁ ନେଇ ରାଜନୈତିକ ବୟାନ ବାଜି ଜୋର୍ ଧରିଛି। ଏପଟେ ଗ୍ରାଉଣ୍ଡ ଜିରୋରେ ସ୍ଥିତି ସମାନ। ନବରଙ୍ଗପୁର ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ନୂଆଗାଁର କମେଲି ମାଝୀ । କିଛି ଦିନ ତଳେ ତାଙ୍କ ସ୍ୱାମୀ ଗୁଣ୍ଡୁଚୁ ମାଝୀଙ୍କ ମୃତ୍ୟୁ ପରେ ତାଙ୍କ ନାଁ କଟା ଯାଇଥିବା କହି କାର୍ଡରେ ମାତ୍ର ୨୦ କେଜି ଚାଉଳ ଦେଲା ଡିଲର । ହେଲେ ଅନଲାଇନରୁ ଜଣା ପଡିଲା ୨୫ କେଜି ଚାଉଳ ଉଠୁଛି । ଏହି ୫ କେଜି ଚାଉଳକୁ କିଏ ହଡପ କରିଛି, ତାର ତଦନ୍ତ ଆବଶ୍ୟକ ବୋଲି କହିଛନ୍ତି କମେଲି । ଏପଟେ ଯୋଗ୍ୟ ଲୋକ ତାଲିକାରୁ ବାଦ ପଡିବା ବି ଉଦାହରଣ ଅନେକ । ପେଟକୁ ଦାନା ନଥିବା, ଭଙ୍ଗା ଦଦରା କୁଡ଼ିଆ ତଳେ ରହୁଥିବା ଲୋକେ ରାସନକାର୍ଡରୁ ବଞ୍ଚିତ । ଗଞ୍ଜାମ ବେଲଗୁଣ୍ଠା ବ୍ଲକ ଧୂମୁଛାଇ ପଂଚାୟତ ଡ଼ିମିରିପଲ୍ଲୀ ଗାଁରେ ରହୁଥିବା ବାବୁଲା ନାୟକ ଓ ତାଙ୍କ ପତ୍ନୀ ଶୈଳ ନାୟକ ହେଉଛନ୍ତି ଏକ ଉଦାହରଣ । ବର୍ଷ ବର୍ଷ ହେଲା ଆବେଦନ କରି ବି ପାଇ ନାହାନ୍ତି ରାସନ କାର୍ଡ।

### ସରକାର ଚିଠି କଲେ ବେଆଇନ ...

ଭାଙ୍ଗିଦେବୁ ବୋଲି ସୁଲୋଚନା ଦାସ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଅନେକ ଜାଗାରେ ବିଲଡର ଜାଗା ବିକି ପଳେଇଛନ୍ତି । ବିଏମସିର ତା ଉପରେ କଣ୍ଟ୍ରୋଲ ନାହିଁ । ଆପାର୍ଟମେଣ୍ଟ ନିର୍ମାଣ ବେଳେ ତାହା ପଂଚାୟତରେ ଥିଲା । ଆଉ ଏବେ ସେଗୁଡ଼ିକ ବିଏମସି ନିୟନ୍ତ୍ରଣକୁ ଆସିଛି। ବେଆଇନ ନିର୍ମାଣ ହେବା ଫଳରେ ପ୍ରାକୃତିକ ଜଳାଶୟଗୁଡିକ ଜବରଦଖଲ ହୋଇରହିଛି । ଯାହା ଫଳରେ ଡ୍ରେନେଜ୍ ଅବ୍ୟବସ୍ଥା ଦେଖା ଦେଇଛି । ବିଧିବଦ୍ଧ ଭାବରେ ସରକାରଙ୍କ ଚିଠି ଆସିଲେ ଆମେ ବେଆଇନ ଆପାର୍ଟମେଣ୍ଟ ଭାଙ୍ଗିବୁ ବୋଲି ସେ କହିଛନ୍ତି । ସେପଟେ ବେଆଇନ ଆପାର୍ଟମେଣ୍ଟ ନିର୍ମାଣକୁ ନେଇ ରିୟଲ ଇଷ୍ଟେଟ୍ କର୍ମୀ କହିଛନ୍ତି ରାଜ୍ୟରେ ହଜାର ହଜାର ବେଆଇନ୍ କୋଠାବାଡ଼ି ନିର୍ମାଣ ହୋଇଛି । ଯେଉଁମାନେ କଷ୍ଟ ଅର୍ଜିତ ଟଙ୍କାରେ ଫ୍ଲାଟ କିଣିଛନ୍ତି ସେଗୁଡିକ ମଧ୍ୟରୁ ଅଧିକାଂଶ ବିଲଡିଂର ଫାୟାର ସେଫଟି ସାର୍ଟିଫିକେଟ୍, ଅକୁପେନସି ସାର୍ଟିଫିକେଟ୍, ପ୍ଲାନ୍ ଆପ୍ରୋଭାଲ୍ ସାର୍ଟିଫିକେଟ୍ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ସାର୍ଟିଫିକେଟ୍ ନାହିଁ । ଅପରପକ୍ଷେ କ୍ରେଡାଇ କହିଛି ବହୁ ବର୍ଷ ପୂର୍ବରୁ ଆପାର୍ଟମେଣ୍ଟଗୁଡିକ ତିଆରି ହୋଇ ତାହା ଲୋକଙ୍କୁ ହସ୍ତାନ୍ତର ହୋଇଛି । ସରକାର ଏବେ ନୂଆ ନିୟମ ଆଣିଛନ୍ତି । ତେଣୁ ପୁରୁଣା ଆପାର୍ଟମେଣ୍ଟଗୁଡ଼ିକୁ ନୂଆ ନିୟମରୁ ବାଦ ଦେବାକୁ ଦାବି କରିଛି ରିୟଲ ଇଷ୍ଟେଟ୍ ସଂଘ । ନୂଆ ଆପାର୍ଟମେଣ୍ଟ ଅଧିନିୟମ ସତ୍ତ୍ୱେ ରାଜ୍ୟରେ ପ୍ରତିଦିନ ଛତୁ ଫୁଟିଲା ପରି ଗଢିଉଠୁଛି ବେଆଇନ୍ କୋଠାବାଡ଼ି । ଏହା ଉପରେ କିପରି ରୋକ୍ ଲାଗିପାରିବ ତାହା ଏବେ ବଡ଼ ପ୍ରଶ୍ନ ।

### ଗ୍ରାହକ ସାଜି ୭...

ଦାନ୍ତ ମାଫିଆଙ୍କ ସହିତ ଯୋଗାଯୋଗ କରିଥିଲେ। ମାଫିଆମାନେ ସେଥିରେ ରାଜି ହୋଇଥିଲେ। ତା'ପରେ ଡିଲ୍ ପାଇଁ ବିଦ୍ୟାଧରପୁର ଗାଁକୁ ଡାକିଥିଲେ। ସେଠାରେ ଡିଲ୍ ଚାଲିଥିବା ବେଳେ ପୂର୍ବରୁ ସାଦା ପୋଷାକରେ ସଜାଗ ଥିବା ଶିମିଳିପାଳ ସ୍ପେଶାଲ୍ ଟିମ୍, ଏସ୍ଟିଏଫ୍, ଜେଟିଏଫ୍ ଟିମ୍ ମିଳିତ ଭାବେ ଚଢ଼ଉ କରି ଦାନ୍ତ ମାଫିଆଙ୍କୁ ମାଡ଼ି ବସିଥିଲା। ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ବନ ବିଭାଗ ନାଉରୀ ସାଏ, ସାଇମଲ ସିଂ, ଅଜୟ ବାରିକ, ନିତ୍ୟାନନ୍ଦ ଗାଗରାଇ, ସୁନୀଲ ହୋ, ନିରଞ୍ଜନ ବେହେରା ଓ ବୀରଭଦ୍ର ସିଂଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ ଖଣ୍ଡ ହାତୀ ଦାନ୍ତ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି। ତେବେ ଗିରଫ ଅଭିଯୁକ୍ତମାନେ କେବେଠାରୁ ଏହି କାର୍ଯ୍ୟରେ ଲିପ୍ତ ଥିଲେ, ତାହା ଜଣାପଡ଼ି ନାହିଁ। ବନ ବିଭାଗ ତାହା ଉପରେ ତଦନ୍ତ ଚଳାଇଛି।

### ପ୍ରଧାନମନ୍ତ୍ରୀ ମୋଦିଙ୍କ...

ମେଣ୍ଟ ଜାତି ଭିତ୍ତିକ ଜନଗଣନା କଥା କହୁଥିବାରୁ ଏହାକୁ ଅନୁରାଗ ଠାକୁର କଟାକ୍ଷ କରିଥିଲେ। ସେ କହିଥିଲେ. "ଯେଉଁମାନଙ୍କର ଜାତି ଜଣାନାହିଁ, ସେମାନେ ଜାତିଗତ ଜନଗଣନା କଥା କହୁଛନ୍ତି।" ଏହି ସମୟରେ ସେ କାହାର ନାଁ ନେଇ ନଥିଲେ। ଏହାପରେ ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ଯେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ତାଙ୍କୁ ଅପମାନିତ ଓ ଦୁର୍ବ୍ୟବହାର କରିଛନ୍ତି। କିନ୍ତୁ ସେ ତାଙ୍କ ଠାରୁ କୌଣସି ପ୍ରକାରର କ୍ଷମା ପ୍ରାର୍ଥନା ଚାହୁଁ ନଥିବା କହିଥିଲେ।

### କେରଳ ଭୂସ୍ଖଳନରେ ...

ସୂଚନା ଅନୁଯାୟୀ ଡାକ୍ତର ବିଷ୍ଣୁ ପ୍ରସାଦ ଓ ତାଙ୍କ ଅଧ୍ୟାପିକା ପତ୍ନୀ ପ୍ରିୟଦର୍ଶିନୀ ପାଲ ଓ ଡାକ୍ତର ସ୍ୱାଧୀନ ପଣ୍ଡା ଓ ପତ୍ନୀ ସ୍ୱୀକୃତି ମହାପାତ୍ର ଗତ ୨୬ ତାରିଖରେ ବାଙ୍ଗାଲୁରୁ ବୁଲିବା ପାଇଁ ଯାଇଥିଲେ। ସେମାନେ ସେଠାରୁ କେରଳ ଯାଇ ୱାଇନାଡର ଲିନରା ଭିଲ୍ଲାରେ ରହିଥିଲେ। ସୋମବାର ରାତିରେ କେରଳର ୱାୟନାଡ଼ର ମେପାଡ଼ି ପାହାଡ଼ ଭୂସ୍ଖଳନ ହେବା ଯୋଗୁ ମାଟି ମିଶା ବନ୍ୟା ପାଣି ବିଭିନ୍ନ ଜନବସତୀ ଅଂଚଳକୁ ମାଡ଼ି ଆସିଥିଲା। ଫଳରେ ସମସ୍ତେ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ପ୍ରିୟଦର୍ଶିନୀ ପାଲ ଓ ସ୍ୱୀକୃତି ମହାପାତ୍ରଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସେମାନେ ଏବେ କେରଳର ଏକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମାତ୍ର ବିଷ୍ଣୁ ପ୍ରସାଦ ଓ ସ୍ୱାଧୀନଙ୍କ ପତା ମିଳି ପାରୁ ନ ଥିବା ବେଳେ ଆଜି ବିଷ୍ଣୁ ପ୍ରସାଦଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନାଯୋଗ୍ୟ ଯେ କେରଳର ୱାୟନାଡ଼ର ମେପାଡ଼ି ପାହାଡ଼ ଭୂସ୍ଖଳନ ଘଟଣାରେ ମୃତ୍ୟୁ ସଂଖ୍ୟା ୧୫୬ ଟପିଲାଣି।

ଗୁରୁବାର, ୦୧ ଅଗଷ୍ଟ , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ମିଶନ ଶକ୍ତିର ମନମୁଖୀ କାର୍ଯ୍ୟ: ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ



ବାଲିଆପାଳ/ଲଙ୍ଗଳେଶ୍ୱର, ୩୧/୭ (ନି.ପ୍ର): ମହିଳାମାନଙ୍କ ଉନ୍ନତି ଓ ସଶକ୍ତିକରଣ ପାଇଁ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି କରି ବିଭିନ୍ନ ପ୍ରୋତ୍ସାହନ ଦେଉଛନ୍ତି। ଏହାର ଫଳ ଏବେ ଓଲଟା ହେବାରେ ଲାଗିଛି। ମିଶନ ଶକ୍ତିର ମହିଳା ମାନଙ୍କ ମଧ୍ୟରେ ପ୍ରିୟା ପ୍ରୀତି ତୋଷଣ ଓ ବିଶୃଙ୍ଖଳା ଲାଗିରହିଛି। ଏଭଳି ଏକ ଘଟଣା ଘଟିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ପଞ୍ଚାୟତରେ। ଏହି ପଞ୍ଚାୟତର ଷାଠିଏଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଛି। ପ୍ରତି ଦଶଟି ଗ୍ରୁପକୁ ନେଇ ଗୋଟିଏ ମଞ୍ଚ କମିଟି ଓ ପ୍ରତି ଗ୍ରୁପରୁ ଦୁଇଜଣ ଲେଖାଏ ନିର୍ବାଚିତ ହୋଇ ଗ୍ରାମ ପଞ୍ଚାୟତ ସ୍ତରୀୟ କମିଟି ଗଠନ କରାଯାଇଛି। ଦୀର୍ଘ ତିନି ବର୍ଷ ବିତିଯାଇଥିଲେ ହେଁ ସାଧାରଣ ସଭା ଡକାଯାଇ ନାହିଁ। ସଭାପତି,ସମ୍ପାଦକ ମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି । ଅର୍ଥ ଆତ୍ମସାତ କରି ହିସାବ ଦେଉ ନାହାଁନ୍ତି , ମହିଳା ମାନଙ୍କ ଉନ୍ନତି ହେବା ତ ଦୂରର କଥା କିଛି ସୂଚନା ଟିକିଏ ଦେଉ ନାହାଁନ୍ତି । ଶୀଘ୍ର କମିଟି ପରିବର୍ତ୍ତନ କରିବା, ଅର୍ଥର ହିସାବ ଦେବା ସହିତ ସମସ୍ତ ଦାବି ପୂରଣ ପାଇଁ ବାଲିଆପାଳ ବିଡ଼ିଓଙ୍କଠାରେ ବୁଧବାର ତିରିଶଟି ଗ୍ରୁପର ପ୍ରତିନିଧି ରଞ୍ଜୁଲତା ଗିରିଙ୍କ ନେତୃତ୍ୱରେ ନାରୀନେତ୍ରୀ ସାରଦା ଗିରି, ସଞ୍ଜୁ ଲତା ଦାସ ଅଧିକାରୀ, ଗୀତରାଣୀ ଗିରି,ସୁମତି ବାରିକ,ସୁଭଦ୍ରା ପ୍ରଧାନ,ମାହେଶ୍ୱରୀ ଗିରି, ସୁଲଚନା ଗିରି,ଶକୁନ୍ତଳା ପ୍ରଧାନ,ସୁଷମା ଗିରି,ସୁଷମା ପ୍ରଧାନ,କଞ୍ଚନା ଗିରି, ବାସନ୍ତୀ ସେଠୀ, ସୁମତି ବାରିକ,କବିତା ଗିରି ପ୍ରମୁଖ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।ଏ ବାବଦରେ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଦାବିପତ୍ର ଗ୍ରହଣ କଲି ଏବଂ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବୈଶିଙ୍ଗାଠାରେ କୁଡୁମୀ ସେନାର ସାଧାରଣ ବୈଠକ




ବେତନଟୀ , ୩୧/୭ (ନି.ପ୍ର): ବ୍ଲକ ରୁ ସୃଷ୍ଟି ଲାଭ କରିଥିବା 'କୁଡୁମୀ ସେନା' ନିଜ ଜାତି କୁ ଆଦିବାସୀ ମାନ୍ୟତା ଦାବିରେ ଚଳାଇ ଥିବା ଆନ୍ଦୋଳନ ସାରା ଦେଶକୁ ବ୍ୟାପିବାରେ ଲାଗିଥିବା ଜଣାଯାଇଛି। ଏହାର ପ୍ରତିଷ୍ଠାତା ଜୈମୁନୀ କୁମାର ମହାନ୍ତ ପ୍ରଥମେ ବୈଶିଙ୍ଗା, ବେତନଟୀ, ବଡସାହି, ରାସଗୋବିନ୍ଦପୁର, ବାରିପଦା ଆଦି ସ୍ଥାନରେ ନିଜର ସଂଗଠନକୁ ମଜବୁତ କରିବା ପରେ ସାରା ରାଜ୍ୟ ରେ ବିଭିନ୍ନ ସ୍ଥାନ ରେ ବୈଠକ ମାନ କରି ନିଜ କୁଡୁମୀ ଜାତି କୁ ଏକାଠି କରି ପାରିଥିଲେ। ଏଥିପାଇଁ ରାଜ୍ୟ ରାଜଧାନୀରେ ହଜାର ହଜାର ଜାତି ଭାଇ ମାନଙ୍କୁ ଏକ କରି ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ମାରକପତ୍ର ମଧ୍ୟ ଦେଇଥିଲେ । ଏହାପରେ ପଡୋଶୀ ଝାଡଖଣ୍ଡ, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼, ଆସାମ, ଆଦି ରାଜ୍ୟ ରେ ସଂଗଠନ ର ଆନ୍ଦୋଳନ କୁ ସୁଦୃଢ଼ କରିବା ପରେ ଦିଲ୍ଲୀ ରାଜ ରାସ୍ତାରେ ହଜାର ହଜାର ସଂଖ୍ୟାରେ ଶୋଭାଯାତ୍ରାରେ ଯାଇ ମହାମହିମ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେଇଥିଲେ। ବର୍ତ୍ତମାନ ପଶ୍ଚିମବଙ୍ଗ ରେ ପ୍ରତି ଗ୍ରାମ ମାନଙ୍କରେ ଆନ୍ଦୋଳନ ଜାରି ରହିଥିବା ସୂଚନା ମିଳିଛି । ଖୁବ୍ ଶୀଘ୍ର ନୂଆ ସରକାର ର ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ମଧ ଏକ ସ୍ମାରକ ଦେବା ଉଦ୍ଦେଶ୍ୟ ରେ ଗତ ୨୧ ତାରିଖ ଦିନ ବାରିପଦା ଠାରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଥିଲା ! ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବା ସହିତ ସାରା ଭାରତ ବର୍ଷ ରେ ଥିବା ସମସ୍ତ କୁଡୁମୀ ଜାତି କୁ ଏକତ୍ର କରି ଦିଲ୍ଲୀ ରେ ସଂସଦ ଭବନ କୁ ଘେରାଉ କରାଯିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି ଜୈମୁନୀ କୁମାର ମହାନ୍ତ।

# ବନ୍ୟା ଅଞ୍ଚଳ ପରିଦର୍ଶନ କଲେ ବରିଷ୍ଠ ବିଜେପି ନେତା ଶ୍ୟାମା ପ୍ରସାଦ ବେହେରା

ବସ୍ତା, ୩୧/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ମୁକୁଳିସି ପଞ୍ଚାୟତ ରେ ପଳପଳା ନଦୀର ଉପର ମୁଣ୍ଡା ମୟୁରଭଞ୍ଜ, ବାରିପଦା, ମରଡା, ଚିତ୍ରଡା, ରାସଗୋବିନ୍ଦପୁର, ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଇତ୍ୟାଦି ପ୍ରଜେକ୍ଟ କାର୍ଯ୍ୟ ହେବ ବୋଲି ଦୁଇଗୋଟି ଘାଇ ଥିବାରୁ ଏହିପରି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ଶ୍ୟାମା ପ୍ରସାଦ ବେହେରା ପହଞ୍ଚି ବନ୍ୟା ଅଞ୍ଚଳ



ସ୍ଥାନରେ ଗତ ଦୁଇ ଦିନ ଧରି ପ୍ରବଳ ବର୍ଷା ଲାଗିରହିଥିବା ଫଳରେ ପଳପଳା ନାଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଯାହା ଫଳରେ ରେଣୁପଦା, ଦରଡ଼ା, ଶେଣ୍ଡ୍ରୀ ସିମୁଳିଆ, କୋଠୀଆ, ମୁକୁଳିସି, ଦୁନ୍ଦ ଇତ୍ୟାଦି ବହୁ ଗ୍ରାମରେ ବନ୍ୟା ଜଳ ପ୍ରଭାବିତ ହେଉଥିବା ବେଳେ ହେକ୍ଟର ହେକ୍ଟର ଚାଷଜମି ରେ ବନ୍ୟା ଜଳ ଲହଡ଼ି ଖେଳୁଛି। ପଳପଳା ନାଳରେ ବନ୍ଧ ଥାଇ ମଧ ଏକ ପରିଦର୍ଶନ କରିବା ସହ, ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଗ୍ରାମ ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ବିଜେପି ନେତା ରାସ ବିହାରୀ ଦାସ ଅଧିକାରୀ, ମନୋଜ କୁମାର ସାମଲ, ଅନିରୁଦ୍ଧ ପ୍ରଧାନ, ପରିକ୍ଷିତ ନାୟକ, ମକର ମୁର୍ମୁ, ଗଣେଶ ମୁର୍ମୁ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ରତ୍ନାକର ମହାପାତ୍ର ଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ତୋ ପାଇଁ ମୁଁ ଗାଉଛି ଗୀତର ଶୁଭ ମହୁରତ




ଭୁବନେଶ୍ୱର, ୩୧/୭ (ନି.ପ୍ର): ଆରୋହୀ ମିଡ଼ିଆ ହାଉସ ପ୍ରସ୍ତୁତ ଏକ ପାରିବାରିକ ତଥା ସଙ୍ଗୀତ ଭିତ୍ତିକ ଓଡ଼ିଆ ଚଳଚ୍ଚିତ୍ର ତୋ ପାଇଁ ମୁଁ ଗାଉଛି ଗୀତ ର ଶୁଭ ମହୁରତ ରାଜଧାନୀ ର ଏକ ତାରକା ହୋଟେଲ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଶୁଭ ମହୁରତ ଅବସରରେ ଅତିଥି ଭାବେ ସିନେ ଜଗତର ବରିଷ୍ଠ ପ୍ରଯୋଜକ ତଥା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ପ୍ରଯୋଜକ ଅକ୍ଷୟ ପରିଜା, ପ୍ରଯୋଜକ ଜୁବୁଲି ସୁନ୍ଦର ରାୟ,ଯୁଗଳ ଦେବତା,ବରିଷ୍ଠ ଅଭିନେତା ଅସିତ ପତି, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଯୋଜକ ସୁମନ୍ତ କୁମାର ସଅ, ଶ୍ରୀତମ ଦାସ,ସଂଳାପକାର ଡ଼ ରଜନୀ ରଞ୍ଜନ, ପ୍ରିୟବ୍ରତ ପଣ୍ଡା , ଅଭିନେତା ଆକାଶ ସୋନି, ଅଭିନେତ୍ରୀ ଡୋନା ସାମନ୍ତ ଙ୍କ ସମେତ ନିର୍ଦ୍ଦେଶକ ଅଶ୍ୱିନୀ ଗଡ଼ନାୟକ, ସଂଳାପକାର ଡଃ ରଜନୀ ରଞ୍ଜନ, ପ୍ରଚାର ଓ ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଚଳଚ୍ଚିତ୍ର ର ପରିକଳ୍ପନା ସହିତ ଚିତ୍ରନାଟ୍ୟ ରଚନା ଏବଂ ପ୍ରଯୋଜନା କରିଛନ୍ତି ସୁମନ୍ତ କୁମାର ସଅ । କାହାଣୀ ରଚନା କରିଛନ୍ତି ଅସିତ ପତି ଏବଂ ସଂଳାପ ରଚନା କରିଛନ୍ତି ଡଃ ରଜନୀ ରଞ୍ଜନ। ଶତାଧିକ ଚଳଚ୍ଚିତ୍ରର ସହଯୋଗୀ ନିର୍ଦ୍ଦେଶକ ଭାବେ କାମ କରିଥିବା ତଥା ମିଷ୍ଟର ରୋମିଓ, ମାୟା ଭଳି କେତେ ଗୁଡିଏ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ଗଡ଼ନାୟକ ଏହାର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି । ଡଃ ନିର୍ମଳ ନାୟକଙ୍କ ଗୀତକୁ ସୁନ୍ଦର ଭାବେ ସଙ୍ଗୀତ ର ରୂପ ଦେଇଛନ୍ତି ଅଭିଜିତ ମଜୁମଦାର । ଚିତ୍ରତ୍ତୋଳନ ରେ ଅଛନ୍ତି ଚିତ୍ତରଞ୍ଜନ ବିଶ୍ୱାଳ । ଚଳଚ୍ଚିତ୍ର ତୋ ପାଇଁ ମୁଁ ଗାଇବି ଗୀତ ଏକ ସମ୍ପୂର୍ଣ୍ଣ ପାରିବାରିକ ସହିତ ସଙ୍ଗୀତମୟ ଚଳଚ୍ଚିତ୍ର । ସଙ୍ଗୀତ ପାଇଁ ମଣିଷର ତ୍ୟାଗ, ପରିବାର ପ୍ରତି ତ୍ୟାଗ ଏଥିରେ ପ୍ରତିଫଳିତ ହୋଇଛି । ପ୍ରେମ, ପ୍ରଣୟ ସବୁ କିଛି ଫେଣ୍ଟାଫେଣ୍ଟି ଭିତରେ ସଙ୍ଗୀତ ପାଇଁ ଥିବା ତ୍ୟାଗ କୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଯୋଉ ତ୍ୟାଗ ପାଇଁ ନାୟକ ସଫଳତାର ସିଢ଼ି ଚଢିବାରେ ସୁଯୋଗ ପାଉଛି । ଏମିତି କିଛି ସଙ୍ଗୀତ ଭିତ୍ତିକ ଧାରା ରେ କାହାଣୀ ଗଢ଼ା ହୋଇ ମହୁରତ ପରେ ସୁଟିଂ ଫ୍ଲୋର କୁ ଓହ୍ଲାଇଛି 'ତୋ ପାଇଁ ମୁଁ ଗାଇବି ଗୀତ' ଚଳଚ୍ଚିତ୍ର । ଚଳଚ୍ଚିତ୍ର ର ବଳିଷ୍ଠ କାହାଣୀ ଏବଂ ଚଳଚ୍ଚିତ୍ର ସହିତ ଜଡିତ ଥିବା ଦମଦାର ଟିମ୍ ଉପରେ ଅନେକ ବିଶ୍ୱାସ ରଖିଛନ୍ତି ପ୍ରଯୋଜକ । ବିଗତ ଦିନ ମାନଙ୍କରେ ସଫଳତା ପାଇଥିବା ଅନେକ ସଙ୍ଗୀତ ଭିତ୍ତିକ ଚଳଚ୍ଚିତ୍ର ଭିତରୁ ତୋ ପାଇଁ ମୁଁ ଗାଇବି ଗୀତ ଢେର ସଫଳତା ପାଇବ ଏବଂ ଦର୍ଶକାଦୃତ ହେବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି । ଏହି ଚଳଚ୍ଚିତ୍ର ର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ମିଡ଼ିଆ ପ୍ଲାନର ର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ।

# ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଗୁରୁତର ଅସୁସ୍ଥ

ନୀଳଗିରି, ୩୧/୭ (ନି.ପ୍ର): ବରିଷ୍ଠ ଆଇନଜୀବି ତଥା ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଗୁରୁତର ଅସୁସ୍ଥ ହୋଇ ଥିବା ଜଣାଯାଇଛି। ସୂଚନାରୁ ଜଣାଯାଇଛି, ଦୀର୍ଘ ଦିନ ଧରି ମଧୁମେହ ରୋଗ ରେ ପୀଡ଼ିତ ଥାଇ ଇନ୍ ସୁଲିନ ନେଉଥିଲେ। ହଠାତ୍ ଦେହ ଅସୁସ୍ଥ ହେବାରୁ, ତାଙ୍କୁ ଭୁବନେଶ୍ୱର ନିଆଯାଇଥିଲା। ସେଠାରେ ବର୍ତ୍ତମାନ ସେ କର କ୍ଲିନିକରେ ଚିକିତ୍ସିତ ହେଉଥିବା ବେଳେ, ତାଙ୍କର ଅନେକ ଶୁଭେଚ୍ଛୁ, ବୁଦ୍ଧିଜୀବି, ଓକିଲ ବନ୍ଧୁ ତଥା ନୀଳଗିରି ର ବହୁ ସଧାରଣ ଜନତା, ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୦ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୩୧/୭ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୮୦ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୬ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୭.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୩.୪୪ଟଙ୍କା ଥିବା ବେଳେ ଡିଜେଲ ୮୯.୯୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୪.୯୫ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୧.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୨.୩୪ଟଙ୍କା ରହିଛି ।

# ବରିଷ୍ଠ ସାମ୍ବାଦିକ ଅମର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୩୧/୭ (ନି.ପ୍ର): ବରିଷ୍ଠ ସାମ୍ବାଦିକ ଅମର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରି ସାମ୍ବାଦିକତା ଏବଂ ସମାଜସେବା ପ୍ରତି ତାଙ୍କର ଅବଦାନର ଗୁଣଗାନ କରିଥିଲେ। ଭଦ୍ରକ ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଇଂ ଅଭୟ ସୂତାର ପୌରୋହିତ୍ୟ କରିଥିଲେ। ଘନଶ୍ୟାମ ଲେଙ୍କା ବେଦପାଠ, ଅତିଥି ପରିଚୟ ସାମ୍ବାଦିକ ଅଶୋକ କୁମାର ନାୟକ ଓ ସ୍ୱାଗତ ଭାଷଣ ଆଇନଜୀବୀ ଦେବାଶିଷ ମହାପାତ୍ର ଦେଇଥିଲେ। ଓଡ଼ିଶା ଗାନ୍ଧୀ ବାଲାଶ୍ରମ, ଗରଦପୁରର ସମ୍ପାଦକ ଅଶୋକ ଦାସ ଓ ଅନ୍ତେବାସୀଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଭଜନ ଗାନ କରାଯାଇଥିଲା। ଉତ୍ସବରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ପ୍ରତିନିଧି ଶେଖର ମହାପାତ୍ର, ଆଜିକାଲି ସମ୍ବାଦପତ୍ରର ସମ୍ପାଦକ ନିର୍ମାଲ୍ୟ ମହାନ୍ତି, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଆଇପିଆର୍‌ଓ ରମେଶ ଚନ୍ଦ୍ର ନାୟକ, ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ, ବିଶିଷ୍ଟ



ସମାଜସେବୀ କିଶୋର ମହାପାତ୍ର, ବରିଷ୍ଠ ଡାକ୍ତର ଆର୍.କେ. ନାୟକ, ଡାକ୍ତର ହରେକୃଷ୍ଣ ନାୟକ, ଶିକ୍ଷାବିତ୍ ଶୈଳେନ୍ଦ୍ର ମହାପାତ୍ର, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାଚରଣ ଦାସ, ବରିଷ୍ଠ ଆଇନଜୀବୀ ନିରାକାର ଜେନା, ସ୍ତମ୍ଭକାର ଡ. ପ୍ରଫୁଲ୍ଲ ସାହୁ, ଡ. ଶଶଧର ଦାସ, ଡ. ରାମଚନ୍ଦ୍ର ପଣ୍ଡା, ଡ. ଗୋଲକ ବିହାରୀ ସାହୁ, ଡ. ଭାଗବତ ତ୍ରିପାଠୀ, ଡ. ମନୀନ୍ଦ୍ର ମହାନ୍ତି, ଡ. ଉତ୍ପଳା ନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର, ଶିକ୍ଷାବିତ୍ ବାଦଲ ମହାପାତ୍ର, କମଳାକାନ୍ତ ସ୍ୱାଇଁ, ହରମୋହନ କୁଅଁର, କଥାକାର ପବିତ୍ର ପାଣିଗ୍ରାହୀ, ବାବୁଲାଲ ଦାସ, ସୁଧାକର ରାଉତ, ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସମ୍ପାଦକ କୈଳାସ ମହାପାତ୍ର, ମଳୟ ଜେନା, ଶିକ୍ଷାବିତ୍ ଶାନ୍ତନୁ ରାଉତ, କ୍ରୀଡ଼ାବିତ୍ ଉପେନ୍ଦ୍ର ବାରିକ, ସାହିତ୍ୟିକ ବସନ୍ତ ଦାଶ, ପିସିସି ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାନ୍ତି, ଇଂ ଅମ୍ବିକା ସ୍ୱାଇଁ, ଡାକ୍ତର ବେଣୁଧର ସ୍ୱାଇଁ, ଡା. ସଂଗୀତା ବଳ, ଡା. ସଂଘମିତ୍ରା ମହାନ୍ତି, ସାଇପ୍ରସାଦ ମହାପାତ୍ର, ଶିଶୁ ସାହିତ୍ୟିକ ଶଶଧର ମହନୀ, ସମାଜସେବୀ ଏସ୍.ଏମ୍. ଫାରୁକ୍, ପଣ୍ଡିତ ଦୈତାରୀ ମହାପାତ୍ର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ଶିବଚରଣ ଖାମୁରାଇ, ବରିଷ୍ଠ ସାମ୍ବାଦିକ ଦୁର୍ଗାଶଙ୍କର ବିଶ୍ୱାଳ, ପ୍ରମୋଦ ରାୟ, ଜ୍ଞାନ ପ୍ରକାଶ ପାଣି, ବିଭୁତି ଭୂଷଣ ଗ୍ରହାଚାର୍ଯ୍ୟ, ରାଜେନ୍ଦ୍ର ଜେନା, ରବିନାରାୟଣ ଖିଲାର, ଦିଲିପ ନାୟକ, କିଶୋର ନାୟକ, ଅଶେଷ ନାୟକ, ଦେବବ୍ରତ ନାୟକ, ପୂର୍ଣ୍ଣଚନ୍ଦ୍ର ବହଳୀ, କବି ରମେଶ ଚନ୍ଦ୍ର ସ୍ୱାଇଁ, କବି ଡା. ଗୋଲକ ପ୍ରସାଦ ବୈୟାରୀ, ଅଧ୍ୟାପକ ସଂଗ୍ରାମ ମହାନ୍ତି, ସାହିତ୍ୟିକ କୈଳାସ ଚନ୍ଦ୍ର ପଣ୍ଡା, ସମାଜସେବୀ ବିଦ୍ୟାଧର ସାହୁ, କବୟିତ୍ରୀ ଗୀତାରାଣି ଆଇଚ, ସମାଜସେବୀ ଦୁର୍ଗାପ୍ରସାଦ ମହାନ୍ତି, ପ୍ରଭାତ ଜେନା, ସଦାନନ୍ଦ ମହାପାତ୍ର, ଶୁଭାଶିଷ ସ୍ୱାଇଁ, ନିରାକାର ପଣ୍ଡା, ସୂର୍ଯ୍ୟକୁମାର ଦାସ, ଇନ୍ଦ୍ରମଣି ପଣ୍ଡା, ଦୁଃଶାସନ ମହାନ୍ତି, ସମାଜସେବୀ ଧରଣୀଧର ମହାପାତ୍ର, ପୂର୍ବତନ କାଉନସିଲର ଗଜେନ୍ଦ୍ର ପଣ୍ଡା, ନୃସିଂହ ପଣ୍ଡା, ମିଳନ ମହାନ୍ତି, ଚନ୍ଦନ ମହାନ୍ତି ପ୍ରମୁଖ ସ୍ୱର୍ଗତ ଅମର ନାୟକ ଜଣେ ନିର୍ଭୀକ, ନିରହଙ୍କାରୀ, ସଚ୍ଚୋଟ ସାମ୍ବାଦିକ ସହିତ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଅବର୍ଣ୍ଣନୀୟ। ପଶୁପକ୍ଷୀଙ୍କ ପ୍ରତି ତାଙ୍କର ଅନାବିଳ ଭଲପାଇବା ଥିବାରୁ ପ୍ରତିଦିନ ସେମାନଙ୍କୁ ଖାଦ୍ୟ ଦେବା ତାଙ୍କର ନିୟମିତ କାର୍ଯ୍ୟଥିଲା ବୋଲି ସ୍ମୃତିଚାରଣ କରି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଦେଇଥିଲେ ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାରିକ।

# ବାଲେଶ୍ୱରରେ ପ୍ରତିଷ୍ଠା ହେବ ନୂତନ ସାଇନ୍ସ ପାର୍କ

## ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତର ରଖିଲେ ବିଜ୍ଞାନ କାରିଗରୀ ମନ୍ତ୍ରୀ

ବାଲେଶ୍ୱର, ୩୧/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଏକ ଜିଲ୍ଲାସ୍ତରୀୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିଧାନସଭାର ପ୍ରଶ୍ନକାଳରେ ସଦର ବିଧାୟକ ମାନସ କୁମାର ଦତ୍ତ ପ୍ରଶ୍ନ କରିଥିଲେ। ଏହା ସହିତ ରାଜ୍ୟର କେଉଁ କେଉଁ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି ଏଂ କେଉଁ ବ୍ୟବସ୍ଥାରେ କେତେ ଅର୍ଥ ବ୍ୟୟ ହେବ ସେ ବାବଦରେ ବିଧାୟକ ଶ୍ରୀ ଦତ୍ତ ଜାଣିବାକୁ ଚାହିଁଥିଲେ ଓ ସେହିପରି କେଉଁ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ସ୍ଥାପନ ହୋଇସାରିଛି ତାହାର ଉତ୍ତର ରଖିବାକୁ ଶ୍ରୀ ଦତ୍ତ ବିଜ୍ଞାନ ଓ କାରିଗରୀ ବିଭଗ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବାଲେଶ୍ୱର ଜିଲ୍ଲାରେ ଏକ ଜିଲ୍ଲାସ୍ତରୀୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ଯୋଜନା ରହିଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ଓ ରେମୁଣା ପୌରାଞ୍ଚଳରେ ସମେତ ଅନ୍ୟ ଦୁଇ ତିନୋଟି ସ୍ଥାନ ଜାଗା ଚିହ୍ନଟ କରଯାଇଛି ଓ ଚିହ୍ନଟ ହୋଇଥିବା ଜମିକୁ ପ୍ରଥମେ ଜିଲ୍ଲା ପ୍ରଶାସନସ୍ତରରେ ତର୍ଜମା ସହ ରାଜ୍ୟ ସରକାରଙ୍କ ନିକଟକୁ ସମ୍ଭାବ୍ୟତା ବିବରଣୀ ପ୍ରଦାନ ପରେ ବିଜ୍ଞାନ ଓ କାରିଗରୀ ବିଭାଗର ଅଧିକାରୀ ଏବଂ ଜିଲ୍ଲା ରାଜସ୍ୱ ଅଧିକାରୀ ସମ୍ପୃକ୍ତ ଜମିର ମିଳିତ ନିରୀକ୍ଷଣ ପୂର୍ବକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ନେଇ ଜାଗାର ଚୁଡାନ୍ତ ନିଷ୍ପତି ନେବେ । ଚୂଡ଼ାନ୍ତ ହୋଇଥିବା ଜମି ବିଷୟରେ ଜିଲ୍ଲାପାଳଙ୍କ ନିକଟରୁ ପ୍ରସ୍ତାବ ଆସିବା ପରେ ବିଜ୍ଞାନ ଓ କାରିଗରୀ ବିଭାଗ ବିଜ୍ଞାନ କେନ୍ଦ୍ର ସ୍ଥାପନ ନେଇ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାୟକ ଶ୍ରୀ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି । ପୂର୍ବରୁ ଶ୍ରୀକୋଣା ମୌଜରେ ଏହି କେନ୍ଦ୍ର ପ୍ରତିଷ୍ଠା ଜିଲ୍ଲାପାଳ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ମାତ୍ର ପ୍ରସ୍ତାବିତ ଜମିର କିସମ ଜଙ୍ଗଲ ହୋଇଥିବାରୁ ସେଥିରେ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ସମ୍ଭବପର ହୋଇପାରି ନଥିବା ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲାରେ ପର୍ଯ୍ୟାୟ କ୍ରମେ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ଏ ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟରେ ଜିଲ୍ଲା ବିଜ୍ଞାନ କେନ୍ଦ୍ରର ପ୍ରତିଷ୍ଠା ହୋଇସାରିଛି । ଗଞ୍ଜାମ, ଭଦ୍ରକ, ବଲାଙ୍ଗିର ଏବଂ ସୁନ୍ଦରଗଡରେ ବିଜ୍ଞାନ କେନ୍ଦ୍ର ନିର୍ମାଣଧୀନ ରହିଛି । ଚଳିତ ବର୍ଷ ଜଗତସିଂହପୁର, କଳାହାଣ୍ଡି, ବୌଦ୍ଧ, ଝାରସୁଗୁଡା, କେନ୍ଦ୍ରାପଡା, ନୂଆପଡ଼ା ଏବଂ ଗଜପତି ଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ଓ ଭାରତ ସରକାରଙ୍କ ଅଧୀନ ନ୍ୟାସନାଲ ପ୍ରୋଜେକ୍ଟସ୍ କନଷ୍ଟ୍ରକସନ୍ କର୍ପୋରେସନ ଲିମିଟେଡ (ଏନପିସିସି), ନ୍ୟାସନାଲ ବିଲଡିଂ କନଷ୍ଟ୍ରକସନ୍ କର୍ପୋରେସନ ଲିମିଟେଡ (ଏନବିସିସି) ଏଂ ଓଡ଼ିଶା ସରକାରଙ୍କ ଅଧୀନ ଇଡକୋ ଓ ଓଡ଼ିଶା କନଷ୍ଟ୍ରକସନ୍ କର୍ପୋରେସନ ଲିମିଟେଡ (ଓସିସିଏଲ୍) ମାଧ୍ୟମରେ ଏହି ପ୍ରକଳ୍ପର ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଓ ପ୍ରତ୍ୟେକ ବିଜ୍ଞାନ କେନ୍ଦ୍ର ପାଇଁ ମୋଟାମୋଟି ୬.୫ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିବା ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି ।

# ପିଲାଏ ବୁଝୁ ନାହାଁନ୍ତି ଭାଷା, ପାଠ ପଢ଼ିବେ କେମିତି ?: ଭାଷା ଶିକ୍ଷକ ନିଯୁକ୍ତି ପାଇଁ ଦାବି

ଉଦଳା , ୩୧/୭ (ନି.ପ୍ର): କପ୍ତିପଦା ବ୍ଲକର ଚକ୍ରଧରପୁର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାହାଁନ୍ତି ଭାଷା ଶିକ୍ଷକ / ଶିକ୍ଷୟିତ୍ରୀ । ଉକ୍ତ ବିଦ୍ୟାଳୟରେ ପାଠ ପଢୁଥିବା ଅଧିକାଂଶ ପିଲା 'ହୋ' ଭାଷା ଭାଷି ହୋଇଥିବା ବେଳେ, କିଛି ପିଲା 'ସାନ୍ତାଳ' ଭାଷା ଭାଷି ଅଟନ୍ତି । ଏହିସବୁ ପିଲା ମାନଙ୍କୁ ଓଡ଼ିଆ ଭାଷାରେ ପାଠ ପଢ଼ା ଯାଉଛି । ଭାଷା ବୁଝିବା




ପାଇଁ ପିଲାଙ୍କୁ କଷ୍ଟ ହେଉଥିବା ବେଳେ ଏଠାରେ ଭାଷା ଶିକ୍ଷକ / ଶିକ୍ଷୟିତ୍ରୀଙ୍କର ଆବଶ୍ୟକତା ଜରୁରି ହୋଇ ପଡ଼ିଛି । ଏହି ବିଦ୍ୟାଳୟରେ ତୁରନ୍ତ ଜଣେ ଭାଷା ଶିକ୍ଷକ / ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେବାକୁ ସ୍ୱେଚ୍ଛାସେବି ସଂଗଠନ ଜନଜାଗୃତି ମଂଚ ସମେତ ବିଦ୍ୟାଳୟ ପରିଚାଳନା କମିଟି ଓ ଅବିଭାବହକ ମହଲରେ ଦାବି ହେଉଛି ।

# ସାମାନ୍ୟ ବର୍ଷାରେ ଧୋଇଗଲା ପୋଖରୀ ସୌନ୍ଦର୍ଯ୍ୟୀକରଣ କାମ

ଜଳେଶ୍ୱର , ୩୧/୭ (ନି.ପ୍ର): ଜଳେଶ୍ୱର ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ପୋଖରୀ ପୁନରୁଦ୍ଧାର ଓ ଏହାର ହୁଡାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମ୍ୟୁନିସିପାଲଟିର ୧୩ନଂ ୱାର୍ଡ ନନ୍ଦିକା ଗ୍ରାମରେ ଥିବା ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାପାର୍ଶ୍ୱ ଥିବା ଏକ ଶ୍ମଶାନ ନିକଟ ପୋଖରୀର ପୁନରୁଦ୍ଧାର ଓ ଏହାର ଚାରିପାଖ ହୁଡାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚଳିତ ଏପ୍ରିଲ ୭ ତାରିଖରେ ଆରମ୍ଭ ହୋଇଥିଲା । ନୀଳମାଧବ ସ୍ୱୟଂସହାୟକ ଗୋଷ୍ଠୀ, ସୁଭଦ୍ରା ସ୍ୱୟଂସହାୟକ ଗୋଷ୍ଠୀ, ବିଶ୍ୱ ପଲ୍ଲୀଶ୍ରୀ ସ୍ୱୟଂସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ଦିଆଯାଇଥିଲା । ୩୧ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ହେବାକୁଥିବା ଏହି କାର୍ଯ୍ୟ ଜୁଲାଇ ୨୫ତାରିଖରେ ଶେଷ ହେବାର ଥିଲା । କିନ୍ତୁ ସ୍ୱୟଂସାୟାକ ଗୋଷ୍ଠୀଙ୍କ ବଦଳରେ ଠିକାଦାର



ଦ୍ୱାରା ଏ ସମସ୍ତ କାର୍ଯ୍ୟ ତରବରିଆଭାବେ ସମ୍ପନ୍ନ ହୋଇଥିବା ବେଳେ ହୁଡାରେ ଫେବର ବିଛାଯାଇଥିଲା । ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଗତ ସମାନ୍ୟ ବର୍ଷାରେ ପୋଖରୀ ହୁଡାର ପାଦଚଲା ରାସ୍ତାଟି ଧୋଇ ଯାଇଛି । ଏ ସଂପର୍କରେ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳିନଥିଲା । ଏପରି ନିମ୍ନମାନର କାର୍ଯ୍ୟର ତଦନ୍ତ କରାଯିବାକୁ ଅଂଚଳବାସୀ ଦାବୀ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo